ଆମର ପ୍ରତିବଦ୍ଧତା
ସରକାର ଓ ପ୍ରଶାସନ
ସହ ଜନସାଧାରଣଙ୍କ
ସମ୍ପର୍କର ସେତୁ
ନିଷ୍କର୍ଷ

RNI REGD. No. : ODIODI/2020/78909

# ନିଷ୍କର୍ଷ
# NISHKARSHA

Email : nishkarsha.media@gmail.com
Email for Advt. : nishkarsha.advt@gmail.com
Youtube Channel : Nishkarsha Media
www.nishkarsha.com
www.nishkarsha.in
NISHKARSHA MEDIA ENTERTAINMENT & PUBLICATION

♦ VOLUME - 05 ♦ ISSUE- 20 ♦ CUTTACK ♦ WEEKLY ♦ 13 TO 19 - MAY 2024 ♦ 8 PAGE ♦ RATE- 5/- ■ ବର୍ଷ - ୦୫ ♦ ସଂଖ୍ୟା -୨୦ ♦ କଟକ ♦ ସାପ୍ତାହିକ ♦ ୧୩ ରୁ ୧୯-ମଇ ୨୦୨୪ ♦ ପୃଷ୍ଠା-୮ ♦ ମୂଲ୍ୟ- ୫ ଟଙ୍କା

## ଭୋଟ ଦେଲେ ପ୍ରଧାନମନ୍ତ୍ରୀ ମୋଦି, କହିଲେ- ମତଦାନ ସାମାନ୍ୟ ଦାନ ନୁହେଁ



**ଅହମ୍ମଦାବାଦ(ଏଜେନ୍ସି):** ଦେଶରେ ତୃତୀୟ ପର୍ଯ୍ୟାୟ ନିର୍ବାଚନ ପାଇଁ ଆରମ୍ଭ ହୋଇଛି ମତଦାନ। ଦେଶର ୯୪ ସିଟ୍ ପାଇଁ ମତଦାନ ହେଉଥିବା ବେଳେ ଭୋଟ ଦେଇଛନ୍ତି ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି। ଅହମ୍ମଦାବାଦର ନିଶାନ୍ ହାୟର ସେକେଣ୍ଡାରୀ ସ୍କୁଲ ବୁଥରେ ଆଜି ସକାଳୁ ଭୋଟ୍ ଦେଇଛନ୍ତି ମୋଦି। ମୋଦି ଗତ ରାତିରେ ଗାନ୍ଧିନଗରସ୍ଥିତ ରାଜଭବନରେ ରହିଥିବା ବେଳେ ଆଜି ସକାଳ ସାଢେ ୭ଟାରେ ଭୋଟ ଦେବା ନିମନ୍ତେ ମତଦାନ କେନ୍ଦ୍ରରେ ପହଞ୍ଚିଥିଲେ। ସେଠାରେ ପୂର୍ବରୁ ଉପସ୍ଥିତ କେନ୍ଦ୍ରୀୟ ଗୃହ ମନ୍ତ୍ରୀ ଅମିତ ଶାହ ମୋଦିଙ୍କ ସ୍ୱାଗତ କରିଥିଲେ। ଏଥିସହ ମୋଦିଙ୍କ ଗୋଟିଏ ଝଲକ ପାଇବାକୁ ସକାଳୁ ସକାଳୁ ଲୋକଙ୍କ ପ୍ରବଳ ଭିଡ଼ ବୁଥ୍ ବାହାରେ ଦେଖିବାକୁ ମିଳିଥିଲା। ମତଦାନ ପରେ ପ୍ରଧାନମନ୍ତ୍ରୀ ବାହାର ଥିବା କିଛି ସାଧାରଣ ଜନତାଙ୍କୁ ନିଜର ଅଟୋଗ୍ରାଫ ଦେଇଥିଲେ । ଏଥିପାଇଁ ସେଠାରେ ସୁରକ୍ଷା ବ୍ୟବସ୍ଥା କଡ଼ାକଡ଼ି କରାଯାଇଥିଲା । ଏହି ଅବସରରେ ମୋଦି ଦେଶର ଜନସାଧାରଣଙ୍କୁ ଅପିଲ କରି କହିଛନ୍ତି, ମତଦାନ ଏକ ସାମାନ୍ୟ ଦାନ ନୁହେଁ। ଏହା ଦେଶକୁ ଆଗକୁ ନେଇଯିବା ପାଇଁ ଅତ୍ୟନ୍ତ ଜରୁରୀ। ଗଣତନ୍ତ୍ରର ଏହି ପର୍ବରେ ସମସ୍ତଙ୍କ ଭାଗିଦାରୀ ଜରୁରୀ। ତେଣୁ ନିଜ କର୍ତ୍ତବ୍ୟରୁ ପଛକୁ ନ ହଟିବାକୁ ସେ ଦେଶବାସୀଙ୍କୁ ଆହ୍ୱାନ ଦେଇଥିଲେ। ଏଥିସହ ମୋଦି କହିଥିଲେ, ମତଦାନ ଦ୍ୱାରା ଆମ ଦେଶର ଆଗାମୀ ଭବିଷ୍ୟତ ନିର୍ଦ୍ଧାରିତ ହେବ । ତେଣୁ

ଅବଶିଷ୍ଟାଂଶ ୭ ପୃଷ୍ଠାରେ ►

## ବିଜେଡି ଜାରି କଲା ଘୋଷଣା ପତ୍ର : ଫୋକସରେ ଯୁବ ଭୋଟର

**ଭୁବନେଶ୍ୱର(ଏନ୍.ଏମ୍.):** ବିଜେପି ପରେ ଆଜି ବିଜେଡି ଜାରି କରିଛି ନିର୍ବାଚନ ଇସ୍ତାହାର। ନିର୍ବାଚନ ବୈତରଣୀ ପାର୍ ହେବାକୁ ବିଜେଡି ତା' ଇସ୍ତାହାରରେ ବଡ଼ବଡ଼ ପ୍ରତିଶ୍ରୁତି ଦେଇଛି। ବିଶେଷ କରି ଦଳ ଫୋକସ୍ରେ ଅଛନ୍ତି ଯୁବ ଭୋଟର ଓ ମଧ୍ୟବିତ୍ତ ବର୍ଗର ଲୋକ। ଦଳ ୨୪ ବର୍ଷର ଶାସନ ଭିତରେ ଯାହା କରିନଥିଲା, ସେ ସବୁ କୁଆଡ଼େ ଆଗାମୀ ୫ ବର୍ଷ ଭିତରେ କରିଦେବ ବୋଲି ଘୋଷଣାପତ୍ରରେ ଦମ୍ଭୋକ୍ତି ଦେଖାଇଛି। ଦଳ ଦାବି କରିଛି ଯେ, ଗତ ୨୪ ବର୍ଷ ମଧ୍ୟରେ ବିଜେଡି ସରକାର ଓଡ଼ିଶାକୁ ଏକ ଗରିବ, କ୍ଷୁଧା ପ୍ରବଣ, ପ୍ରାକୃତିକ ବିପର୍ଯ୍ୟୟ ଦ୍ୱାରା କବଳିତ ପଛୁଆ ରାଜ୍ୟରୁ ଆଧୁନିକ ଅଭିବୃଦ୍ଧି ଭିତ୍ତିକ, ସଂସ୍କୃତି ଓ ଅସ୍ମିତାର ପରିଚୟ ଭିତ୍ତିକ ରାଜ୍ୟରେ ପରିଣତ କରିପାରିଛି। ପ୍ରଭୁ ଜଗନ୍ନାଥଙ୍କ କୃପା ଓ ଜନସାଧାରଣଙ୍କ ଆଶୀର୍ବାଦ ସହିତ ଏହି ଲୋକାଭିମୁଖୀ ମନିଫେଷ୍ଟୋରେ ଉପସ୍ଥାପିତ ହୋଇଥିବା ଗ୍ୟାରେଣ୍ଟି ଗୁଡିକ ୫-ଟି ଗଭର୍ନାନ୍ସ ମାଧ୍ୟମରେ କାର୍ଯ୍ୟକାରୀ ହେବ। ଓଡ଼ିଶା ଗଠନର ଶହେ ବର୍ଷ ପାଳନ କରିବାର ୨ ବର୍ଷ ପୂର୍ବରୁ ୨୦୩୪ ସୁଦ୍ଧା ଓଡ଼ିଶାକୁ ଏକ ନମ୍ବର ରାଜ୍ୟରେ ପରିଣତ ହେବ ବୋଲି ବିଜେଡି କହିଛି। ଘୋଷଣାପତ୍ରରେ ବିଜେଡି ଆହୁରି କହିଛି ଯେ ଓଡ଼ିଶାର ଯୁବକମାନଙ୍କ ନିମନ୍ତେ ୧୦ ବର୍ଷ ପାଇଁ ଏକ ଲକ୍ଷ କୋଟି ଟଙ୍କାର ଅଲଗା ବଜେଟ୍ ରଖାଯିବ। ଏହି ଯୁବ ବଜେଟ୍ ଜଳବାୟୁ ଓ ଜେଣ୍ଡର ବଜେଟ୍ ଭଳି ବିଧାନସଭାରେ ଉପସ୍ଥାପିତ ହେବ। ଯୁବକମାନଙ୍କ ଦ୍ୱାରା ଦିଆଯାଇଥିବା



ଅବଶିଷ୍ଟାଂଶ ୭ ପୃଷ୍ଠାରେ ►

## ଭୁବନେଶ୍ୱରରେ ହେବ ୧୧୧ କିଲୋମିଟର ରିଂ ରୋଡ୍ : ଗଡ଼କାରୀ

**ଭୁବନେଶ୍ୱର (ଏନ୍.ଏମ୍.):** ରାଜଧାନୀ ଭୁବନେଶ୍ୱରରେ ହେବ ୧୧୧ କିଲୋମିଟରର ରିଂ ରୋଡ୍। ଏହା ୬ ଲେନ୍ ବିଶିଷ୍ଟ ହେବ। ଏ ବାବଦରେ ଖର୍ଚ୍ଚ ହେବ ୬, ୫୦୦ କୋଟି ଟଙ୍କା। ଆସନ୍ତା ଅକ୍ଟୋବରରୁ କାମ ଆରମ୍ଭ ହେବ। ଏହି ରିଂ ରୋଡ୍ ସରିଲେ କଟକ-ଭୁବନେଶ୍ୱର-ଖୋର୍ଦ୍ଧା ଯା'ଆସ ସହଜ ହେବ। ତା'ସହ ଚିଲିକା ଉପରେ ନିର୍ମାଣ ହେବ ପୋଲ। ଆଜି ପୁରୀ କୃଷ୍ଣପ୍ରସାଦରେ ବିଜେପିର ବିଜୟ ସେତୁ ସଂକଳ୍ପ ସମାବେଶରେ ଯୋଗ ଦେଇ ଏହି ସୂଚନା ଦେଇଛନ୍ତି କେନ୍ଦ୍ର ପରିବହନ ମନ୍ତ୍ରୀ ନୀତିନ ଗଡ଼କରୀ। ଗଡ଼କରୀ ଆହୁରି ମଧ୍ୟ କହିଛନ୍ତି, ଏହି ଦୁଇ ପୋଲ ନିର୍ମାଣ ହେଲେ ଦୁଇ ଏନ୍ଏଚ୍ ଯୋଡ଼ି ହେବ। ଗୋଟିଏ ପୋଲ ୧ କିମି ଓ ଅନ୍ୟଟି ଅଢ଼େଇ କିମିର ୨ ଲେନ୍ ବିଶିଷ୍ଟ ହେବ। ଏଥିପାଇଁ ଡିପିଆର ପ୍ରସ୍ତୁତି ଚାଲିଛି। ନିର୍ବାଚନ ସରିଲେ ଟେଣ୍ଡର ଡକାଯିବ। ସେହିପରି ରାମେଶ୍ୱର-ପୁରୀ-କୋଣାର୍କ-ଦୀଘା ୧୭୭ କିମି ରାସ୍ତା ୪ ଲେନ ବିଶିଷ୍ଟ ହେବ। ଏଥିପାଇଁ ୮୫୦୦ କୋଟି ଟଙ୍କା ଖର୍ଚ୍ଚ ହେବ। କଟକ-ପାରାଦୀପ ୮୭ କିମିର ରାସ୍ତା ୪ ଲେନ୍ ବିଶିଷ୍ଟ ହେବ। ଏଥିସହ ୨ ଶହ କୋଟି ଟଙ୍କାରେ ପାରାଦୀପରେ ନିର୍ମାଣ ହେବ ଏୟାରପୋର୍ଟ। ରାୟପୁର-ବିଶାଖାପାଟଣା ୬ ଲେନ୍ ରାସ୍ତାର ୪୬୫ କିମି ଭିତରୁ ଓଡ଼ିଶାରେ ରହିଛି ୨୪୦



ଅବଶିଷ୍ଟାଂଶ ୭ ପୃଷ୍ଠାରେ ►

## ଜାତିସଂଘରେ ଋତୁସ୍ରାବ ଛୁଟି ପାଇଁ ଓଡ଼ିଆ ଝିଅଙ୍କ ନିବେଦନ

**ନୂଆଦିଲ୍ଲୀ(ଏଜେନ୍ସି):** ଜାତିସଂଘରେ ଋତୁସ୍ରାବ ଛୁଟି ପାଇଁ ଓଡ଼ିଆ ଝିଅଙ୍କ ନିବେଦନ। କେନିଆର ନାଇରୋବିରେ ମିଳିତ ଜାତିସଂଘର ନାଗରିକ ସମାଜ ସମ୍ମିଳନୀରେ ଓଡ଼ିଆ ଝିଅ ରଞ୍ଜିତା ପ୍ରିୟଦର୍ଶିନୀ 'ପେଡ୍ ପିରିଅଡ୍ ଲିଭ୍' ନେଇ ଉଠାଇଥିବା ପ୍ରସଙ୍ଗ ବିଶ୍ୱବ୍ୟାପୀ ଦୃଷ୍ଟି ଆକର୍ଷଣ କରିଛି। ମିଳିତ ଜାତିସଂଘର ସିଭିଲ୍ ସୋସାଇଟି ସମ୍ମିଳନୀରେ 'ପେଡ୍ ପିରିୟଡ୍ ଲିଭ୍' ଲାଗୁ କରିବା ପାଇଁ ଭଦ୍ରକ ଜିଲ୍ଲାର ଝିଅ ରଞ୍ଜିତା ନିବେଦନ କରିଛନ୍ତି। ବିଶ୍ୱବ୍ୟାପୀ କୋଟି କୋଟି ମହିଳା ନିଜ କର୍ମକ୍ଷେତ୍ରରେ ଋତୁସ୍ରାବ ସମୟରେ




ଅବଶିଷ୍ଟାଂଶ ୭ ପୃଷ୍ଠାରେ ►

## ଅରବିନ୍ଦ କେଜ୍ରିୱାଲଙ୍କୁ ମିଳିଲା ଅନ୍ତରୀଣ ଜାମିନ : ୨ ତାରିଖରେ କରିବେ ଆତ୍ମସମର୍ପଣ



**ନୂଆଦିଲ୍ଲୀ(ଏଜେନ୍ସି):** ଦିଲ୍ଲୀ ଅବକାରୀ ନୀତି ଦୁର୍ନୀତି ମାମଲାରେ ଗିରଫ ହୋଇଥିବା ମୁଖ୍ୟମନ୍ତ୍ରୀ ଅରବିନ୍ଦ କେଜ୍ରିୱାଲଙ୍କୁ ଅନ୍ତରୀଣ ଜାମିନ ପ୍ରଦାନ କରିଛନ୍ତି ସୁପ୍ରିମକୋର୍ଟ। ଜୁନ୍ ୧ ତାରିଖ ପର୍ଯ୍ୟନ୍ତ ତାଙ୍କୁ ମିଳିଛି ଅନ୍ତରୀଣ ଜାମିନ। ତା'ପର ଦିନ ଅର୍ଥାତ୍ ଜୁନ୍ ୨ ତାରିଖରେ ତାଙ୍କୁ ଆତ୍ମସମର୍ପଣ କରିବାକୁ କୋର୍ଟ ଦେଇଛନ୍ତି ନିର୍ଦ୍ଦେଶ। ଜଷ୍ଟିସ୍ ସଞ୍ଜୀବ ଖନ୍ନା ଓ ଦୀପଙ୍କର ଦତ୍ତାଙ୍କୁ ନେଇ ଗଠିତ ବେଞ୍ଚ ଏହି ନିର୍ଦ୍ଦେଶ ଦେଇଛନ୍ତି। ଦିଲ୍ଲୀ ଅବକାରୀ ନୀତି ଦୁର୍ନୀତି ମାମଲାରେ ତାଙ୍କର ଗିରଫଦାରୀକୁ ଚ୍ୟାଲେଞ୍ଜ କରିବା ସହିତ ଚଳିତ ଲୋକସଭା ନିର୍ବାଚନରେ ପ୍ରଚାର କରିବା ପାଇଁ ଅନ୍ତରୀଣ ଜାମିନ ପ୍ରଦାନ କରିବାକୁ ଅରବିନ୍ଦ କେଜ୍ରିୱାଲ ସୁପ୍ରିମକୋର୍ଟରେ ଆବେଦନ କରିଥିଲେ। କେଜ୍ରିୱାଲଙ୍କ ପକ୍ଷରୁ ଆଡଭୋକେଟ ଅଭିଷେକ ମନୁ ସିଂଘଭି ଅନ୍ତରୀଣ ଜାମିନକୁ ଜୁନ୍ ୫ ପର୍ଯ୍ୟନ୍ତ ଦିଆଯାଇପାରିବ କି ବୋଲି ପଚାରିବାରେ ଜଷ୍ଟିସ୍ ସଞ୍ଜୀବ ଖନ୍ନା ସିଧାସଳଖ ମନା କରି ଦେଇଥିଲେ। ଇଡି ତରଫରୁ କୋର୍ଟରେ ଉପସ୍ଥିତ ରହି ସୋଲିସିଟର ଜେନାରାଲ ତୁଷାର ମେହତା କହିଥିଲେ ଯେ ଏହି ମାମଲା ସଂପର୍କରେ କେଜ୍ରିୱାଲ କିଛି କହିବା ଉଚିତ୍ ନୁହେଁ। ସେହିଭଳି ସେ ଧାର୍ଯ୍ୟ ତାରିଖରେ ଆତ୍ମସମର୍ପଣ କରିବା ଉଚିତ୍। ଗତ ମାର୍ଚ୍ଚ ୨୧ ତାରିଖରେ ଇଡି ଦ୍ୱାରା ଗିରଫ ହୋଇଥିବା ଦିଲ୍ଲୀ ମୁଖ୍ୟମନ୍ତ୍ରୀ ଅରବିନ୍ଦ କେଜ୍ରିୱାଲ ଏବେ ତିହାର ଜେଲରେ ଅଛନ୍ତି। ଆଜି ସେ ଜେଲ୍ରୁ ବାହାରି ପାରନ୍ତି। ଏହା ଆପ୍ର ନେତା ଓ କର୍ମୀଙ୍କ ମନୋବଳକୁ ବଢ଼ାଇବ ବୋଲି କୁହାଯାଉଛି। କାରଣ ଦଳ ପାଇଁ ଏବେ ପ୍ରଚାର କରିପାରିବେ କେଜ୍ରିୱାଲ। ବିଶେଷ କରି ଦିଲ୍ଲୀ ଓ ପଞ୍ଜାବରେ ଦଳ କ୍ଷମତାରେ ଥିବାରୁ ଏହି ଦୁଇ ସ୍ଥାନରେ କେଜ୍ରିୱାଲ ଜୋରଦାର ପ୍ରଚାର କରିବେ ବୋଲି କୁହାଯାଉଛି। ଦିଲ୍ଲୀରେ ମେ' ୨୫ ତାରିଖରେ ଭୋଟ୍ ହେବାକୁ ଥିବା ବେଳେ ପଞ୍ଜାବରେ ଜୁନ୍ ୧ ତାରିଖରେ ମତଦାନ ହେବ। କେଜ୍ରିୱାଲ ଜେଲ୍ରୁ ବାହାରିବା ପରେ ତୃଣମୂଳ କଂଗ୍ରେସ ମୁଖ୍ୟ ତଥା ପଶ୍ଚିମବଙ୍ଗ ମୁଖ୍ୟମନ୍ତ୍ରୀ ମମତା ବାନାର୍ଜୀ, ଶିବସେନା (ୟୁବିଟି) ନେତା ତଥା ଉଦ୍ଧବ ଠାକରେଙ୍କ ପୁଅ

ଅବଶିଷ୍ଟାଂଶ ୭ ପୃଷ୍ଠାରେ ►

## ନିର୍ବାଚନ ଜିତିଲେ ଛାଡ଼ି ଦେବି ବଲିଉଡ

**ମୁମ୍ବାଇ(ଏଜେନ୍ସି):** ବଲିଉଡ଼ର ଚର୍ଚ୍ଚିତ ନାୟିକା କଙ୍ଗନା ରଣାଓ୍ୱତଙ୍କୁ ନେଇ ଏବେ ଚର୍ଚ୍ଚା ଜୋର ଧରିଛି। କୌଣସି ବ୍ୟକ୍ତିଗତ କି ଚଳଚିତ୍ର ଜଗତର ଘଟଣାକୁ ନେଇ। ସେ ରାଜନୀତିରେ ପାଦ ଦେବା ସହ ନିର୍ବାଚନରେ ବିଜୟୀ ହେଲେ ବଲିଉଡ଼କୁ ବାଏ ବାଏ କହିବେ ବୋଲି ଘୋଷଣା କରିଛନ୍ତି। ତେବେ ଏହାକୁ ନେଇ ତାଙ୍କ ଫ୍ୟାନମାନେ ମଧ୍ୟ ନୈରାଶ୍ୟ ଭାବ ପ୍ରଦର୍ଶନ କରିବା ସହ ପୂର୍ବଭଳି କୁଇନ୍ କଙ୍ଗନା ରଣାଓ୍ୱତ ଚଳଚିତ୍ର ଜଗତରେ ରୁହନ୍ତୁ ବୋଲି ମତ ଦେଉଛନ୍ତି। ଯଦି ସେ ନିର୍ବାଚନ ଜିତନ୍ତି ତେବେ ବଲିଉଡ ଛାଡି ଦେବେ। ପୂରାପୁରି ରାଜନୀତିରେ ସକ୍ରିୟ ରହି ଲୋକଙ୍କ ପାଇଁ କାମ କରିବେ। ଏକଥା ଆମେ କହୁନୁ। ନିକଟରେ ଏକ ସାକ୍ଷାତକାର୍ରେ ଏଭଳି କିଛି ଘୋଷଣା କରିଛନ୍ତି ଖୋଦ୍ ଅଭିନେତ୍ରୀ କଙ୍ଗନା ରଣାଓ୍ୱତ। କଙ୍ଗନା ନିକଟରେ ଏକ ସାକ୍ଷାତକାର୍ରେ ଇସାରା କରି କହିଛନ୍ତି ଯେ, ଯଦି ସେ ନିର୍ବାଚନ ଜିତନ୍ତି ତେବେ ଧୀରେ ଧୀରେ ବଲିଉଡକୁ ବାଏ ବାଏ କହିବେ। କାରଣ ସେ କେବଳ ଗୋଟିଏ କାମ ଉପରେ ଧ୍ୟାନ ଦେବାକୁ ଚାହାଁନ୍ତି। ଲୋକେ ଯଦି ମୋ ସହ ଯୋଡି ହେବାକୁ ଚାହାନ୍ତି ତେବେ ମୁଁ କେବଳ ରାଜନୀତି ହିଁ କରିବି। କହିବାକୁ ଗଲେ ଗୋଟେ ସମୟରେ ମୁଁ କେବଳ ଗୋଟିଏ ହିଁ କାମ କରିବାକୁ ଚାହେଁ ବୋଲି କଙ୍ଗନା କହିଛନ୍ତି। ସେ ଆହୁରି କହିଛନ୍ତି, 'ଯଦି ଲୋକଙ୍କୁ ମୋର ଆବଶ୍ୟକତା ଦରକାର ପଡେ ତେବେ ମୁଁ ସେହି ଦିଗକୁ ହିଁ ଯିବି। ଯଦି ମୁଁ ମଣ୍ଡିରୁ ଜିତେ, ତେବେ ମୁଁ କେବଳ ରାଜନୀତି କରିବି। ଅନେକ ଚଳଚ୍ଚିତ୍ର ନିର୍ମାତା ମୋତେ ରାଜନୀତି କରିବାକୁ ମନା କରୁଛନ୍ତି। କିନ୍ତୁ ମୁଁ ଲକୋଙ୍କ ଆଶା ପୂରଣ କରିବି। ମୁଁ ଏକ ସୁବିଧାଜନକ ଜୀବନ ଅତିବାହିତ କରିଛି, ଯଦି ବର୍ତ୍ତମାନ ମୁଁ ଲୋକଙ୍କ ସହ ଯୋଡିବାର ସୁଯୋଗ ପାଇଛି, ତେବେ ଏହାକୁ ମଧ୍ୟ ମୁଁ ଗ୍ରହଣ କରିବି।' ବଲିଉଡରେ ଧମାଲ କରିବା ପରେ ରାଜନୀତିରେ ଏଣ୍ଟ୍ରି କରିଛନ୍ତି କୁଇନ୍ କଙ୍ଗନା ରଣାଓ୍ୱତ। ଏଥର ଲୋକସଭା ନିର୍ବାଚନରେ ବିଜେପି ତାଙ୍କୁ ପ୍ରାର୍ଥୀ କରିଛି। ହିମାଚଳ ପ୍ରଦେଶର ମଣ୍ଡି ଆସନରୁ ଦଳ ତାଙ୍କୁ ଟିକେଟ୍ ଦେଇଛି। ଏଥିପାଇଁ ସେ ଜୋରସୋରରେ ପ୍ରଚାରରେ ମଧ୍ୟ ଲାଗି ପଡିଛନ୍ତି।



## କୁମ୍ଭକର୍ଣ୍ଣ ନିଦ୍ରାରେ ଶୋଇଛି ପ୍ରଶାସନ

## ପାଣି ନେଲାଣି ୫୦ ଜୀବନ; ଭୟରେ ଗାଁ ଛାଡୁଛନ୍ତି ଲୋକ !

**ଖଣ୍ଡପଡ଼ା(ଏନ୍.ଏମ୍.):** ପାଣି ନେଉଛି ଜୀବନ ! ଗତ ବର୍ଷରେ ନଳକୂପ ପାଣି ନେଲାଣି ୫୦ରୁ ଅଧିକ ଜୀବନ ! ନଳକୂପରୁ ବାହାରୁଥିବା ଫ୍ଲୋରାଇଡ୍ ପାଣି ପିଇ ଲୋକମାନେ କିଡ୍ନୀ ରୋଗରେ ଆକ୍ରାନ୍ତ ହୋଇ ମୃତ୍ୟୁ ମୁଖରେ ପଡୁଛନ୍ତି। ଆଜି ମଧ୍ୟ ଅନେକ ଲୋକ କିଡ୍ନୀ ରୋଗରେ ଆକ୍ରାନ୍ତ ହୋଇ ମେଡ଼ିକାଲ୍ରେ ଚିକିତ୍ସିତ ହେଉଛି। ଯେଉଁଥିପାଇଁ ଅନେକ ପରିବାର ଭୟରେ ଗାଁ ଛାଡୁଛନ୍ତି ଅଭିଯୋଗ ହେଉଛି। ଏପରି ଅଭିଯୋଗ ଆସିଛି ନୟାଗଡ଼ ଜିଲ୍ଲାରୁ। ଖଣ୍ଡପଡ଼ା ବ୍ଲକ୍ ସିଧାମୂଳା ପଞ୍ଚାୟତରେ ରହିଛି ଘୋଡାମାରି ଦୁଆର ଗାଁ। ଏହି ଗାଁରେ ଦିନେ ୭୫ରୁ ଅଧିକ ପରିବାର ବସବାସ କରୁଛନ୍ତି। ମୂଲ ମଜୁରି ଓ କାମଦାମ କରି ପରିବାର ଭରଣ ପୋଷଣ କରନ୍ତି। ଅଭାବୀ ଜୀବନ ଭିତରେ ମୁଖ୍ୟ ସମସ୍ୟା ହେଉଛି ପାନୀୟ ଜଳ। ଶୋଷ ମେଣ୍ଟାଇବା ପାଇଁ ୩ଟି ସରକାରୀ ନଳକୂପ ରହିଛି। ସେଥିରୁ ଗୋଟିଏ ଖରାପ ହୋଇଯାଇଥିବା ବେଳେ ଆଉ ଦୁଇଟି କାମ କରୁଛି। ହେଲେ ସେଥିରୁ ଅଳ୍ପ ଅଳ୍ପ ପାଣି ବାହାରୁଛି। ଯେଉଁ ପାଣି ବାହାରୁଛି, ତାହା ପିଇବା ଯୁକ୍ତ ନୁହେଁ। ଆଇରନ୍ ଯୁକ୍ତ ଫ୍ଲୋରାଇଡ୍ ପାଣି। ସେହି ପାଣି ପିଇଲେ କିଡ୍ନୀ ରୋଗ ହେଉଥିବାରୁ ଧନୀ ଲୋକମାନେ ଟାଉନ୍ରୁ ପାଣି କିଣି ପିଉଛନ୍ତି। ହେଲେ ଅଭାବୀ ଓ ଗରିବ ଶ୍ରେଣୀର ଗାଁ ଲୋକମାନେ ତେଲ ଲୁଣ ସଂସାରକୁ ନେଇ ଘାଣ୍ଟି ହେଉଛନ୍ତି। ସେମାନେ ଟଙ୍କା କେଉଁଠୁ ପାଇବେ ପାଣି କିଣିବା ପାଇଁ। ତେଣୁ ବାଧ୍ୟହୋଇ ସେହି ପାଣିକୁ ପିଉଛନ୍ତି। ଫ୍ଲୋରାଇଡ୍ ପାଣି ପିଇ ଗାଁର ଶତାଧିକ ଲୋକ କିଡ୍ନୀ ଜନିତ ରୋଗରେ ଆକ୍ରାନ୍ତ ହୋଇଛନ୍ତି। ଯବାନ ଟୋକା ପାଲଟି ଯାଉଛନ୍ତି ବୃଦ୍ଧ। ମେରୁଦଣ୍ଡ ବାଙ୍କି ଯାଉଛି। ଲୋକମାନେ ତଳି ତଳାନ୍ତ ହୋଇଯାଉଛନ୍ତି। କିଡ୍ନୀ ଜନିତ ରୋଗରେ ପୀଡ଼ିତ ହୋଇ ଗାଁର ୫୦ରୁ ଅଧିକ ପ୍ରାଣ ହରାଇଥିବା ଅଭିଯୋଗ ହୋଇଛି। ଫ୍ଲୋରାଇଡ୍ ପାଣି ପିଇ ଗାଁର ମହେଶ୍ୱର କିଡନୀ ରୋଗୀ ଆକ୍ରାନ୍ତ ହୋଇଛନ୍ତି। ତାଙ୍କର ୮ ବର୍ଷର ନାତି ଜ୍ଞାନ ରଞ୍ଜନ କିଡନୀ ରୋଗରେ ଆକ୍ରାନ୍ତ ହୋଇଛନ୍ତି। ଖେଳକୁଦ, ପାଠପଢ଼ା ବୟସରେ ଅଭିଶପ୍ତ ଜୀବନ ବିତାଉଛନ୍ତି ଜ୍ଞାନ ରଞ୍ଜନ। ଏହାଛଡ଼ା ଗାଁର ପ୍ରମୋଦ ପ୍ରଧାନ, କ୍ଷେତ୍ରବାସୀ ଦାସ, ଯୋଗୀନାଥ ଦାସ, ରଞ୍ଜୁବାଳା ଦାସ, କୁନି ନାୟକ, ବଳଭଦ୍ର ସ୍ୱାଇଁ, ଫୁଲ ସ୍ୱାଇଁ, ଶରତ ଚନ୍ଦ୍ର ସ୍ୱାଇଁ, ଚିତ୍ତରଞ୍ଜନ ନାୟକ, ମଧୁସୂଦନ ସ୍ୱାଇଁ ପ୍ରମୁଖ କିଡନୀ ରୋଗରେ ଆକ୍ରାନ୍ତ ହୋଇ ଚିକିତ୍ସିତ ହେଉଛନ୍ତି। ଯେଉଁଥିପାଇଁ ପ୍ରାୟ ବହୁ ପରିବାର ଗାଁ ଛାଡ଼ି ପଳାଇ ଗଲେଣି। ସେହି ଗାଁରେ କେହି ବନ୍ଧୁ ବାନ୍ଧୁ ନାହାନ୍ତି। ଝିଅ ଦେବାକୁ ଲୋକମାନେ ଡରୁଛନ୍ତି। ବନ୍ଧୁବାନ୍ଧବ ଆସୁଛନ୍ତି କିନ୍ତୁ ଡରରେ ପାଣି ପିଉନାହାନ୍ତି। ପାଣି ପିଇଲେ କୁଆଡ଼େ ମୃତ୍ୟୁ ମାଡ଼ି ବସିବ, ସେଥିପାଇଁ ଆସିବାକୁ ସାହସ କରୁନଥିବା ଅଭିଯୋଗ ହୋଇଛି। କିଡ୍ନୀ ରୋଗରେ ସ୍ୱାମୀଙ୍କୁ ହରାଇଥିବା ଗାଁର ଶାନ୍ତିଲତା ଦାସ କହିଛନ୍ତି, ନଳକୂପ ପାଣି ଆମ ପାଇଁ ବିପଦ ସାଜିଛି। ସେହି ପାଣି ପିଇବା ପରେ ଲୋକମାନେ କିଡ୍ନୀ ରୋଗରେ ଆକ୍ରାନ୍ତ ହେଉଛନ୍ତି। ମୋ ସ୍ୱାମୀଙ୍କର କିଡ୍ନୀ ଖରାପ ହୋଇଥିଲା। ୫ ବର୍ଷ ତଳେ ତାଙ୍କର ମୃତ୍ୟୁ ଘଟିଛି। ମୁଁ ଚାହୁଁନି, ମୋର ଭବିଷ୍ୟତ ଯେମିତି ଅନ୍ଧକାର ହୋଇଛି, ଆଉ ସମସ୍ତଙ୍କର ସେମିତି ହେଉ ବୋଲି ଶାନ୍ତିଲତା କହିଛନ୍ତି। ଗାଁର କୁନି ନାୟକ କହିଛନ୍ତି, ପାଣି ପିଇ ମୋ' ସ୍ୱାମୀ ଓ ନାତିର କିଡ୍ନୀ ଖରାପ ହୋଇଛି। ମେଡ଼ିକାଲ୍ରେ ଚିକିତ୍ସା କରୁଛୁ। ପାଖରେ ପଇସା ନଥିବାରୁ ବିଲ ବାଡ଼ି ବିକି ସ୍ୱାମୀ ଓ



ଅବଶିଷ୍ଟାଂଶ ୭ ପୃଷ୍ଠାରେ ►




**ନୂଆଦିଲ୍ଲୀ (ଏଜେନ୍ସି):** ଲୋକକଳା 'ଶବ୍ଦ ନୃତ୍ୟ'ର ବିଶିଷ୍ଟ କଳାକାର ଭାଗବତ ପ୍ରଧାନ ପଦ୍ମଶ୍ରୀ ପୁରସ୍କାର ଗ୍ରହଣ କରିଛନ୍ତି । ଗୁରୁବାର ସେ ରାଷ୍ଟ୍ରପତି ଦ୍ରୌପଦୀ ମୁର୍ମୁଙ୍କଠାରୁ ସେ ଏହି ପୁରସ୍କାର ଗ୍ରହଣ କରିଛନ୍ତି । ବରଗଡ଼ ଜିଲ୍ଲାର ୮୫ ବର୍ଷୀୟ ଭାଗବତ ପ୍ରଧାନ ଦୀର୍ଘ ୫ ଦଶନ୍ଧି ଧରି ଏହି କଳାର ପ୍ରଦର୍ଶନ କରିବା ସହ ପ୍ରଚାର ଓ ପ୍ରସାର ପାଇଁ ନିଜକୁ ସମର୍ପି ଦେଇଛନ୍ତି। ନିଜ ଜୀବନକାଳ ମଧ୍ୟରେ ସେ ପ୍ରାୟ ୬୦୦ରୁ ଉର୍ଦ୍ଧ୍ୱ ଶିଷ୍ୟଙ୍କୁ ଏହି କଳା ଶିଖାଇଛନ୍ତି। ସେହିପରି ଖୋର୍ଦ୍ଧାର ପଟ୍ଟଚିତ୍ର କଳାକାର ବିନୋଦ ମହାରଣା ମଧ୍ୟ ପଦ୍ମଶ୍ରୀ ପୁରସ୍କାର ଗ୍ରହଣ କରିଛନ୍ତି । ଅନ୍ୟପକ୍ଷରେ ବରିଷ୍ଠ ଅଭିନେତ୍ରୀ ବୈଜୟନ୍ତୀମାଳା ବାଲି ଏବଂ ଅଭିନେତା କୋନିଡେଲା ଚିରଞ୍ଜୀବୀଙ୍କୁ ରାଷ୍ଟ୍ରପତି ଦ୍ରୌପଦୀ ମୁର୍ମୁ ପଦ୍ମବିଭୂଷଣ ସମ୍ମାନରେ ସମ୍ମାନିତ କରିଥିଲେ। ସୁପ୍ରିମକୋର୍ଟର ପ୍ରଥମ ମହିଳା ବିଚାରପତି ଜଷ୍ଟିସ ଏମ ଫାତିମା ବିବିଙ୍କୁ ପଦ୍ମଭୂଷଣ ସମ୍ମାନରେ ସମ୍ମାନିତ କରାଯାଇଛି । କୃଷି କ୍ଷେତ୍ରରେ ଆଣ୍ଡାମାନ ଓ ନିକୋବରର କୃଷକ କେ ଚେଲ୍ଲାମାଲ, କ୍ରୀଡ଼ା କ୍ଷେତ୍ରରେ ଜୋଶନା ଚିନାପ୍ପା, ହିନ୍ଦୁସ୍ତାନୀ ଶାସ୍ତ୍ରୀୟ ଗାୟକ ସୋମ ଦତ୍ତ ବାଟ୍ଟୁ, କୃଷି କ୍ଷେତ୍ରରେ ସତ୍ୟନାରାୟଣ ବେଲାରୀ ଏବଂ କଳା କ୍ଷେତ୍ରରେ ଜୋର୍ଡାନ ଲେପ୍ଚାଙ୍କୁ ପଦ୍ମଶ୍ରୀ ପୁରସ୍କାର ପ୍ରଦାନ କରାଯାଇଛି।

# ଏଥର ସୁପର ଷ୍ଟାର ସଲ୍‌ମାନଙ୍କ ବିପକ୍ଷରେ ନାୟିକା ସାଜିବାକୁ ଯାଉଛନ୍ତି ରଶ୍ମିକା ମନ୍ଦାନା



**ମୁମ୍ବାଇ(ଏଜେନ୍ସି):** ସୁପରଷ୍ଟାର୍ ସଲ୍ମାନ ଖାନ୍‌ଙ୍କ ଅଗାମୀ ପ୍ରକଳ୍ପକୁ ନେଇ ଉତ୍ସାହ ବଢ଼ି ବଢ଼ି ଚାଲିଛି। ସଲ୍ମାନଙ୍କ ଶେଷ ଫିଲ୍ମ ‘ଟାଇଗର- ୩’ ବକ୍ସ ଅଫିସରେ ସେପରି ଭଲ ରୋଜକାର କରିନାହିଁ। ଏହାରି ମଧ୍ୟରେ ପ୍ରଶଂସକ ଆଗାମୀ ପ୍ରକଳ୍ପକୁ ନେଇ ଆଶା ବାନ୍ଧି ବସିଛନ୍ତି। କିଛିଦିନ ତଳେ ଏହି ଖବର ଶୁଣିବାକୁ ମିଳୁଥିଲା କି ସଲ୍ମାନ ଏବେ ଆମୀର ଖାନ୍‌ଙ୍କ ‘ଗଜ୍ନି’ ଓ ଅକ୍ଷୟ କୁମାରଙ୍କ ‘ହଲିଡେ’ର ନିର୍ଦ୍ଦେଶକ ଏ ଆର୍ ମୁରୁଗଦାସଙ୍କ ସହ ସିନେମା କରିବାକୁ ଯାଉଛନ୍ତି। ରିପୋର୍ଟରୁ ଜାଣିବାକୁ ମିଳିଛି ଯେ ସଲ୍ମାନଙ୍କ ଆଗାମୀ ଫିଲ୍ମ ଏକ ଦମଦାର୍ ଅକ୍ସନ ସିନେମା ହେବ। ଯାହାର ଶୀର୍ଷକ ହେଉଛି ‘ସିକନ୍ଦର’। ତେବେ ଏହି ସିନେମା ପାଇଁ ନାୟିକା ବି ବଛା ସରିଛି। ତେବେ ସଲ୍ମାନଙ୍କ ବିପକ୍ଷରେ ଏହି ସିନେମାରେ ନାୟିକା ବନିବେ ଅଭିନେତ୍ରୀ ରଶ୍ମିକା ମନ୍ଦାନା। ନେସ୍ନାଲ୍ କ୍ରସ୍ କୁହାଯାଉଥିବା ରଶ୍ମିକା ଏବେ ବଡ଼ ପରଦାରେ ଭାଇଜାନ୍‌ଙ୍କ ସହ ନଜର ଆସିବେ। ଏହି ଖବର ଶୁଣିବା ପରେ ପ୍ରଶଂସକମାନେ ଖୁବ୍ ଉତ୍ସୁକ ଅଛନ୍ତି। ପ୍ରଥମେ ‘ପୁଷ୍ପା’ ଓ ପରେ ‘ଆନିମଲ୍’ରେ ସଫଳତା ପାଇବା ପରେ ଏହି ଅଭିନେତ୍ରୀ ଏକେ ଖୁବ୍ ଚର୍ଚ୍ଚାରେ ରହିଛନ୍ତି। ସଲ୍ମାନଙ୍କ ବିପକ୍ଷରେ ନାୟିକା ହେବା ପରେ ତାଙ୍କ କ୍ୟାରିୟର୍ ଯେ ଆଉ ଏକ ସୋପାନ ଚଢ଼ିବ ଏଥିରେ ସନ୍ଦେହ ନାହିଁ। ସିନେ ନିର୍ମାତା ତାଙ୍କ ଅଫିସିଆଲ୍ ଇନ୍‌ଷ୍ଟାଗ୍ରାମ୍ ପେଜ୍ରେ ଏକ ପୋଷ୍ଟ୍ କରି ଏହି ସୂଚନା ଦେଇଛନ୍ତି। ସେ ରଶ୍ମିକାଙ୍କୁ ସଲ୍ମାନଙ୍କ ସହ କାମ କରିବା ପାଇଁ ସ୍ୱାଗତ କରିଛନ୍ତି ତାଙ୍କ ପୋଷ୍ଟରରେ।




**ମୁମ୍ବାଇ(ଏଜେନ୍ସି):** ଗତ କିଛି ଦିନ ହେବ ବଲିଉଡ ଅଭିନେତା ଆଦିତ୍ୟ ରୟ କପୁର ଏବଂ ଅଭିନେତ୍ରୀ ଅନନ୍ୟା ପାଣ୍ଡେଙ୍କ ବ୍ରେକଅପ ହୋଇଥିବା ନେଇ ଚର୍ଚ୍ଚା ହୋଇଆସୁଛି। କିଛି ମାସ ହେବ ଏହି ଚର୍ଚ୍ଚା ହେଉଥିଲେ ବି ଦୁହେଁ ଏହା ଉପରେ କୌଣସି ପ୍ରତିକ୍ରିୟା ରଖିନାହାନ୍ତି। କିଛି ଦିନ ତଳେ ଅନନ୍ୟା କରିଥିବା ପୋଷ୍ଟକୁ ନେଇ ଏଭଳି ଚର୍ଚ୍ଚା ଆରମ୍ଭ ହୋଇଥିଲା, ଯାହା ବ୍ରେକଅପ ଚର୍ଚ୍ଚାକୁ ବଢ଼ାଇଥିଲା। ଏଭଳି ଚର୍ଚ୍ଚା ମଧ୍ୟରେ ଏବେ ଆଦିତ୍ୟ, ଅଭିନେତ୍ରୀ ସାରା ଅଲୀ ଖାନଙ୍କୁ ଡେଟ୍ କରୁଥିବା ନେଇ ଚର୍ଚ୍ଚା ଆରମ୍ଭ ହୋଇଛି। ଦୁହିଁଙ୍କ ଏକ ଭିଡିଓ ଭାଇରାଲ ହେବା ପରେ ଆଦିତ୍ୟ, ସାରାଙ୍କୁ ଡେଟ୍ କରୁଥିବା ନେଇ ଚର୍ଚ୍ଚା ହେଉଛି। ଦୁହିଁଙ୍କୁ ଏକ ପାର୍ଟିରେ ଏକାସାଙ୍ଗରେ ଦେଖିବାକୁ ମିଳିଥିଲା। ନିର୍ଦ୍ଦେଶକ ଅନୁରାଗ ବାସୁଙ୍କ ଜନ୍ମଦିନ ପାର୍ଟିରେ ଆଦିତ୍ୟ ଓ ସାରା ପହଞ୍ଚିଥିବା ବେଳେ ପାଖରେ ନଥିଲେ ଅନନ୍ୟା। ଏହାକୁ ଦେଖିବା ପରେ ଅନନ୍ୟାଙ୍କ ସହ ଆଦିତ୍ୟଙ୍କ ବ୍ରେକଅପ ହୋଇଥିବା ନେଇ ସ୍ପଷ୍ଟ ହୋଇଛି ବୋଲି ଏବେ ଲୋକେ କହିବା ଆରମ୍ଭ କରିଛନ୍ତି। ମାର୍ଚ୍ଚରେ ଅଲଗା ହେବା ପରେ ଏବେ ଆଦିତ୍ୟ ସାରାଙ୍କ ସହ ବନ୍ଧୁତା କରୁଥିବା ନେଇ ଚର୍ଚ୍ଚା ଆରମ୍ଭ ହୋଇଛି। କିଛି ଦିନ ତଳେ ଇନଷ୍ଟା ଷ୍ଟାଟସରେ ଅନନ୍ୟା ଲେଖିଥିଲେ, “ଯାହାକୁ ତୁମ ପାଇଁ ଭଗବାନ ଲେଖିଥିବେ, ସେ ଆପେ ଆପେ ତୁମ ପାଖକୁ ଆସିବ। ତୁମେ ତାକୁ ଯେତେ ବି ନିଜ ଜୀବନରୁ ଦୂରେଇ ରଖିଲେ ବି ସେ ପୁଣି ତୁମ ପାଖକୁ ଆସିବ।”

# ‘ବାଜିଗର’ରୁ କାଜୋଲଙ୍କୁ ଆଉଟ୍ ? କରିବାକୁ ଚାହୁଁଥିଲେ ମ୍ୟୁଜିକ ଡାଇରେକ୍ଟର

ବଲିଉଡର ଦମଦାର ଅଭିନେତ୍ରୀ କାଜୋଲଙ୍କ ନାଁରେ ରହିଛି ବହୁ ସୁପରହିଟ୍ ଫିଲ୍ମ । ସେଥିମଧ୍ୟରୁ ‘ବାଜିଗର’ ଗୋଟିଏ। ତାଙ୍କ କ୍ୟାରିଅର ଦ୍ୱିତୀୟ ଫିଲ୍ମ ଥିଲା ‘ବାଜିଗର’। କାଜଲ, ଶାହରୁଖ ଓ ଶିଲ୍ପା ସେଟ୍ଟିଙ୍କ ଅଭିନୀତ ଏହି ରୋମାଣ୍ଟିକ ଥ୍ରୀଲରକୁ ଦର୍ଶକ ଖୁବ୍ ଭଲ ପାଇଥିଲେ। ବକ୍ସ ଅଫିସରେ ଏହା ଭଲ ବ୍ୟବସାୟ କରିଥିଲା ଓ ସୁପରହିଟ୍ ହୋଇଥିଲା। ଫିଲ୍ମର ଗୀତଗୁଡ଼ିକ ବହୁତ ଲୋକପ୍ରିୟ ହୋଇଥିଲା। ଆଜି ବି ଏହି ଗୀତଗୁଡ଼ିକୁ ଲୋକେ ଶୁଣିବାକୁ ଭଲ ପାଆନ୍ତି। ଅନୁ ମଲିକ ଥିଲେ ଏହି ଫିଲ୍ମର ସଙ୍ଗୀତ ନିର୍ଦ୍ଦେଶକ। ତେବେ ଫିଲ୍ମର ନିର୍ଦ୍ଦେଶକ ଆବାସ-ମସ୍ତାନ ପ୍ରଥମରୁ ତାଙ୍କୁ ନେଇ ନଥିଲେ। ସେ ପରେ ଏଣ୍ଟ୍ରୀ ମାରିଥିଲେ। ‘ଆଶିକି’, ‘ସାଜନ’ ଓ ‘ସଡ଼କ’ ପରି ସୁପରହିଟ ଫିଲ୍ମର ମ୍ୟୁଜିକ ଦେଇଥିବା ନଦୀମ-ଶ୍ରବଣ ହିଁ ପ୍ରଥମେ ବାଜିଗର ଫିଲ୍ମର ମ୍ୟୁଜିକ ଦେବା ପାଇଁ ଫାଇନାଲ ହୋଇଥିଲେ। ଫିଲ୍ମର ଡାଇରେକ୍ଟର ଆବାସ-ମସ୍ତାନ ଏଥିନିମନ୍ତେ ନଦୀମ-ଶ୍ରବଣଙ୍କ ସହ ଡିଲ୍ କରିଥିଲେ। ନଦୀମ-ଶ୍ରବଣ ବି ଏଥିନିମନ୍ତେ ଗ୍ରୀନ୍ ସିଗନାଲ ଦେଇଥିଲେ। ମାତ୍ର କାଜୋଲ ଏହି ଫିଲ୍ମର ଫିମେଲ ଲିଡ ରୋଲ ପ୍ଲେ କରୁଥିବା ଜାଣିବା ପରେ ଆବାସ-ମସ୍ତାନଙ୍କୁ ଅଲଟିମେଟମ୍ ଦେଇଥିଲେ ନଦୀମ-ଶ୍ରବଣ। କିନ୍ତୁ ଫିଲ୍ମର ଡାଇରେକ୍ଟର କାଜୋଲଙ୍କୁ ରିପ୍ଲେସ୍ କରିବା ମୁଡ୍ରେ ନ ଥିଲେ। ଫିଲ୍ମ ହେବ ତ କାଜୋଲ ହିଁ ଫିମେଲ ଲିଡରେ ରହିବେ ବୋଲି ସେମାନେ ଶୁଣାଇ ଦେଇଥିଲେ। ଏହାପରେ ନଦୀମ- ଶ୍ରବଣ ‘ବାଜିଗର’ ଫିଲ୍ମ ଅଫରକୁ ଛାଡ଼ି ଦେଇଥିଲେ। ଏହା ପରେ ସଙ୍ଗୀତ ନିର୍ଦ୍ଦେଶକ ଭାବେ ଅନୁ ମଲିକଙ୍କୁ ଫାଇନାଲ କରାଯାଇଥିଲା। ଶୁଣିବାକୁ ମିଳେ, ନଦୀମ-ଶ୍ରବଣଙ୍କର କାଜୋଲ ଓ ତାଙ୍କ ମା’ ତନୁଜାଙ୍କ ସହ ମନୋମାଳିନ୍ୟ ହୋଇଥିଲା। ଥରେ ଉଭୟ ତନୁଜାଙ୍କ ଘରକୁ ଯାଇଥିବା ବେଳେ ସେଠାରେ ମା’ଝିଅଙ୍କ ବ୍ୟବହାର ସେମାନଙ୍କୁ ଠିକ୍ ଲାଗି ନଥିଲା। ଉଭୟ ସେଠାରେ ଅପମାନିତ ହୋଇଥିବା ଅନୁଭବ କରିଥିଲେ। ତେଣୁ ସେମାନେ କାଜୋଲଙ୍କୁ ‘ବାଜିଗର’ ଫିଲ୍ମରୁ ଆଉଟ କରିବାକୁ ଚାହୁଁଥିଲେ। ଦୀର୍ଘବର୍ଷ ପରେ ଏକ ସାକ୍ଷାତକାରରେ ଫିଲ୍ମ ଡାଇରେକ୍ଟର ଆବାସ-ମସ୍ତାନ ଏହା ଉପରୁ ପରଦା ହଟାଇଛନ୍ତି।



# ଅଡୁଆରେ ଅଲ୍ଲୁ ଅର୍ଜୁନ, ପୁଷ୍ପା ଷ୍ଟାରଙ୍କ ବିରୋଧରେ ମାମଲା ରୁଜୁ



**ବିଶାଖାପାଟନା(ଏଜେନ୍ସି):** ସାଉଥ ସୁପଷ୍ଟାର୍ ଅଲ୍ଲୁ ଅର୍ଜୁନଙ୍କ ବଢ଼ିଲା ଅଡୁଆ। ପୁଷ୍ପା ରାଜ୍‌ଙ୍କ ବିରୋଧରେ ରୁଜୁ ହେଲା ମାମଲା। ବିଧାୟକ ସାଙ୍ଗକୁ ଭେଟିବାକୁ ଯାଇଥିବା ଯୋଗୁ ତାଙ୍କ ବିରୋଧରେ ଏଫ୍ଆଇଆର୍ ରୁଜୁ ହୋଇଛି। ପ୍ରକୃତରେ ମେ’ ୧୧ ତାରିଖରେ ଅଲ୍ଲୁ ଅର୍ଜୁନ ଆନ୍ଧ୍ର ପ୍ରଦେଶର ନନ୍ଦ୍ୟାଲ ପହଞ୍ଚିଥିଲେ। ଏଠାରେ ସେ ନିଜ ସାଙ୍ଗ ତଥା ୱାଇଏସଆରସିପି ବିଧାୟକ ଶିଲ୍ପା ରବିଙ୍କ ଘରକୁ ଯାଇଥିଲେ। ବିଧାୟକଙ୍କ ଘରକୁ ସୁପରଷ୍ଟାର ଅଲ୍ଲୁ ଅର୍ଜୁନ ଆସିଥିବା ଜାଣିବା ପରେ ସେଠାରେ ଲୋକଙ୍କ ଭିଡ ଜମିଥିଲା। ଇଣ୍ଡିଆ ଟୁଡେର ରିପୋର୍ଟ ମୁତାବକ, ଶିଲ୍ପା ରବି ମେ’ ୧୩ ତାରିଖରେ ଶାସକ ଦଳର ପ୍ରାର୍ଥୀ ରୂପେ ନିର୍ବାଚନ ଲଢ଼ିବାକୁ ଯାଉଛନ୍ତି। ଏଭଳି ସ୍ଥିତିରେ ନିର୍ବାଚନ ପ୍ରଚାରର ଶେଷ ଦିନରେ ଅଲ୍ଲୁ ଅର୍ଜୁନ ବିଧାୟକଙ୍କ ଘରକୁ ଯିବା ଓ ଲୋକଙ୍କ ଭିଡ ଜମିବା ଦ୍ୱାରା ନିର୍ବାଚନ ଆଚରଣ ବିଧି ଉଲ୍ଲଙ୍ଘନ ହୋଇଛି। ଏହି ଅଭିଯୋଗରେ ଉଭୟ ଶିଲ୍ପା ରବି ଓ ଅଲ୍ଲୁ ଅର୍ଜୁନଙ୍କ ବିରୋଧରେ ପୁଲିସ ଏଫ୍ଆଇଆର୍ ରୁଜୁ କରିଛି। ବିଧାୟକ ଶିଲ୍ପା ବିନା କୌଣସି ପୂର୍ବ ଅନୁମତିରେ ଶନିବାର ଦିନ ଜାଣିଶୁଣି ଅଲ୍ଲୁ ଅର୍ଜୁନଙ୍କୁ ଆମନ୍ତ୍ରିତ କରିଥିବା ମଧ୍ୟ ଅଭିଯୋଗ ହୋଇଛି। କେବଳ ସେତିକି ନୁହେଁ ବିଧାୟକ ଓ ଅଲ୍ଲୁ ଅର୍ଜୁନ ବାଲକୋନୀରୁ ଲୋକଙ୍କୁ ଭେଟିଥିଲେ। ସେପଟେ ଏହି ମାମଲାକୁ ନେଇ ଅଲ୍ଲୁ ଅର୍ଜୁନ କହିଛନ୍ତି, ସେ ତାଙ୍କ ସାଙ୍ଗକୁ କେବଳ ଭେଟିବାକୁ ଆସିଥିଲେ। ସେ ତାଙ୍କୁ ସମର୍ଥନ କରିବାକୁ ଆସିଥିଲେ। ସେ କୌଣସି ରାଜନୈତିକ ଦଳକୁ ସମର୍ଥନ କରନ୍ତି ନାହିଁ ନାହିଁ ବୋଲି କହିଛନ୍ତି।

## ଏ ସପ୍ତାହର ଭାଗ୍ୟବିଚାର

**ମେଷ:** ସୋମବାର: ଜୀବନସାଥୀଙ୍କର ପ୍ରେମ ଓ ସୁଖ ପାଇବେ। ମଙ୍ଗଳ, ବୁଧ ଓ ଗୁରୁବାର: ବ୍ୟବସାୟୀଙ୍କ ଲାଗି ସମୟ ଉତ୍ତମ। ଶୁକ୍ର ଓ ଶନିବାର: ଶିକ୍ଷକଙ୍କର ସହଯୋଗ ପାଇବେ। ରବିବାର ପାରିବାରିକ ସୁଖ ମିଳିବ।

**ବୃଷ:** ସୋମବାର: ପୂର୍ବରୁ କରି ଆସୁଥିବା କାମରେ ଲାଭ ପାଇବେ। ମଙ୍ଗଳ, ବୁଧ ଓ ଗୁରୁବାର: ବ୍ୟବସାୟ ଉପରେ ବିରୋଧୀଙ୍କର ନଜର ରହିବ। ଶୁକ୍ର ଓ ଶନିବାର: ଘରର ପରିବେଶ ଭଲ ରହିବ। ରବିବାର: ଲାଭବାନ ହେବେ।

**ମିଥୁନ:** ସେମାବାର: ମହତ୍ତ୍ୱପୂର୍ଣ୍ଣ ଲୋକଙ୍କ ସାକ୍ଷାତ ହେବ। ମଙ୍ଗଳ, ବୁଧ ଓ ଗୁରୁବାର: କିଛି ନୂଆ କରି ଦେଖାଇବାର ଇଚ୍ଛା ଜାଗିବ। ଶୁକ୍ର ଓ ଶନିବାର: ଆର୍ଥିକ ମାମଲାରେ ହଇରାଣ ହୋଇପାରନ୍ତି। ରବିବାର:ଦୀର୍ଘ ଦିନ ଧରି ଅପେକ୍ଷା କରିଥିବା ବନ୍ଧୁଙ୍କ ସାକ୍ଷାତ ମିଳିବ।

**କର୍କଟ:** ସୋମବାର: ଜୀବନସାଥୀଙ୍କୁ ମନ ଓ ହୃଦୟର କଥା କହିବେ। ମଙ୍ଗଳ, ବୁଧ ଓ ଗୁରୁବାର: ଅଧୁରା ଥିବା କାମ ସଂପୂର୍ଣ୍ଣ ହେବ। ଶୁକ୍ର ଓ ଶନିବାର: ବ୍ୟବସାୟରେ ବିକ୍ରୀ ବଢ଼ିବ। ରବିବାର: ମନବାଞ୍ଛା ପୂର୍ଣ୍ଣ ହେବ।

**ସିଂହ:** ସୋମବାର: ନୂଆ କାମର ସୁଯୋଗ ଲାଗି ପ୍ରସ୍ତୁତ ରହିବେ। ମଙ୍ଗଳ, ବୁଧ ଓ ଗୁରୁବାର: ମନ ଆଧ୍ୟାତ୍ମିକ ଦିଗରେ ଲାଗି ରହିବ। ଶୁକ୍ର ଓ ଶନିବାର: କିଛିନା କିଛି ଇଚ୍ଛା ପୂରା ହେବ। ରବିବାର: ନୂତନ କାର୍ଯ୍ୟରେ ଯୋଗଦେବେ।

**କନ୍ୟା:** ସୋମବାର: କାର୍ଯ୍ୟକ୍ଷେତ୍ର ବୃଦ୍ଧି ଲାଗି ନୂଆ ଅବସର ପାଇବେ। ମଙ୍ଗଳ, ବୁଧ ଓ ଗୁରୁବାର: ପୂର୍ବ କଥାକୁ ନେଇ ଚିନ୍ତିତ ରହିବେ। ଶୁକ୍ର ଓ ଶନିବାର: ପ୍ରେମ ପ୍ରସଙ୍ଗରେ ସବୁ କିଛି ଭଲ ହେବ। ରବିବାର: କର୍ମକ୍ଷେତ୍ରକୁ ନେଇ ଚିନ୍ତିତ ରହିବେ।

**ତୁଳା:** ସୋମବାର: ସ୍ୱାସ୍ଥ୍ୟ ପ୍ରତି ସଚେତନ ରୁହନ୍ତୁ। ମଙ୍ଗଳ, ବୁଧ ଓ ଗୁରୁବାର: ବେକାରଙ୍କୁ ରୋଜଗାର ମିଳିବ। ଶୁକ୍ର ଓ ଶନିବାର: ବିଶେଷ କାମରେ ବାଧା ଉପୁଜିପାରେ। ରବିବାର: ହଠାତ୍ ଅସୁସ୍ଥ ଅନୁଭବ କରିବେ।

**ବିଛା:** ସୋମବାର: ବ୍ୟବସାୟରେ ସବୁ ଭଲ ହେବ। ମଙ୍ଗଳ, ବୁଧ ଓ ଗୁରୁବାର: ଅଫିସ୍ରେ ଆପଣଙ୍କ କାମର ପ୍ରଶଂସା ହେବ। ଶୁକ୍ର ଓ ଶନିବାର: ଜୀବନସାଥୀଙ୍କ ସହିତ ସମ୍ବନ୍ଧ ମଧୁର ହେବ। ରବିବାର: ବ୍ୟବସାୟରେ ଲାଭବାନ ହେବେ।

**ଧନୁ:** ସୋମବାର: କୌଣସି କାମରେ ଅଧିକ ସମୟ ବ୍ୟୟ ହେବ। ମଙ୍ଗଳ, ବୁଧ ଓ ଗୁରୁବାର: ନୂଆ ଲୋକଙ୍କ ସହିତ ସଂପର୍କ ହେବ। ଶୁକ୍ର ଓ ଶନିବାର: କ୍ୟାରିୟରରେ ନୂଆ କୀର୍ତ୍ତିମାନ ସ୍ଥାପିତ କରିବେ। ରବିବାର: ଅଯଥାରେ ସମୟ ଅତିବାହିତ ହେବ।

**ମକର:** ସୋମବାର: ବନ୍ଧୁ ତାଲିକାରେ ଭଲ ଲୋକ ଯୋଡ଼ିବେ। ମଙ୍ଗଳ, ବୁଧ ଓ ଗୁରୁବାର: ଉପାର୍ଜନ ଲାଗି ସୁଯୋଗ ପାଇବେ। ଶୁକ୍ର ଓ ଶନିବାର: କାରବାରରେ ସଫଳତା ପାଇବେ। ରବିବାର: କୌଣସି ବନ୍ଧୁ ସହଯୋଗର ହାତ ବଢ଼ାଇବେ।

**କୁମ୍ଭ:** ସୋମବାର: ସାମାଜିକ କାର୍ଯ୍ୟରେ ସମୟ ଦେବେ। ମଙ୍ଗଳ, ବୁଧ ଓ ଗୁରୁବାର: ଜୀବନକୁ ଉତ୍କୃଷ୍ଟ କରିବା ଲାଗି ସୁଯୋଗ ପାଇବେ। ଶୁକ୍ର ଓ ଶନିବାର: ନୂଆ କାର୍ଯ୍ୟରେ ରୁଚି ବଢ଼ିବ। ରବିବାର: ଧର୍ମାନୁଷ୍ଠାନ କାର୍ଯ୍ୟରେ ସମୟ କଟିବ।

**ମୀନ:** ସୋମବାର: ଜୀବନରେ ସକାରାତ୍ମକ ପରିବର୍ତ୍ତନ ଆସିବ। ମଙ୍ଗଳ, ବୁଧ ଓ ଗୁରୁବାର: ଅଫିସ୍ରେ ଅଧିକ ପରିଶ୍ରମ କରି ଅବଶିଷ୍ଟ କାମ ପୂରା କରିବେ। ଶୁକ୍ର ଓ ଶନିବାର: ଆୟ ବୃଦ୍ଧି ହେବ। ରବିବାର: ଦୀର୍ଘ ଦିନ ଧରି ଆଶା କରିଥିବା ଫଳ ପ୍ରାପ୍ତି ହୋଇପାରେ।

## ଦହି, ପିଆଜର ରାଇତାର ସାଇଡ-ଇଫେକ୍ଟ

ଆଜିକାଲି ତାତିରୁ ଅତିଷ୍ଠ ସମସ୍ତେ ନିଜ ମେନ୍ୟୁରେ କିଛି ଥଣ୍ଡା ଥଣ୍ଡା ଖାଇବାକୁ ଭଲ ପାଉଛନ୍ତି। ତେଣୁ ଲଞ୍ଚରେ ପ୍ରାୟତଃ ସମସ୍ତେ ପ୍ଲେଟରେ ରାଇତା ଦେଖିବାକୁ ମିଳୁଛି। ତେବେ ଜାଣିଛନ୍ତି ପିଆଜ,ଦହିରୁ ପ୍ରସ୍ତୁତ ଏହି ରାଇତା ପାଟିକୁ ଖୁବ୍ ସୁଆଦିଆ ଲାଗୁଥିବା ବେଳେ ଏହାର ବି ଅଛି କିଛି ସାଇଡ ଇଫେକ୍ଟ।

**ଉପକାର:** ପିଆଜ ଓ ଦହି ଉଭୟ ସ୍ୱାସ୍ଥ୍ୟ ପାଇଁ ହିତକର। ପିଆଜରେ ଭିଟାମିନ୍ ସି, କ୍ୟାଲସିୟମ, ଆଇରନ, ଫାଇବର ଆଦି ଭରପୂର ମାତ୍ରାରେ ରହିଛି। ଏଥିସହ ଦହିରେ ପ୍ରୋଟିନ, କ୍ୟାଲସିୟମ ଓ ପ୍ରୋବାୟୋଟିକ୍ସ ରହିଛି। ତେଣୁ ଉଭୟ ଦହି ଓ ପିଆଜର ରାଇତା ଖାଇଲେ ପେଟ ସମସ୍ୟା ଦୂର ହେବା ସହ ଇମ୍ୟୁନିଟି ସିଷ୍ଟମ ଠିକ୍ ହୋଇଥାଏ। ଦହିରେ ଭରପୂର ମାତ୍ରାରେ ପ୍ରୋଟିନ ରହିଛି। ଏହା ଶରୀରକୁ ଅନ୍ୟ ପ୍ରୋଟିନ ସ୍ରୋତ ତୁଳନାରେ ହେଲଦି ପ୍ରୋଟିନ ପ୍ରଦାନ କରିଥାଏ। ଦହିର ଥଣ୍ଡାପଣ ଓ ପିଆଜର ତିଖାପଣ ମିଶିଲେ ରାଇତା ଖରାରେ ବି ଖୁବ୍ ଆରାମ ପ୍ରଦାନ କରିଥାଏ। ପିଆଜ ଓ ଦହି ଉଭୟ ପୋଷକ ତତ୍ତ୍ୱରେ ଭରପୂର। ପିଆଜରେ ଫାଇବର, ଭିଟାମିନ, ଆଣ୍ଟି ବାୟୋଟିକ୍ସ ଅଛି। ଏଥିସହ ଦହିରେ ପ୍ରୋଟିନ, କ୍ୟାଲସିୟମ ଓ ପୋଷକ ଯୌଗିକ ଅମ୍ଳ ରହିଛି। ତେଣୁ ରାଇତା ଶରୀର ପାଇଁ ଖୁବ୍ ସ୍ୱାସ୍ଥ୍ୟପ୍ରଦ। ପିଆଜ ଓ ଦହିର ସଂଯୋଗ ପାଚନ ପ୍ରକ୍ରିୟାକୁ ସୁଧାରିଥାଏ। ଦହିର ପ୍ରୋବାୟୋଟିକ୍ସ ଓ ପିଆଜର ଆଣ୍ଟି ଅକ୍ସିଡେଣ୍ଟ ପେଟ ସମସ୍ୟାକୁ ଦୂର କରିବା ସହ ପାଚନ ପ୍ରକ୍ରିୟାରେ ସହାୟକ ହୋଇଥାଏ।

### ରାଇତାର ସାଇଡ ଇଫେକ୍ଟ

ଗ୍ୟାସ ଓ ଏସିଡିଟି- କିଛି ଲୋକଙ୍କର ଦହି ଓ ପିଆଜ ଖାଇବା ଦ୍ୱାରା ଗ୍ୟାସ ଓ ଏସିଡିଟି ହୋଇଥାଏ। ମୁଖ୍ୟତଃ ଯେଉଁମାନଙ୍କର ହଜମ ପ୍ରକ୍ରିୟା ଠିକ୍ ଭାବେ ହୁଏନି ସେମାନେ ଏହି ସମସ୍ୟାର ସମ୍ମୁଖୀନ ହୋଇ ପାରନ୍ତି। ଦହିରେ ଭରପୂର ପ୍ରୋଟିନ ରହିଛି। ତେଣୁ ଏହାକୁ ଅଧିକ ପରିମାଣରେ ସେବନ କଲେ ଓଜନ ବଢ଼ିପାରେ। ତେଣୁ ଯେଉଁମାନେ ମେଦବହୁଳତା ସମସ୍ୟା ଭୋଗୁଛନ୍ତି, ସେମାନେ ଏଥିପ୍ରତି ଧ୍ୟାନ ଦେବା ଆବଶ୍ୟକ। କିଛି ଲୋକଙ୍କର ପିଆଜ ବା ଦହି ପ୍ରତି ଆଲର୍ଜୀ ରହିଥାଏ। ତେଣୁ ସେମାନେ ଦେଖି ଚାହିଁ ରାଇତା ଖାଇବା ଉଚିତ।

### ମା’ରାଣ ଦେହକୁ ନେବେନି...

ଏଥର ଏମିତି ଭୋଅଟ ହେଉଛି
ପ୍ରାର୍ଥୀମାନେ ନାକେଦମ...
ସ୍ୱାଧୀନ ଚିହ୍ନରେ ମଇଁଷି ମିଳନ୍ତା
ଭ୍ରମରେ ପଡନ୍ତା ଯମ...
ଫୁଟାନ୍ତା ପାଞ୍ଜିରେ ବମ...
କେତେ ପାପ ସବୁ କରିକି ଲଢୁଚ
ଦେଖାଆଗେ ତୁମ ଦମ...



- ସମ୍ବିତ ସେନାପତି

## ବୋଉର ରୋଷେଇ ଘର

# ସୁଜି ମସଲା ପିଠା



**ଆବଶ୍ୟକୀୟ ସାମଗ୍ରୀ:** ସୁଜି, ଆଳୁ, ତେଲ, ଗୋଟା ଜିରା, ଭୃସଙ୍ଗପତ୍ର, ପିଆଜ, କଞ୍ଚାଲଙ୍କା, ଗାଜର, କଞ୍ଚା ମଟର, ଲୁଣ, ହଳଦୀ, ଲଙ୍କା ଗୁଣ୍ଡ

**ପ୍ରସ୍ତୁତି ପ୍ରଣାଳୀ:** ପ୍ରଥମେ କିଛି ସୁଜି ଓ କଞ୍ଚା ଆଳକୁ ମିଶାଇ ତାକୁ ଭଲ ଭାବରେ ଗ୍ରାଇଣ୍ଡିଂ କରି ଦିଅନ୍ତୁ। ଗ୍ରାଇଣ୍ଡିଂ କରିବା ପରେ ତାକୁ ଏକ ପାତ୍ରକୁ କାଢ଼ି ଦିଅନ୍ତୁ। ପରେ କରେଇରେ ତେଲ ପକାଇ ଗରମ କରନ୍ତୁ। ତେଲ ଗରମ ହେବା ପରେ ସେଥିରେ ଗୋଟା ଜିରା ଓ ଭୃସଙ୍ଗ ପତ୍ର ପକାନ୍ତୁ। ପରେ ସେଥିରେ କଟା ପିଆଜ ଓ କଞ୍ଚା ଲଙ୍କା ପକାଇ କିଛି ସମୟ ପାଇଁ ଭାଜନ୍ତୁ। ପରେ ସେଥିରେ କଟା ଗାଜର,କଞ୍ଚା ମଟର ପକାନ୍ତୁ। ପରେ ସେଥିରେ ଆବଶ୍ୟକ ଅନୁସାରେ ଲୁଣ ଓ ହଳଦୀ ଓ ଲଙ୍କା ଗୁଣ୍ଡ ପକାଇ ତାକୁ ସିଝିବା ପର୍ଯ୍ୟନ୍ତ ଭାଜନ୍ତୁ। ଏହା ହୋଇଗଲା ପରେ ତାକୁ ଏକ ପାତ୍ରକୁ କାଢ଼ି ଦିଅନ୍ତୁ।
ପରେ କରେଇରେ ତେଲ ଗରମ କରନ୍ତୁ। ତେଲ ଗରମ ହେବା ପରେ ଗ୍ରାଇଣ୍ଡିଂ କରି ରଖିଥିବା ପିଠଉକୁ ପିଠା ଆକାରରେ ଗଢ଼ନ୍ତୁ। ପିଠା ଦୁଇ ପାର୍ଶ୍ୱ ହୋଇଗଲା ପରେ ତା’ ଉପରେ ଟମାଟୋ ସସ୍କୁ ଲଗାଇ ଦିଅନ୍ତୁ। ପରେ ସେଥିରେ ରଖିଥିବା ମସଲାକୁ ତା’ ଉପରେ ପକାଇ ଦିଅନ୍ତୁ। ପରେ ତା’ ଉପରେ ପିଠଉ ପକାଇ ଢାଙ୍କି ଦିଅନ୍ତୁ। କିଛି ସମୟ ଏହାକୁ ସିଝିବାକୁ ଛାଡ଼ି ଦିଅନ୍ତୁ। ଏହା ହୋଇଗଲା ତାକୁ ଏକ ପାତ୍ରକୁ କଢ଼ି ଦିଅନ୍ତୁ। ପ୍ରସ୍ତୁତ ହୋଇଗଲା ସୁଜି ମସଲା ପିଠା। ଏହାକୁ ଆପଣ ଟମାଟୋ ଚଟଣୀ ସହ ଖାଇପାରିବେ।

ନିଷ୍କର୍ଷର ପ୍ରତି ସଂଖ୍ୟାରେ ପ୍ରକାଶ ପାଉଛି ବୋଉର ରୋଷେଇ ଘର । ଏହି ସ୍ତମ୍ଭରେ ଆପଣମାନଙ୍କ ଭଳି ମା’ ଭଉଣୀମାନେ ବିଭିନ୍ନ ସୁସ୍ୱାଦୁ ରୋଷେଇ ସମ୍ପର୍କରେ ସବିଶେଷ ତଥ୍ୟ ଦେଇ ଆମ୍ଭ ପାଖକୁ ପଠାଇଥାନ୍ତି ବିଭିନ୍ନ ପ୍ରକାର ବ୍ୟଞ୍ଜନର ପ୍ରସ୍ତୁତି ପଦ୍ଧତି । ଆପଣ ବି ପଠାଇ ପାରିବେ ଆମ୍ଭ ଠିକଣାରେ ।







**ନୂଆଦିଲ୍ଲୀ(ଏଜେନ୍ସି) :** ଗତ ବୁଧବାର କେରଳ ରାଜ୍ୟପାଳ ଆରିଫ ମହମ୍ମଦ ଖାନ ଅଯୋଧ୍ୟାରେ ପହଞ୍ଚିଥିଲେ। ଏଠାରେ ପହଞ୍ଚିବା ପରେ ସେ ରାମମନ୍ଦିର ଯାଇ ଭଗବାନ ରାମଲାଲ୍ଲାଙ୍କ ଦର୍ଶନ କରିଥିଲେ। ରାମଲଲ୍ଲାଙ୍କୁ ସ୍ୱଚକ୍ଷୁରେ ଦର୍ଶନ କରବା ପରେ ଆରିଫ ମହମ୍ମଦ ଗଣମାଧ୍ୟମଙ୍କୁ ନିଜର ଅନୁଭବ ବଖାଣି କହିଛନ୍ତି, ମୁଁ ଅଯୋଧ୍ୟାର ପଡୋଶୀ। ଜାନୁଆରି ୨୨ ତାରିଖ ପୂର୍ବରୁ ଅଯୋଧ୍ୟା ଆସିଥିଲି। ସେବେକାର ବାତାବରଣ ଓ ଭଗବାନ ରାମଲଲ୍ଲା ପ୍ରତିଷ୍ଠା ହେବା ପରର ବାତାବରଣ ସମ୍ପୂର୍ଣ୍ଣ ଭିନ୍ନ ରହିଛି। ଏଥର ଅଯୋଧ୍ୟା ଆସି ରାମଲଲ୍ଲାଙ୍କୁ ଦର୍ଶନ କରିବାର ମୋର ସ୍ୱତନ୍ତ୍ର ଯୋଜନା ଥିଲା। ତାଙ୍କୁ ଯେତେ ଦେଖିଲେ ବି ମନ ଭରୁ ନାହିଁ। ପୁଣିଥରେ ଦେଖନ୍ତି କି ବୋଲି ମନରେ ଆଶା ଜାତ ହେଉଛି। ଅଯୋଧ୍ୟକୁ ଯିବା ଓ ଶ୍ରୀରାମଙ୍କୁ ପୂଜା କରିବା ଆମ ପାଇଁ କେବଳ ଏକ ଖୁସିର କଥା ନୁହେଁ, ଏହା ଏକ ଗର୍ବର କଥା।' କେରଳ ରାଜ୍ୟପାଳଙ୍କ ଅଫିସିଆଲ ଏକ୍ସ ହ୍ୟାଣ୍ଡେଲରେ ଏକ ଭିଡିଓ ପୋଷ୍ଟ କରାଯାଇଛି। ଏଥିରେ ରାଜ୍ୟପାଳ ଅରିଫ ମହମ୍ମଦ ଖାନ ରାମ ମନ୍ଦିରରେ ରାମଲଲ୍ଲାଙ୍କ ଦର୍ଶନ କରୁଥିବାର ୨ଟି ଫଟୋ ଦେଖିବାକୁ ମିଳୁଛି। ଗୋଟିଏରେ ସେ ରାମଲଲ୍ଲାଙ୍କୁ ମୁଣ୍ଡିଆ ମାରୁଥିବା ବେଳେ ଅନ୍ୟଟିରେ ହାତଯୋଡ଼ି ଥିବା ଦେଖିବାକୁ ମିଳୁଛି।

# ରୁଷର ଦାବି : ଭାରତର ନିର୍ବାଚନରେ ମୁଣ୍ଡ ପୂରାଇବାକୁ ଚେଷ୍ଟା କରୁଛି ଆମେରିକା



**ନୂଆଦିଲ୍ଲୀ(ଏଜେନ୍ସି) :** ଭାରତରେ ଚାଲିଥିବା ଲୋକସଭା ନିର୍ବାଚନରେ ମୁଣ୍ଡ ପୂରାଇବାକୁ ଚେଷ୍ଟା କରୁଛି ଆମେରିକା। ଭାରତର ସାଧାରଣ ନିର୍ବାଚନରେ ଆମେରିକା ହସ୍ତକ୍ଷେପ କରୁଛି। ଏଭଳି କିଛି ଦାବି କରିଛି ରୁଷ। ଭାରତକୁ ଏକ ଦେଶ ଭାବେ ଆମେରିକା ସମ୍ମାନ ଦେଉନଥିବା ରୁଷ ଅଭିଯୋଗ ଆଣିଛି। ରୁଷ ବୈଦେଶିକ ମନ୍ତ୍ରଣାଳୟର ମୁଖପାତ୍ର ମାରିଆ ଜାଖାରୋଭା ଅଭିଯୋଗ କରିଛନ୍ତି ଯେ ଆମେରିକା ଭାରତର ଆଭ୍ୟନ୍ତରୀଣ ରାଜନୈତିକ ପରିସ୍ଥିତିକୁ ବିଗାଡିବା ସହ ସାଧାରଣ ନିର୍ବାଚନକୁ ଜଟିଳ କରିବାକୁ ଚେଷ୍ଟା କରୁଛି। କେବଳ ଏତିକି ନୁହେଁ, ପନ୍ନୁ ମାମଲାରେ ରୁଷ ଆମେରିକାକୁ ତାଗିଦ ମଧ କରିଛି। ମୁଖପାତ୍ର ମାରିଆ ଜାଖାରୋଭା କହିଛନ୍ତି, 'ଧାର୍ମିକ ସ୍ୱାଧୀନତା ଉପରେ ଆମେରିକା ଭିତ୍ତିହୀନ ଅଭିଯୋଗ ଜାରି ରଖିଛି। ଭାରତର ଜାତୀୟ ମାନସିକତା ଏବଂ ଇତିହାସ ବିଷୟରେ ୱାଶିଂଟନ୍‌ର ସାଧାରଣ ବୁଝାମଣାର ଅଭାବ ରହିଛି। ଭାରତର ଆଭ୍ୟନ୍ତରୀଣ ବ୍ୟାପାରରେ ସ୍ପଷ୍ଟ ଭାବରେ ହସ୍ତକ୍ଷେପ କରୁଛି ୱାଶିଂଟନ୍। ଏଭଳି କରି ସେ ଭାରତର ସାଧାରଣ ନିର୍ବାଚନରେ ବାଧା ସୃଷ୍ଟି କରିବାକୁ ଚାହୁଁଛି। ଆମେରିକାର ଏଭଳି କାର୍ଯ୍ୟକଳାପ ଭାରତର ଆଭ୍ୟନ୍ତରୀଣ ବ୍ୟାପାରରେ ହସ୍ତକ୍ଷେପକୁ ସ୍ପଷ୍ଟ ଭାବରେ ଦର୍ଶାଉଛି, ଯାହା ଭାରତ ପ୍ରତି ଅପମାନଜନକ। ଏଥି ସହିତ ଖାଲିସ୍ତାନୀ ଆତଙ୍କବାଦୀ ଗୁରୁପତୱନ୍ତ ସିଂହ ପନ୍ନୁଙ୍କୁ ହତ୍ୟା ଷଡଯନ୍ତ୍ର ଅଭିଯୋଗରେ ରୁଷ ଭାରତକୁ ସମର୍ଥନ କରିଛି। ପନ୍ନୁ ହତ୍ୟା ଷଡଯନ୍ତ୍ରରେ ଭାରତୀୟ ଅଧିକାରୀଙ୍କ ସମ୍ପୃକ୍ତି ନେଇ ରୁଷ ଆମେରିକାର ଦାବିକୁ ପ୍ରତ୍ୟାଖ୍ୟାନ କରିଛି। ପନ୍ନୁ ହତ୍ୟା ଷଡଯନ୍ତ୍ରରେ ଭାରତର ସମ୍ପୃକ୍ତ ଥିବା ପ୍ରମାଣ କରିବାକୁ ୱାଶିଂଟନ୍ ଏପର୍ଯ୍ୟନ୍ତ କୌଣସି ବିଶ୍ୱାସନୀୟ ସୂଚନା କିମ୍ବା ପ୍ରମାଣ ଦେଇ ନାହିଁ ବୋଲି ରୁଷ କହିଛି। କହିରଖୁ ଯେ, ଧାର୍ମିକ ସ୍ୱତନ୍ତ୍ରକୁ ନେଇ ଆମେରିକାର ଆୟୋଗର ସଦ୍ୟତମ ରିପୋର୍ଟରେ ଭାରତ ଧାର୍ମିକ ସ୍ୱାଧୀନତାକୁ ଉଲ୍ଲଂଘନ କରିଥିବା ଅଭିଯୋଗ ହୋଇଛି। ତେବେ ଆମେରିକାର ଏହି ରିପୋର୍ଟକୁ ଭାରତ ସମ୍ପୂର୍ଣ୍ଣ ରୂପେ ଖଣ୍ଡନ କରିଛି।

# ତାମିଲନାଡୁ ବାଣ କାରଖାନାରେ ବିସ୍ଫୋରଣ, ୮ ଶ୍ରମିକ ମୃତ



**ଶିବକାଶୀ (ଏଜେନ୍ସି) :** ତାମିଲନାଡୁର ଶିବକାଶୀରେ ଥିବା ଏକ ବାଣ କାରଖାନାରେ ଭୟଙ୍କର ବିସ୍ଫୋରଣ ଘଟିଛି। ଏହି ବିସ୍ଫୋରଣରେ ୫ ଜଣ ମହିଳାଙ୍କ ସମେତ ୮ ଜଣ ଶ୍ରମିକଙ୍କ ମୃତ୍ୟୁ ଘଟିଛି। ଏହାଛଡ଼ା ଆଉ ୧୨ ଜଣ ଗୁରୁତରଭାବେ ପୋଡ଼ିଯାଇଥିବା ଜଣାଯାଇଛି । ସେମାନଙ୍କ ମଧ୍ୟରୁ ୨ ଜଣଙ୍କ ଅବସ୍ଥା ସଂକଟାପନ୍ନ ରହିଛି । ଆହତମାନଙ୍କ ସ୍ଥାନ ଡାକ୍ତରଖାନାରେ ଭର୍ତ୍ତି କରାଯାଇଛି । ତେବେ ଏହି ବାଣ କାରଖାନାଟି ଏକ ଲାଇସେନ୍ସଯୁକ୍ତ ବାଣ କାରଖାନା ବୋଲି ତାମିଲନାଡୁ ପୁଲିସ ପକ୍ଷରୁ ସୂଚନା ଦିଆଯାଇଛି। ପ୍ରତ୍ୟକ୍ଷଦର୍ଶୀଙ୍କ ମତରେ ପ୍ରଚଣ୍ଡ ବିସ୍ଫୋରଣ ହେବା ପରେ କାରଖାନାର ଆଖପାଖ ଅଂଚଳ ଧୂଆଁମୟ ହୋଇଯାଇଥିଲା । ତେବେ ଏହି ବିସ୍ଫୋରଣର କାରଣ ସଂପର୍କରେ ଏପର୍ଯ୍ୟନ୍ତ କିଛି ଜଣାପଡ଼ିନାହିଁ । ଏ ନେଇ ତଦନ୍ତ ନିର୍ଦ୍ଦେଶ ଦିଆଯାଇଛି ବୋଲି ପୁଲିସ କହିଛି । ବିସ୍ଫୋରଣର ଖବର ମିଳିବା ପରେ ଉକ୍ତ ଅଂଚଳରେ ଅଗ୍ନିଶମ ବାହିନୀ ପହଞ୍ଚି ନିଆଁକୁ ଆୟତ୍ତ କରିବାକୁ ଉଦ୍ୟମ ଚଳାଇଛି । ନିଆଁ ଯେପରି ଆଖପାଖରେ ଥିବା ଅନ୍ୟ ଘର ଓ କାରଖାନାକୁ ନ ବ୍ୟାପେ ତାହା ଉପରେ ଗୁରୁତ୍ୱ ଦିଆଯାଉଛି । ସୂଚନାଯୋଗ୍ୟ ଯେ ତାମିଲନାଡୁର ଶିବକାଶୀ ବାଣ ପାଇଁ ସମଗ୍ର ବିଶ୍ୱରେ ପ୍ରସିଦ୍ଧ । ଏଠାରୁ ଦେଶବିଦେଶକୁ ବାଣ ରପ୍ତାନି ହୋଇଥାଏ । ବାଣ ଛଡ଼ା ଶିବକାଶୀ ଦିଆସିଲି ଓ କ୍ୟାଲେଣ୍ଡର ପାଇଁ ମଧ ପ୍ରସିଦ୍ଧ ।

# ଚନ୍ଦ୍ରରେ ଦୌଡ଼ିବ ଟ୍ରେନ, ନିର୍ମାଣ ହେବ ରେଳ ଷ୍ଟେସନ !



**ନୂଆଦିଲ୍ଲୀ(ଏଜେନ୍ସି) :** ପୃଥିବୀ ଭଳି ଚନ୍ଦ୍ରରେ ବି ଚାଲିବ ଟ୍ରେନ। ଏହା ଶୁଣି ଆପଣ ନିଶ୍ଚିତ ଆଶ୍ଚର୍ଯ୍ୟ ହେଉଥିବେ। ଭାବୁଥିବେ ଏହା କୌଣସି ଫେକ ନ୍ୟୁଜ। କିନ୍ତୁ ଆମେରିକାର ମହାକାଶ ଗବେଷଣା ସଂସ୍ଥା ନାସା ପକ୍ଷରୁ ଏମିତି କିଛି ଯୋଜନା କରାଯାଉଛି। ବର୍ତ୍ତମାନ ସମଗ୍ର ବିଶ୍ୱର ସ୍ପେସ୍ ଏଜେନ୍ସିଗୁଡ଼ିକ ଚନ୍ଦ୍ରକୁ ଭିନ୍ନଭିନ୍ନ ମିଶନ ପଠାଇବାରେ ବ୍ୟସ୍ତ ଅଛନ୍ତି। ଏହିକ୍ରମରେ ଆମେରିକା ଗୋଟିଏ ପାଦ ଆଗକୁ ଯାଇ ସେଠାରେ ଟ୍ରେନ୍ ଚଳାଇବାକୁ ଯୋଜନା କରିଛି। ଆମେରିକାର ସ୍ପେସ୍ ଏଜେନ୍ସି ନାସା ଚନ୍ଦ୍ରରେ ପ୍ରଥମ ଥର ପାଇଁ ରେଳ ସେବା ଆରମ୍ଭ କରିବାକୁ ଗୋଟିଏ ବ୍ଲୁ ପ୍ରିଣ୍ଟ ପ୍ରସ୍ତୁତ କରିଛି। ନାସା ପକ୍ଷରୁ ଚନ୍ଦ୍ରରେ ପ୍ରଥମଥର ପୂର୍ଣ୍ଣକାଳୀନ ରେଳ ଷ୍ଟେସନ ନିର୍ମାଣ କରାଯିବ। ଚନ୍ଦ୍ରପୃଷ୍ଠରେ ବିଶ୍ୱସ୍ତ, ସ୍ୱୟଂଶାସିତ ଓ ଦକ୍ଷତା ସମ୍ପନ୍ନ ପେ-ଲୋଡ୍ ପରିବହନ ପାଇଁ ନାସା କାର୍ଯ୍ୟକ୍ଷମ ହୋଇପାରୁ ଥିବା ରେଳ ଷ୍ଟେସନ ନିର୍ମାଣ କରିବାକୁ ଚାହୁଁଛି। କିନ୍ତୁ ଚନ୍ଦ୍ରରେ ଚାଲିବାକୁ ଥିବା ଟ୍ରେନ ଓ ସେଠାକାର ରେଳ ଷ୍ଟେସନ ପୃଥିବୀ ଠାରୁ ସଂପୂର୍ଣ୍ଣ ଭିନ୍ନ ହେବ। ନାସାର କହିବା କଥା ଯେ ସେମାନେ ଏପରି ଏକ ରୋବୋଟିକ୍ ପରିବହନ ବ୍ୟବସ୍ଥା ପ୍ରସ୍ତୁତ କରିବାକୁ ଚାହୁଁଛନ୍ତି, ଯାହା ଚନ୍ଦ୍ରରେ ଥିବା ବେସର ଦୈନନ୍ଦିନ ଆବଶ୍ୟକତା ପୂରଣ କରିପାରିବ। ଆମେରିକା ୨୦୩୦ ସୁଦ୍ଧା ଚନ୍ଦ୍ରରେ ଗୋଟିଏ ସ୍ୱତନ୍ତ୍ର ବେସ୍ ତିଆରି କରିବା ଲକ୍ଷ୍ୟରେ ରହିଛି। ଚନ୍ଦ୍ରରେ ଚାଲିବାକୁ ଥିବା ଟ୍ରେନ୍ ପୃଥିବୀର ଟ୍ରେନ୍ ଠାରୁ ସମ୍ପୂର୍ଣ୍ଣ ଭିନ୍ନ ହେବ। ଏଥିପାଇଁ ଗୋଟିଏ ସ୍ୱତନ୍ତ୍ର ଟ୍ରାକ୍ ପ୍ରସ୍ତୁତ କରାଯିବ। ନାସା ଏହାର ନାମ ଫ୍ଲୋଟ ଅର୍ଥାତ୍ ଫ୍ଲେକ୍ସିବଲ୍ ଲେଭିଟେସନ୍ ଅନ ଟ୍ରାକ ରଖିଛି। ସମ୍ଭବତଃ ଏହା ଶୁଣିବାକୁ କୌଣସି ବିଜ୍ଞାନର କାଳ୍ପନିକ ଶବ୍ଦ ଲାଗିପାରେ। କିନ୍ତୁ ଏହା କିଛି ବର୍ଷ ମଧ୍ୟରେ ବାସ୍ତବ ରୂପ ନେବାର ଯଥେଷ୍ଟ ସମ୍ଭାବନା ରହିଛି। ନାସାର ପ୍ରାରମ୍ଭିକ ଡିଜାଇନ୍ ଅନୁଯାୟୀ, ଫ୍ଲୋଟରେ ୩ ସ୍ତରୀୟ ଫିଲ୍ମ ଟ୍ରାକ ଉପରେ ଚୁମ୍ବକୀୟ ରୋବଟ୍ ରହିବ। ଏହି ଟ୍ରାକରେ ଏକ ଗ୍ରାଫାଇଟ୍ ସ୍ତର ରହିବ ଯାହା ରୋବଟଗୁଡ଼ିକୁ ଡାଇମାଗ୍ନେଟିକ୍ ଲେଭିଟେସନ୍ ମାଧ୍ୟମରେ ଭାସମାନ ଅବସ୍ଥାରେ ରଖିବ। ଦ୍ୱିତୀୟ ସ୍ତର ଫ୍ଲେକ୍ସ-ସର୍କିଟ୍ ହେବ ଯାହା ଇଲେକ୍ଟ୍ରୋମ୍ୟାଗ୍ନେଟିକ୍ ଥ୍ରଷ୍ଟ ସୃଷ୍ଟି କରିବ। ଫଳରେ ରୋବଟଗୁଡ଼ିକ ଆଗକୁ ଯାଇ ପାରିବେ। ସୌର ପ୍ୟାନେଲର ଏକ ପତଳା ସ୍ତର ରହିବ ଯାହା ସୂର୍ଯ୍ୟ କିରଣରୁ ଶକ୍ତି ଉତ୍ପାଦନ କରିବ। ଫ୍ଲୋଟ ରୋବଟଗୁଡ଼ିକର କୌଣସି ମୁଭିଂ ପାର୍ଟ ରହିବ ନାହିଁ। ସେଗୁଡ଼ିକ ଟ୍ରାକ ଉପରେ ଭାସମାନ ଅବସ୍ଥାରେ ଗତିଶୀଳ ହେବେ। ସେମାନଙ୍କର ଗତି ଘଣ୍ଟା ପ୍ରତି ୧.୬୧ କିଲୋମିଟର ହେବ। ନାସାର ଭବିଷ୍ୟତ ବେସରୁ ଦିନକୁ ପ୍ରାୟ ୧୦୦ ଟନ୍ ସାମଗ୍ରୀ ସ୍ଥାନାନ୍ତର କରିବାକୁ ସକ୍ଷମ ହେବେ।

## ଆଇନ ଅଦାଲତ

# ସାଲେପୁର ନାବାଳିକା ବଳତ୍କାର ଓ ହତ୍ୟା ମାମଲା

## ମହମ୍ମଦ ମୁସ୍ତାକ୍‌ଙ୍କ ଫାଶୀ ଦଣ୍ଡାଦେଶକୁ ଆଜୀବନ କଲେ ହାଇକୋର୍ଟ

**କଟକ(ଏନ୍.ଏମ୍.) :** ବହୁ ଚର୍ଚ୍ଚିତ ସାଲେପୁର ନାବାଳିକା ବଳତ୍କାର ଓ ହତ୍ୟା ଘଟଣାରେ ଆସାମୀ ମହମ୍ମଦ ମୁସ୍ତାକ୍‌କୁ ହୋଇଥିବା ଫାଶୀ ଦଣ୍ଡାଦେଶକୁ ଆଜି ହାଇକୋର୍ଟ କୋହଳ କରିଛନ୍ତି। ଏହି ଘଟଣାରେ କଟକର ତୃତୀୟ ଅତିରିକ୍ତ ଜିଲ୍ଲା ଓ ଦୌରାଜଜ୍ ତଥା ପୋକ୍‌ସୋ ଅଦାଲତ ଆସାମୀ ମହମ୍ମଦ ମୁସ୍ତାକ୍‌କୁ ଦେଇଥିବା ଫାଶୀ ଦଣ୍ଡାଦେଶକୁ ହାଇକୋର୍ଟର ବିଚାରପତି ଏସ୍. କେ. ସାହୁ ଓ ବିଚାରପତି ଆର. କେ. ପଟ୍ଟନାୟକଙ୍କ ଖଣ୍ଡପୀଠ କୋହଳ କରି ଆଜୀବନ ଦଣ୍ଡାଦେଶରେ ପରିବର୍ତ୍ତନ କରିଛନ୍ତି। ଏଥିସହ ଜିଲା ଆଇନ ସେବା ପ୍ରାଧିକରଣ ମୃତ ନାବାଳିକାଙ୍କ ପରିବାରକୁ ଆସନ୍ତା ୪ ସପ୍ତାହ ମଧ୍ୟରେ କ୍ଷତିପୂରଣ ରାଶି ପ୍ରଦାନ କରିବାକୁ ହାଇକୋର୍ଟ ନିର୍ଦ୍ଦେଶ ଦେଇଛନ୍ତି। ସୂଚନା ଥାଉକି ଗତ ୨୦୧୮ ମସିହା ଏପ୍ରିଲ୍ ୨୧ ତାରିଖ ଦିନ ସାଲେପୁର ଥାନା ଅର୍ନ୍ତଗତ ଜଗନ୍ନାଥପୁର ଗ୍ରାମର ଜଣେ ୬ ବର୍ଷୀୟ ନାବାଳିକାକୁ ଅତ୍ୟନ୍ତ ଅମାନବୀୟ ଭାବେ ବଳତ୍କାର କରାଯାଇଥିଲା। ଆସାମୀ ମୁସ୍ତାକ୍ ନାବାଳିକାକୁ ଚକୋଲେଟ୍ ଦେବା ବାହାନାରେ ଏକ ଅନ୍ଧାରିଆ ସ୍ଥାନକୁ ଟେକି ନେଇ ଅତ୍ୟନ୍ତ ଅମାନବୀୟ ଭାବେ ବଳତ୍କାର କରିଥିଲା। ତେବେ କାଳେ ନାବାଳିକା ଜଣକ ଘଟଣା ସମ୍ପର୍କରେ କାହାରିକୁ ପ୍ରକାଶ କରିଦେବ ଆଶଙ୍କା କରି ଅଭିଯୁକ୍ତ ପ୍ରମାଣ ନଷ୍ଟ କରିବା ପାଇଁ ତା ମୁଣ୍ଡକୁ ଏକ କାନ୍ଥରେ ପିଟି ଦେଇଥିଲା। ଏହା ପରେ ସେ ଘଟଣାସ୍ଥଳରୁ ଫେରାର ହୋଇଯାଇଥିଲା। ପରିବାର ଲୋକେ ନାବଳିକାକୁ ବହୁତ ଖୋଜାଖୋଜି କରିବା ପରେ ତାକୁ ସ୍କୁଲ୍ ବାରଣ୍ଡା ନିକଟରୁ ଅତ୍ୟନ୍ତ ମୁର୍ମୂଷ ଅବସ୍ଥାରେ ପାଇଥିଲେ। ଏହା ପରେ ତାଙ୍କୁ ଚିକିତ୍ସା ପାଇଁ ପ୍ରଥମେ ସ୍ଥାନୀୟ ପ୍ରାଥମିକ ସ୍ୱାସ୍ଥ୍ୟକେନ୍ଦରେ ଭର୍ତ୍ତି କରିଥିଲେ। ତେବେ ସେଠାରେ ତାର ସ୍ୱାସ୍ଥ୍ୟବସ୍ଥା ଆହୁରି ଖରାପ ହେବାକରୁ ତାକୁ ସଙ୍ଗେ ସଙ୍ଗେ କଟକ ବଡ଼ ମେଡ଼ିକାଲ ସ୍ଥାନାନ୍ତର କରାଯାଇଥିଲା। ସେଠାରେ ୧୩ ଜଣିଆ ଡ଼ାକ୍ତରୀ ଟିମ୍ ତାଙ୍କୁ ଚିକିତ୍ସା କରୁଥିଲେ। ଚିକିତ୍ସିତ ଅବସ୍ଥାରେ ଏପ୍ରିଲ୍ ୨୯ ତାରିଖରେ ପିଡିତା ଜଣକ ବଡ ଡାକ୍ତରଖାନାରେ ଆଖି ବୁଜିଥିଲେ। ଏହି ମାମଲାରେ ସାଲେପୁର ପୁଲିସ୍ ତଦନ୍ତ କରି ଅଭିଯୁକ୍ତ ମହମ୍ମଦ ମୁସ୍ତାକ(୩୦)କୁ (ମାମଲା-୮୧/୨୦୧୮) ଆଇପିସିର ୩୭୬(୨) (ଆଇ) (ଏମ୍)/୩୦୭ ଆଇପିସି, ଆର୍/ଡ଼ବ୍ଲୁ ସେକ୍‌ସନ୍-୬ ପୋକ୍ସୋ ଆକ୍ଟରେ ଗିରଫ କରି କୋର୍ଟ ଚାଲାଣ କରିଥିଲା। ତେବେ ଏଭଳି ସ୍ପର୍ଶକାତର ଘଟଣାକୁ ନେଇ ସାରା ରାଜ୍ୟରେ ବିକ୍ଷୋଭ, ପ୍ରତିବାଦ ସଭା ଜାରି ରହିଥିବାବେଳ ଏହି ମାମଲାକୁ ପୁଲିସ୍ ରେଡ୍ ଫ୍ଲାଗ୍‌ର ଅନ୍ତର୍ଭୁକ୍ତ କରି ତଦନ୍ତ ଚଳାଇଥିଲା। ପୁଲିସ୍ ଏହି ମାମଲାରେ ଅଭିଯୁକ୍ତ ନିକଟରୁ ଅଧିକ ତଥ୍ୟ ହାସଲ କରିବା ପାଇଁ ତାକୁ ଭିନ୍ନ ଭିନ୍ନ ପର୍ଯ୍ୟାୟରେ ମଧ୍ୟ ରିମାଣ୍ଡରେ ନେଇଥିଲା। ପୁଲିସ୍ ଏହି ମାମଲାରେ ଉପଯୁକ୍ତ ତଦନ୍ତ କରି ଘଟଣା ଘଟିବାର ମାତ୍ର ୧୯ ଦିନ ପରେ ଅଭିଯୁକ୍ତ ବିରୋଧରେ ମାମଲା ସଂଖ୍ୟା-୮୧/୨୦୧୮), ଭାରତୀୟ ଦଣ୍ଡବିଧି ଆଇନର ୩୭୬(କ), (ଖ), ୩୦୨ ଏବଂ ପୋକ୍ସୋ ଆଇନର ୬ ଧାରା ଆଧାରରେ ୫ ଶହ ପୃଷ୍ଠାର ଅଭିଯୋଗପତ୍ର ଦାଖଲ କରିଥିଲା। ଏପରି ସ୍ଥିତିରେ ମୃତ ନାବାଳିକାର ପରିବାରକୁ କଟକ ଜିଲ୍ଲା ଆଇନସେବା ପ୍ରାଧିକରଣ ପକ୍ଷରୁ ଓଡିଶା ପିଡିତ କ୍ଷତିପୁରଣ ଯୋଜନାରେ ୧ଲକ୍ଷ ଟଙ୍କାର ଅନ୍ତରୀଣ କ୍ଷତିପୂରଣ ରାଶି ପ୍ରଦାନ କରାଯାଇଥିଲା। କଟକର ପୋକ୍‌ସୋ କୋର୍ଟ ଆସାମୀକୁ ଆଇପିସିର ୩୬୩/ ୩୬୭(ଏ)(ବି)/୩୦୨ ଏବଂ ପୋକ୍‌ସୋ ଆକ୍ଟର (ପ୍ରୋଟେକ୍‌ସନ୍ ଅଫ୍ ଚିଲ୍ଡ୍ରେନ୍ ଫ୍ରମ୍ ସେକ୍ସୁଆଲ୍ ଅଫେନ୍‌ସ୍ ଆକ୍ଟ) ୬ ଧାରାରେ ଗତ ଦୋଷୀ ସାବ୍ୟସ୍ତ କରି ତାକୁ ଆଇପିସର ୩୦୨/୩୬୭(ଏ)(ବି) ଧାରାରେ ଫାଶୀ ଦଣ୍ଡାଦେଶ ପ୍ରଦାନ କରିଥିଲେ। ନିମ୍ନ ଅଦାଲତଙ୍କ ଏପରି ଦଣ୍ଡାଦେଶ ମଞ୍ଜୁରୀ ନିମନ୍ତେ ହାଇକୋର୍ଟକୁ ଆସିଥିଲା।

# ହତ୍ୟାକରୀକୁ ଆଜୀବନ କାରାଦଣ୍ଡ




**ଜଗତସିଂହପୁର (ଏନ୍.ଏମ୍.) :** ଜଗତସିଂହପୁର ସଦର ଥାନା ଅନ୍ତର୍ଗତ ନିମାପଡ଼ା ଗ୍ରାମରେ ୨୦୨୧ ମସିହା ଡିସେମ୍ବର ୧୬ ତାରିଖରେ ଏକ ହତ୍ୟାକାଣ୍ଡ ମାମଲାର ବିଚାରକରି ଜିଲ୍ଲା ଦୌରାଜଜ ଅଭିଯୁକ୍ତ ସୁଶ୍ରୀ ରଞ୍ଜନ ବିଶ୍ୱାଳକୁ ଆଜୀବନ କାରାଦଣ୍ଡ କରିବା ସହିତ ୫ହଜାର ଟଙ୍କା ଜୋରିମାନା କରିଛନ୍ତି । ସୂଚନା ଅନୁସାରେ ଜଗତସିଂହପୁର ଜିଲ୍ଲା ନିମାପଡ଼ା ଗାଁର ଅଭୟ ନାୟକଙ୍କ ଘର ସମ୍ମୁଖରେ ଅଭିଯୁକ୍ତ ସୁଶ୍ରୀ ରଞ୍ଜନ ପରିସ୍ରା କରୁଥିଲେ। ଏହି ସମୟରେ ଅଭୟ ବାରଣ କରିଥିଲେ। ଏହାକୁ ନେଇ ଉଭୟଙ୍କ ମଧ୍ୟରେ ବଚସା ହୋଇଥିଲା ଓ ପରେ ସୁଶ୍ରୀ ରଞ୍ଜନ ଏକ ଠେଙ୍ଗା ଆଣି ଅଭୟ ନାୟକଙ୍କ ମୁଣ୍ଡକୁ ପିଟି ଦେଇଥିଲେ। ଗୁରୁତର ଅବସ୍ଥାରେ ଅଭୟଙ୍କୁ ପ୍ରଥମେ ଜଗତସିଂହପୁର ମୁଖ୍ୟ ଚିକିତ୍ସାଳୟ ଓ ପରେ କଟକ ସ୍ଥାନାନ୍ତର କରାଯାଇଥିଲା। ସେଠାରେ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ। ଘଟଣା ସମ୍ପର୍କରେ ମୃତ ଅଭୟ ନାୟକଙ୍କ ପତ୍ନୀ କ୍ରୀଷ୍ଣରାଣୀ ସାହୁ ଜଗତସିଂହପୁର ଥାନାରେ ଏତଲା ଦେବା ପରେ ପୁଲିସ ଅଭିଯୁକ୍ତ ସୁଶ୍ରୀ ରଞ୍ଜନକୁ ଗିରଫ କରି କୋର୍ଟ ଚାଲାଣ କରିଥିଲେ।

# ସରକାରଙ୍କୁ ସୁପ୍ରିମକୋର୍ଟଙ୍କ ତାଗିଦ, କହିଲେ- ବର୍ଷା କିମ୍ବା କୃତ୍ରିମ ବର୍ଷା ଭରସାରେ ରୁହନି



**ନୂଆଦିଲ୍ଲୀ(ଏଜେନ୍ସି) :** ହୁ ହୁ ହୋଇ ଜଳୁଛି ଜଙ୍ଗଲ। ଉତ୍ତରାଖଣ୍ଡର ଜଙ୍ଗଲରେ ଗଲା କିଛି ବ୍ୟାପକ ଅଗ୍ନିକାଣ୍ଡ ଘଟିଛି। ଏହି ନିଆଁ ଲିଭିବାର ନାଁ ନେଉନାହିଁ। ଏହାକୁ ଲିଭାଇବାକୁ ପ୍ରଶାସନ ପକ୍ଷରୁ ଚେଷ୍ଟା ଜାରି ରହିଛି। ତଥାପି ଏହି ଜଙ୍ଗଲ ନିଆଁ ଏବେ ଜନବସତି ଆଡକୁ ବ୍ୟାପିବାରେ ଲାଗିଛି। ଏହାକୁ ନେଇ ଏବେ ସୁପ୍ରିମକୋର୍ଟ ଚିନ୍ତା ବ୍ୟକ୍ତ କରିଛନ୍ତି। ଏଥିସହ ଉତ୍ତରଖଣ୍ଡ ସରକାରଙ୍କୁ କୋର୍ଟ ତାଗିଦ କରିଛନ୍ତି। ଆମେ ବର୍ଷା କିମ୍ବା କୃତ୍ରିମ ବର୍ଷା ଭରସାରେ ହାତ ଉପରେ ହାତ ରଖି ବସି ପାରିବା ନାହିଁ। ଗଣମାଧ୍ୟମରେ ଜଙ୍ଗଲରେ ଲାଗିଥିବାର ନିଆଁର ଭୟଙ୍କର ଚିତ୍ର ଆପଣ ନିଶ୍ଚିତ ଦେଖିଥିବେ। ଏଥିପାଇଁ ରାଜ୍ୟ ସରକାର କ'ଣ କରୁଛନ୍ତି। ସରକାରଙ୍କୁ ଏଥିପାଇଁ ଉଚିତ ପଦକ୍ଷେପ ଗ୍ରହଣ କରିବାକୁ ହେବ। ଏଥିସହ ଏହି ପ୍ରସଙ୍ଗରେ କେନ୍ଦ୍ରୀୟ ଉଚ୍ଚ କ୍ଷମତା ସମ୍ପନ୍ନ କମିଟିକୁ ସାମିଲ କରାଇବାକୁ ସୁପ୍ରିମ କୋର୍ଟ ସରକାରଙ୍କୁ ପରାମର୍ଶ ଦେଇଛନ୍ତି। ଜଷ୍ଟିସ୍ ବିଆର୍ ଗୱଇ ଓ ଜଷ୍ଟିସ ସନ୍ଦୀପ ମେହତାଙ୍କ ଖଣ୍ଡପୀଠରେ ଆଜି ଉତ୍ତରାଖଣ୍ଡର ଜଙ୍ଗଲରେ ଲାଗିଥିବା ନିଆଁକୁ ନେଇ ହୋଇଥିବା ଏକ ମାମଲାର ଶୁଣାଣି ହୋଇଛି। ଶୁଣାଣି ବେଳେ ଆବେଦନକାରୀଙ୍କ ଓକିଲ ବଢୁଥିବା ଅଗ୍ନିକାଣ୍ଡ ଘଟଣାରେ ଉଦ୍‌ବେଗ ପ୍ରକାଶ କରିବା ସହ ତୁରନ୍ତ ଏହାକୁ ନିୟନ୍ତ୍ରଣ କରିବାକୁ ସରକାରଙ୍କୁ ନିର୍ଦ୍ଦେଶ ଦେବାକୁ ଅନୁରୋଧ କରିଥିଲେ। ସେ ଦୁଇ ବର୍ଷ ପୂର୍ବେ ଏନଜିଟିରେ ମଧ ଏକ ପିଟିସନ ଦାଖଲ କରିଥିଲେ। କିନ୍ତୁ ଏପର୍ଯ୍ୟନ୍ତ ସରକାର ଏହା ଉପରେ କୌଣସି ପଦକ୍ଷେପ ନେଇନାହାଁନ୍ତି। ସେଥିପାଇଁ ମୋତେ ଏଠାକୁ ଆସିବାକୁ ପଡିଲା ବୋଲି ଆବେଦନକାରୀ କହିଛନ୍ତି। ବର୍ତ୍ତମାନ ସୁଦ୍ଧା ଜଙ୍ଗଲରେ ଲାଗିଥିବା ନିଆଁକୁ ନେଇ ୩୯୮ଟି ଘଟଣା ରେଜିଷ୍ଟର ହୋଇଛି। ୩୫୦ରୁ ଅଧିକ ଅପରାଧିକ ମାମଲା ରୁଜୁ ହୋଇଛି ଯେଉଁଥିରେ ୬୨ ଜଣଙ୍କ ନାଁ ରହିଛି। ୨୯୮ ଅଜ୍ଞାତ ଲୋକଙ୍କୁ ଚିହ୍ନଟ କରିବାକୁ ଚେଷ୍ଟା ଚାଲିଛି। କିଛି ଲୋକଙ୍କୁ ପଚରାଉଚରା ପାଇଁ ମଧ ଅଟକ ରଖାଯାଇଛି ବୋଲି ସରକାର କହିଛନ୍ତି। ଏହାର ଜବାବରେ ସରକାର ଯେତେ ସହଜରେ ଏହି ସବିଶେଷ ତଥ୍ୟ ରଖିଛନ୍ତି ତା'ଠାରୁ ପରିସ୍ଥିତି ଅଧିକ ଗୁରୁତର ରହିଛି। ଜଙ୍ଗଲରେ ବାସ କରୁଥିବା ପଶୁ, ପକ୍ଷୀ ଏବଂ ଗଛ ଲତା ତଥା ଜଙ୍ଗଲ ନିକଟବର୍ତ୍ତୀ ବାସିନ୍ଦାଙ୍କ ଅସ୍ତିତ୍ୱ ପ୍ରତି ଘୋର ବିପଦ ରହିଛି ବୋଲି ଆବେଦନକାରୀ କହିଛନ୍ତି। ଏହି ମାମଲାର ପରବର୍ତ୍ତୀ ଶୁଣାଣି ଆସନ୍ତା ମେ' ୧୫ ତାରିଖରେ ହେବ।

# କୋର୍ଟରେ ହାଜର ହେଲେନି, ସମୟ ମାଗିଲେ ଅନୁଭବ ମହାନ୍ତି




**କଟକ(ଏନ୍.ଏମ୍.) :** କେନ୍ଦ୍ରାପଡ଼ା ସାଂସଦ ତଥା ଅଭିନେତା ଆଜି କଟକ ଜେଏମଏଫସି ସ୍ୱତନ୍ତ୍ର କୋର୍ଟରେ ହାଜର ହୋଇନାହାନ୍ତି । ବ୍ୟକ୍ତିଗତ କାରଣ ଦର୍ଶାଇ ଓକିଲଙ୍କ ଜରିଆରେ ସେ କୋର୍ଟଙ୍କୁ ସମୟ ମାଗିଥିବା ଜଣାଯାଇଛି । ତାଙ୍କ ଆବେଦନକୁ ବିଚାର କରି କୋର୍ଟ ସମୟ ଦେଇଛନ୍ତି । ତେଣୁ ଆସନ୍ତା ସୋମବାର ଅନୁଭବ ଓ ତାଙ୍କ ସହଯୋଗୀ କୋର୍ଟରେ ହାଜର ହେବେ ବୋଲି ସୂଚନା ରହିଛି । ବର୍ଷାଙ୍କ ଦ୍ୱାରା ଦାଏର ମାମଲାର ଉପରେ ଆଜି କୋର୍ଟ ଚାର୍ଜଫ୍ରେମ୍ କରିବାର ଥିଲା। ଅନୁଭବଙ୍କ ବିରୋଧରେ ଚାର୍ଜଫ୍ରେମ ଦାଖଲ ପାଇଁ ନିର୍ଦ୍ଦେଶ ଦେଇଥିଲେ କୋର୍ଟ। ବର୍ଷା ପ୍ରିୟଦର୍ଶନୀଙ୍କ ପକ୍ଷରୁ କରାଯାଇଥିବା ଘରୋଇ ହିଂସା ମାମଲାର ଶୁଣାଣି କରି ଏଭଳି ନିର୍ଦ୍ଦେଶ ଦେଇଥିଲେ କଟକ ଜେଏମଏଫସି ସ୍ୱତନ୍ତ୍ର କୋର୍ଟ। ଅନୁଭବଙ୍କ ବିରୋଧରେ କଟକ ପୁରୀଘାଟ ଥାନରେ ବର୍ଷା ଅଭିଯୋଗ କରିଥିଲେ। ଏହି ମାମଲା ଏବେ କୋର୍ଟରେ ବିଚାରାଧୀନ ଅଛି। ଏହି ମାମଲାରେ ଅନୁଭବଙ୍କ ଡିସଚାର୍ଜ ଆବଦେନର ଗତକାଲି ଶୁଣାଣି ହୋଇଥିଲା। ମାମଲାର ଶୁଣାଣି କରି ଏଭଳି ନିର୍ଦ୍ଦେଶ ଦେଇଥିଲେ କୋର୍ଟ।

ସମ୍ପାଦକୀୟ

## ରେକର୍ଡ କରିପାରିବେ କି ନବୀନ ପଟ୍ଟନାୟକ ?

ସର୍ବାଧିକ ସମୟ ମୁଖ୍ୟମନ୍ତ୍ରୀ ରହି ଆସିଥିବା ଭାରତୀୟ ନେତାଙ୍କ ତାଲିକାରେ ନବୀନ ପଟ୍ଟନାୟକଙ୍କ ସ୍ଥାନ ଦ୍ୱିତୀୟ । ଆମେ ଜାଣିଛେ ଯେ, ସିକ୍କିମର ପୂର୍ବତନ ମୁଖ୍ୟମନ୍ତ୍ରୀ ପବନ କୁମାର ଚାମଲିଙ୍ଗଙ୍କ ନାମରେ ଦୀର୍ଘ ୨୪ ବର୍ଷ, ୧୬୫ ଦିନ ଧରି ଲଗାତାର ମୁଖ୍ୟମନ୍ତ୍ରୀ ରହିଥିବାର ରେକର୍ଡ ଆଜିଯାଏଁ କେହି ଭାଙ୍ଗିପାରି ନାହାନ୍ତି । ଏଥର ବିଜୁ ଜନତା ଦଳ ନିର୍ବାଚନରେ ବିଜୟଲାଭ କଲେ ଦଳର ସୁପ୍ରିମୋ ନବୀନ ପଟ୍ଟନାୟକ ଲଗାତାର ଷଷ୍ଠ ଥର ପାଇଁ ମୁଖ୍ୟମନ୍ତ୍ରୀ ହେବା ନିଶ୍ଚିତ । ଏହା ହେଲେ, ଅଗଷ୍ଟ ମାସ ଶେଷ ବେଳକୁ ଚାମଲିଙ୍ଗଙ୍କ ରେକର୍ଡ ଭାଙ୍ଗି ଏହି ତାଲିକାର ପ୍ରଥମ ସ୍ଥାନକୁ ଆସିପାରିବେ ନବୀନ ପଟ୍ଟନାୟକ । କେବଳ ଏତିକି ନୁହେଁ, କ୍ରମାଗତ ଷଷ୍ଠ ଥର ପାଇଁ ବିଧାନସଭା ନିର୍ବାଚନରେ ଜିତିବାର ଏକ ନିଆରା ରେକର୍ଡ ମଧ୍ୟ କରିବେ । କିନ୍ତୁ ନିର୍ବାଚନରେ ଲଗାତାର ପାଞ୍ଚ ଥର ସହଜରେ ଜିତିଥିବା ନବୀନ ଏଥର ତାଙ୍କର ଦୀର୍ଘ ତଥା ସଫଳ ରାଜନୈତିକ ଜୀବନର ସବୁଠାରୁ ବଡ଼ ଆହ୍ୱାନର ସମ୍ମୁଖୀନ ହୋଇଛନ୍ତି । ଦୀର୍ଘ ଚବିଶ ବର୍ଷ ମଧ୍ୟରେ ପ୍ରଥମ ଥର ପାଇଁ ଦେଖିବାକୁ ମିଳୁଛି ଯେ, ସେ ଏବଂ ତାଙ୍କର ବିଜୁ ଜନତା ଦଳ ବା ବିଜେଡି 'ସତ୍ତା-ବିରୋଧୀ' ସ୍ଥିତିର ସମ୍ମୁଖୀନ ହେଉଛନ୍ତି । ଏହା ସତ୍ୟ ଯେ, ନବୀନଙ୍କ ବ୍ୟକ୍ତିଗତ ଲୋକପ୍ରିୟତା ଆଜି ପର୍ଯ୍ୟନ୍ତ ଅକ୍ଷୁର୍ଣ୍ଣ ରହିଛି ; କିନ୍ତୁ ଅଧିକାଂଶ ସ୍ଥାନରେ ତାଙ୍କର ଦଳ ବିଜେଡି ନିରନ୍ତର କ୍ଷମତାରେ ରହି ଆସିଥିବାରୁ ଓଡ଼ିଶାବାସୀ ତାଙ୍କ ଦଳର କର୍ମୀ ଓ ନେତାଙ୍କ ଉପରୁ ବିଶ୍ୱାସ ଓ ସମର୍ଥନ ହରାଉଥିବା ପରି ମନେ ହେଉଛି । ଚଳିତ ନିର୍ବାଚନରେ ବ୍ୟାପକ ଦଳଡିଆଁ ଦେଖିବାକୁ ମିଳୁଛି । ଏହି କାରଣରୁ ଏପର୍ଯ୍ୟନ୍ତ ବିଜେଡି ପକ୍ଷରୁ ପ୍ରକାଶିତ ୨୧ ଲୋକସଭା ଏବଂ ୧୨୬ ବିଧାନସଭା ପ୍ରାର୍ଥୀତାଲିକା ପ୍ରକାଶ ପାଇବା ମଧ୍ୟରେ ବିଜେପି ଏବଂ କଂଗ୍ରେସରୁ ବିଜେଡ଼ିକୁ ଡିଆଁ ମାରିଥିବା ଅନେକ ନେତାଙ୍କୁ ଦେଖିବାକୁ ମିଳୁଛି । ଏଥର ବିଜେଡି ଟିକେଟରେ ନିର୍ବାଚନ ଲଢୁଥିବା ଦଳଡିଆଁ ନେତାଙ୍କ ଭିତରୁ ପ୍ରାୟ ଏକ ତୃତୀୟାଂଶ ପ୍ରାର୍ଥୀ ପୂର୍ବରୁ ନିର୍ବାଚନରେ ବିଜୟଲାଭ କରିଥିଲେ । ଅନ୍ୟ ଦଳର ନେତାମାନେ ଏବେ ବି ବିଜେଡିରେ ଯୋଗ ଦେଉଥିବାରୁ ଅନୁମାନ କରାଯାଉଛି ଯେ ଅବଶିଷ୍ଟ ୨୧ଟି ବିଧାନସଭା ଆସନରେ ମଧ୍ୟ ଏହିପରି ଦୃଶ୍ୟ ଦେଖିବାକୁ ମିଳିପାରେ । ଅପରପକ୍ଷରେ, ଯେଉଁମାନେ ବିଜେପି ଟିକେଟ୍ ନପାଇ ଅସନ୍ତୁଷ୍ଟ, ସେମାନେ ଘୋଷିତ ପ୍ରାର୍ଥୀଙ୍କ ବିରୋଧରେ ଖୋଲାଖୋଲି ବିରୋଧ କରୁଛନ୍ତି କିମ୍ବା ସ୍ୱାଧୀନ ପ୍ରାର୍ଥୀ ଭାବରେ ନିର୍ବାଚନରେ ପ୍ରତିଦ୍ୱନ୍ଦିତା କରିବାକୁ ଉଦ୍ୟମ ଆରମ୍ଭ କରିଛନ୍ତି । ଅନୁମାନ କରାଯାଇପାରେ ଯେ ବିଜେଡି ପୂର୍ବଭଳି ଆଉ ଶକ୍ତିଶାଳୀ ହୋଇ ରହିନାହିଁ । ଏହାର ଅନେକ ନେତା, ବିଧାୟକ ଏବଂ ସାଂସଦ ଦଳ ଛାଡ଼ିଛନ୍ତି । ପ୍ରାର୍ଥୀ ତାଲିକା ପ୍ରକାଶ କରିବା ପାଇଁ ବିଜେଡି ଅନେକ ସମୟ ନେବାକୁ ବାଧ୍ୟ ହେଉଥିବାର ଦେଖିବାକୁ ମିଳୁଛି । ଏହା କେବଳ ଚଳିତ ଥର ଦେଖିବାକୁ ମିଳୁଛି । ପୂର୍ବ ନିର୍ବାଚନରେ ଟିକେଟ୍ ବଣ୍ଟନ କାରଣରୁ ଭାଜପାରେ ଯେ କୌଣସି ଅସନ୍ତୋଷ ନଥିଲା, ତାହା ନୁହେଁ । କିନ୍ତୁ ଦଳର ନେତୃତ୍ୱ ଏଭଳି ଅସନ୍ତୋଷକୁ ସଫଳତାର ସହ ପ୍ରତିହତ କରି ପାରିଥିବାରୁ ଦଳର ନିର୍ବାଚନ ପ୍ରଦର୍ଶନ ପ୍ରଭାବିତ ହୋଇ ନଥିଲା । ଏଥର ବିଜେଡିର ନେତୃତ୍ୱ ପାଇଁ ପରିସ୍ଥିତି ନିୟନ୍ତ୍ରଣ ବାହାରକୁ ଚାଲି ଯାଉଥିବାର ସ୍ପଷ୍ଟ ଦେଖାଯାଉଛି । ଏହାର ଦୁଇଟି କାରଣ ରହି ଥାଇପାରେ । ଗୋଟିଏ କାରଣ ହେଉଛି ଏଥର ଦଳୀୟ ଟିକେଟ୍ ପାଇ ନିର୍ବାଚନ ଲଢ଼ିବାକୁ ଆଗ୍ରହୀ ପ୍ରାର୍ଥୀଙ୍କ ସଂଖ୍ୟା ପୂର୍ବ ନିର୍ବାଚନ ତୁଳନାରେ ବହୁତ ଅଧିକ । ବିଜେଡିର ଅନ୍ୟତମ ଶୀର୍ଷ ନେତା ତଥା ସଂଗଠନ ସଚିବ ପ୍ରଣବ ପ୍ରକାଶ ଦାସଙ୍କ କହିବା ଅନୁଯାୟୀ, ଚଳିତ ନିର୍ବାଚନରେ ଦଶ ହଜାରରୁ ଅଧିକ ଦଳୀୟ ନେତା ୨୧ଟି ଲୋକସଭା ଆସନ ଏବଂ ୧୪୭ଟି ବିଧାନସଭା ଆସନରେ ପ୍ରାର୍ଥୀ ହେବାକୁ ଆବେଦନ କରିଛନ୍ତି । ଦଳର କର୍ମୀମାନେ ଅଭିଯୋଗ କରୁଛନ୍ତି ଯେ ଏତେ ସଂଖ୍ୟକ ନେତା ଦଳୀୟପ୍ରାର୍ଥୀ ହେବାକୁ ଆଗ୍ରହୀ ଥିବା ସତ୍ତ୍ୱେ ସେମାନଙ୍କୁ ଅଣଦେଖା କରି ଅନ୍ୟ ଦଳର ଲୋକଙ୍କୁ ଟିକେଟ ଦିଆଯାଉଛି ।

* * *

### କବିତା ଗୁଚ୍ଛ

## ଆଈ ମାଙ୍କ କାହାଣୀ ପେଡି

ସେତେବେଳେ ଯେଉଁ ଆଈ ମା କାହାଣୀ
ଗୁଢ ରହସ୍ୟରେ ରହି
ସେ ତତ୍ୱ ବୁଝିଲେ ଜ୍ଞାନୀ ହେବେ ପିଲା
ଏବେତ ସେକଥା ନାହିଁ ।
ବିଜ୍ଞାନର ଯୁଗ ନଟିଆ କାହାଣୀ
ଦେଖି ଖୁସି ହୁନ୍ତି ପିଲା
କାଟୁନ ଦେଖିଣ ଡ଼ିଅନ୍ତି ପଡ଼ନ୍ତି
ଶାଳୀନତା ହଜିଗଲା ।
ସାତ ତାଳ ପାଣି ଆଠ ତାଳ ପଙ୍କ
ତା ଦେହୁ ବାହାରେ ତମ୍ଫ
ସେ ତମ୍ଫର ଅନକୋଟି ଅଟେ ଛୁଆ
ପାଠୁଆ ନିଅନ୍ତି ବାମ୍ଫ ।
ବୁଢ଼ୀ ଅସୁରୁଣୀ ଜୀବନ ନାଟିକା
କାହିଁ ସିନ୍ଦୁକ ଭିତରେ
କାହିଁ ପୁଣି ଧଳା କେଶ ଉପ୍ରାଟନେ
ରାକ୍ଷସୀ ନାଶ ସତ୍ୱରେ ।
ଅଖାଇ ନାନୀ ର ଚରିତ ଟି କାହିଁ
ଷାଠିଏ ମହଣ ଖାଏ
ଗୃହସ୍ଥ ସାଙ୍ଗରେ ଆଜି କାଲି ହେଲେ
ରାତିକୁ ଉଭେଇ ଯାଏ ।
ସୁନ୍ଦର ଚରିତ୍ର ସୁନ୍ଦର ଭାବନା
ଜୀବନ ଶୈଳୀର ଶିକ୍ଷା
ଆଈ ମା ପେଡି ଥରେ ଖୋଲିଦେଲେ
ଅଠର ପିଲାଙ୍କ ରକ୍ଷା ।
ଛୋଟ ଛୋଟ ପିଲା ସମ୍ଭାଳିବା ପାଇଁ
ଆଈ ମା ତ ଜରୁରୀ
ସେ ଯୁଗ ଗଲାଣି ବିଜ୍ଞାନ ଦେଲାଣି
ସମସ୍ତଙ୍କ ମନ ଭରି ।
ଗୋଟିଏ ପିଲା ତ କରଇ ବାଇଆ
ସମ୍ଭାଳିବା ପାଇଁ ଧାଇ
ଅଧିକା ପିଲାତ କିଏ ସମ୍ଭାଳିବ
ସାହା ଏକା ଭାବଗ୍ରାହୀ



- ବିଷ୍ଣୁପ୍ରିୟା ପଣ୍ଡା
ପହଙ୍ଗା, ନିଆଳୀ, କଟକ

# ମୁଖ୍ୟମନ୍ତ୍ରୀତ୍ୱ ପାଇଁ ଅସ୍ମିତା କେତେ ପ୍ରାସଙ୍ଗିକ ?

ଜାନକୀଶ ବଡ଼ପଣ୍ଡା

ଦେଶରେ ଏବେ ସାଧାରଣ ନିର୍ବାଚନ ଚାଲିଛି । ସାତୋଟି ଥାକରେ ଅନୁଷ୍ଠିତ ହେଉଥିବା ଏଥି ସହିତ ଅରୁଣାଚଳ ପ୍ରଦେଶ, ସିକିମ, ଆନ୍ଧ୍ର ପ୍ରଦେଶ ଏବଂ ଓଡିଶା ବିଧାନସଭା ପାଇଁ ମଧ୍ୟ ନିର୍ବାଚନ ହେଉଛି । ବିବିଧତା ଭରା ଭାରତବର୍ଷର ରହିଛି ଅଠେଇଶିଟି ରାଜ୍ୟ ଏବଂ ଆଠଟି କେନ୍ଦ୍ର ଶାସିତ ଅଞ୍ଚଳ । ଭାଷା ଭିତ୍ତିରେ ଗଠିତ ଅବିଭକ୍ତ ଭାରତର ପ୍ରଥମ ରାଜ୍ୟ ଓଡ଼ିଶାରେ ଅନୁଷ୍ଠିତ ହେଉଥିବା ଉଭୟ ଲୋକସଭା ଏବଂ ବିଧାନସଭା ନିର୍ବାଚନରେ ପ୍ରଥମ ଥର ପାଇଁ ଓଡ଼ିଆ ଭାଷା ଏବଂ ଓଡ଼ିଆଙ୍କ ଅସ୍ମିତା ଏକ ପ୍ରମୁଖ ପ୍ରସଙ୍ଗ ହୋଇଯାଇଛି । ସ୍ୱୟଂ ପ୍ରଧାନମନ୍ତ୍ରୀ ନିର୍ବାଚନ ଭାଷଣରେ ଏହାକୁ ଗୁରୁତ୍ୱ ପ୍ରଦାନ କରିଛନ୍ତି । ସ୍ୱାଭାବିକ ଭାବେ ଓଡ଼ିଶା ବାହାରେ ରହୁଥିବା ଭାରତୀୟଙ୍କ ମନରେ ପ୍ରଶ୍ନ ଆସୁଥିବ ଯେ, ଅନ୍ୟ ରାଜ୍ୟରେ ବିକାଶ ଓ ଯୋଜନା ଗୁଡ଼ିକର ସଫଳତା, ମୋଦିଙ୍କ ଗ୍ୟାରେଣ୍ଟି ଇତ୍ୟାଦି ନିର୍ବାଚନ ପ୍ରସଙ୍ଗ ହୋଇଥିଲା ବେଳେ ଓଡ଼ିଶାରେ କାହିଁକି ଭାଷା ଓ ଅସ୍ମିତା ମଧ୍ୟ ପ୍ରସଙ୍ଗ ତାଲିକାରେ ପ୍ରମୁଖ ସ୍ଥାନ ପାଇଛି ?

ଏହାର ଦୁଇଟି ନିଶ୍ଚିତ କାରଣ ରହିଛି । ପ୍ରଥମଟି ହେଲା - ରାଜ୍ୟକୁ ଦୀର୍ଘ ଚବିଶ ବର୍ଷକାଳ ଶାସନ କରୁଥିବା ମୁଖ୍ୟମନ୍ତ୍ରୀ ଓଡ଼ିଆ ଭାଷା ଜାଣନ୍ତି ନାହିଁ ଏବଂ ତାହାଠାରୁ ଅଧିକ ଗୁରୁତ୍ୱପୂର୍ଣ୍ଣ ଦ୍ୱିତୀୟ କାରଣଟି ହେଲା ଯେ, ତାମିଲନାଡୁରେ ଜନ୍ମିତ ମୁଖ୍ୟମନ୍ତ୍ରୀଙ୍କ ବ୍ୟକ୍ତିଗତ ସଚିବ ରହିଆସିଥିବା ତାମିଲଭାଷୀ ବ୍ୟକ୍ତି ଜଣକ ସରକାରୀ ଚାକିରୀ ଛାଡ଼ି ଏବେ ଜଣେ ମାହତ୍ୱାକାଂକ୍ଷୀ ରାଜନେତା ହୋଇଛନ୍ତି ; ଯାହାଙ୍କୁ ଓଡ଼ିଶାର ଭାବୀ ମୁଖ୍ୟମନ୍ତ୍ରୀ ଭାବେ ପରିଚିତି ଦେବାକୁ ଶାସକ ଦଳ ପ୍ରୟାସ କରୁଥିବାର ସନ୍ଦେହ କରୁଛନ୍ତି ରାଜ୍ୟବାସୀ । ନିର୍ବାଚନ ପରେ ଭାଜପାର ଜଣେ ଓଡ଼ିଆ ବିଧାୟକ ଜୁନ୍ ଦଶ ତାରିଖରେ ଶପଥ ନେବେ ବୋଲି ରାଜ୍ୟବାସୀଙ୍କୁ ପ୍ରଧାନମନ୍ତ୍ରୀ ଆଶ୍ୱସ୍ତ କଲାବେଳେ ତ୍ୱରିତ ପ୍ରତିକ୍ରିୟାରେ ତାହାର ଦିନକ ପୂର୍ବରୁ ଅର୍ଥାତ୍ ନଅ ତାରିଖରେ ନବୀନ ବାବୁ ଶପଥ ନେବେ ବୋଲି ବିଜେଡି କହିଥିଲେ ବି ସନ୍ଦେହର ବାଦଲ ଭିତରୁ ମୁକ୍ତ ହୋଇପାରିନି । ଏଭଳି ପରିସ୍ଥିତିରେ, ପଡ଼ୋଶୀ ରାଜ୍ୟର ବ୍ୟକ୍ତିମାନେ କେଉଁ ସବୁ ରାଜ୍ୟରେ ମୁଖ୍ୟମନ୍ତ୍ରୀ ହୋଇଛନ୍ତି - ସେହି ବିଷୟରେ ଏକ ନିରାଶକ୍ତ ଆଲୋଚନା କରାଯିବା ପ୍ରାସଙ୍ଗିକ ମନେହୁଏ । ଯେକୌଣସି ବ୍ୟକ୍ତିର ଅସ୍ମିତା - ନିଜର ମାତା, ପିତା, ପୂର୍ବସୁରୀ, ମାତୃଭାଷା, ସାହିତ୍ୟ, ଶିକ୍ଷା, ଇତିହାସ, ସଂସ୍କୃତି ଏବଂ ଧାର୍ମିକ ବିଚାରବୋଧକୁ ନେଇ ନିୟନ୍ତ୍ରିତ ତଥା ସମୃଦ୍ଧ ହୋଇଥାଏ । ବିଭିନ୍ନ ରାଜ୍ୟର ସୀମାରେଖା ମୁଖ୍ୟତଃ ଏହି ସବୁ ବିଚାର ଆଧାରରେ ନିର୍ଦ୍ଧାରିତ ହୋଇଆସିଛି । ପ୍ରତ୍ୟେକ ରାଜ୍ୟ ଗୋଟିଏ ଗୋଟିଏ ସୁନ୍ଦର ସୁବାସିତ ଫୁଲ ; ଯାହାର ସମଷ୍ଟିରେ ଗୁନ୍ଥା ଫୁଲମାଳା ହେଉଛି ଭାରତବର୍ଷ । ରାଜ୍ୟମାନେ ଆମ ଶରୀରର ଗୋଟିଏ ଗୋଟିଏ ଅଙ୍ଗ ଭଳି । ପ୍ରତ୍ୟେକ ଅଙ୍ଗ ବିକଶିତ ନହେଲେ, ଭାରତ ଭିନ୍ନକ୍ଷମ ଶରୀର ଭଳି । ତଥାପି, ପ୍ରତ୍ୟେକ ରାଜ୍ୟ ନିଜର ଅସ୍ମିତାକୁ ନେଇ ଗର୍ବ କରେ, ନିଜକୁ ଅଧିକ ବିକଶିତ କରିବାକୁ ସୁସ୍ଥ ପ୍ରତିଯୋଗିତା କରେ, ଯାହାର ପରିଣାମରେ ଭାରତ ଆଜି ବିଶ୍ୱର ପଞ୍ଚମ ଶ୍ରେଷ୍ଠ ଅର୍ଥନୀତି । ପ୍ରତ୍ୟେକ ରାଜ୍ୟରେ ଜନ୍ମ ନେଇଛନ୍ତି ଅନେକ ମନୀଷୀ ; ଯେଉଁମାନଙ୍କ ଅବଦାନ ସମଗ୍ର ରାଷ୍ଟ୍ରକୁ ମହୀୟାନ କରିଛି ତଥା ବିଶ୍ୱ ମାନବ ଜାତିକୁ ଦେଇଛି ଦିଗଦର୍ଶନ । ତଥାପି ପ୍ରତ୍ୟେକ ରାଜ୍ୟ ନିଜ ରାଜ୍ୟର ମାଟି, ପାଣି ଓ ପବନରେ ଜନ୍ମିତ, ଲଳିତ ପାଳିତ ମଣିଷଙ୍କୁ ନେଇ ଗର୍ବକରେ, ବଙ୍ଗାଳୀ, ଓଡ଼ିଆ, ତେଲୁଗୁ, କନ୍ନଡ଼ କିମ୍ବା ତାମିଲ ଭାଷୀ ଭାବେ ନିଜକୁ ପରିଚିତ କରେ । ଭାରତୀୟ ସମ୍ବିଧାନରେ ବାଧା ନଥିଲେ ବି ସଭିଏଁ ନିଜ ଜନ୍ମିତ ରାଜ୍ୟରୁ ନିର୍ବାଚନ ଲଢ଼ନ୍ତି ବିଧାନସଭା ସଭ୍ୟ ପଦପାଇଁ । ଜାତି, ଉପଜାତି, ଧର୍ମ, ଭାଷା ଆଧାରରେ ନିର୍ବାଚନ ଲଢ଼ା ଯାଉଥିବା ନିର୍ବାଚନରେ, ବିଶେଷକରି ସରକାରର ମୁଖ୍ୟଭାବେ ଅନ୍ୟଭାଷା କହୁଥିବା ବ୍ୟକ୍ତିଙ୍କୁ ଗ୍ରହଣ କରି ହୁଏନାହିଁ । ନିଜର ଅସ୍ମିତା, ମାତୃଭାଷାପ୍ରତି ମମତ୍ୱବୋଧ ଏଥିରେ ସାଜେ ବାଧକ । ଭାରତର ବିଭିନ୍ନ ରାଜ୍ୟର ମୁଖ୍ୟମନ୍ତ୍ରୀ ପଦରେ ଆସୀନ ରାଜନେତାଙ୍କ ଲମ୍ବା ତାଲିକା ଭିତରୁ ଆମେ ଏମିତି କିଛି ନାଁ ପାଉ । ଯେଉଁମାନେ ଗୋଟିଏ ରାଜ୍ୟରେ ଜନ୍ମଗ୍ରହଣ କରି ଅନ୍ୟ ଏକ ରାଜ୍ୟରେ ଲୋକପ୍ରିୟ ମୁଖ୍ୟମନ୍ତ୍ରୀ ଭାବେ ରାଜ୍ୟବାସୀଙ୍କ ଆଦୃତି ତଥା ଗ୍ରହଣୀୟତା ହାସଲ କରିଛନ୍ତି । ଏହି ତାଲିକାରେ ଅନେକ ନୂଆ ଓ ପୁରୁଣା ରାଜନେତା ରହିବେ, ଯେଉଁମାନଙ୍କ ମଧ୍ୟରେ ଯୋଗୀ ଆଦିତ୍ୟନାଥ, ଅରବିନ୍ଦ କେଜ୍ରିୱାଲ, ଏମଜି ରାମଚନ୍ଦ୍ରନ, କୈଳାଶନାଥ କାଟଜୁ, ସୁଚେତା କୃପାଲିନୀ, ଶୀଳା ଦୀକ୍ଷିତ, ଧରମ ସିଂହ, ସୁଷମା ସ୍ୱରାଜ, ଚନ୍ଦ୍ରବାବୁ ନାଇଡୁ, ନାରାୟଣ ଦତ୍ତ ତିୱାରୀ, ଏନ ସଂଜୀବ ରେଡ୍ଡୀଙ୍କ ନାମ ଉଲ୍ଲେଖଯୋଗ୍ୟ ।

ମାରୁଥୁର୍ ଗୋପାଲନ୍ ରାମଚନ୍ଦ୍ରନ୍ ବା ଏମଜିଆର୍, ତାମିଲନାଡୁ ରାଜ୍ୟର ମୁଖ୍ୟମନ୍ତ୍ରୀ ରହିଥିଲେ ମାତ୍ର ଦଶବର୍ଷ । ୧୯୭୭ରୁ ୧୯୮୭ ଯାଏଁ ମୁଖ୍ୟମନ୍ତ୍ରୀ ପଦବୀ ମଣ୍ଡନ କରିଥିବା ଏହି ଦକ୍ଷିଣ ଭାରତୀୟ ଚଳଚ୍ଚିତ୍ର ତାରକା ଜଣକ କିନ୍ତୁ ଜନ୍ମ ଗ୍ରହଣ କରିଥିଲେ ଶ୍ରୀଲଙ୍କାର କାଣ୍ଡି ଜିଲ୍ଲାର ନବାଲାପିଟିୟାରେ । ତାଙ୍କର ମାଲାୟଲୀ ପିତାମାତା ଭାରତର କେରଳ ରାଜ୍ୟରୁ ଯାଇ ସେଠାରେ ବସବାସ କରୁଥିଲେ ହେଁ ଏମଜିଆରଙ୍କ ଜେଜେବାପାଙ୍କ ପୂର୍ବପୁରୁଷ ଥିଲେ ତାମିଲ କୋଙ୍ଗୁ ଭେଲଲାର ସମ୍ପ୍ରଦାୟର ସଦସ୍ୟ । ସ୍ୱାମୀଙ୍କ ମୃତ୍ୟୁକାରଣରୁ ତାଙ୍କର ମାଆ ଅଢ଼େଇ ବର୍ଷର ଏମଜିଆରଙ୍କୁ ଧରି କେରଳ ଫେରିଆସିଥିଲେ । ପିଲାଦିନୁ ଅଭିନୟରେ ରୁଚି ରଖିଆସିଥିବା ଏମଜିଆର ହିନ୍ଦୁ ଦେବତା ମୁରୁଗାନଙ୍କ ଭକ୍ତ ଥିଲେ ବି ଦ୍ରାବିଡ଼ ମୁନେତ୍ରା କାଝଗାମ ବା ଡିଏମକେ ରାଜନୈତିକ ଦଳରେ ଯୋଗଦେବା ପରେ ନାସ୍ତିକ ହୋଇଯାଇ ଥିଲେ । ସେ ଥିଲେ ନିଃସନ୍ତାନ, ଯଦିଓ ତିନି ଥର ବିବାହ କରିଥିଲେ । ତାଙ୍କର ତୃତୀୟ ପତ୍ନୀ ଥିଲେ ତାମିଲ ଅଭିନେତ୍ରୀ ଭି. ଏନ. ଜାନକୀ ; ଯେ କି ରାଜ୍ୟର ମୁଖ୍ୟମନ୍ତ୍ରୀ ମଧ୍ୟ ହୋଇଥିଲେ । ମୃତ୍ୟୁପରେ ବି ଅପୂର୍ବ ଲୋକପ୍ରିୟତା ହାସଲ କରିଥିବା ଏହି ନେତା ଜଣକ ତାମିଲନାଡୁକୁ ଉନ୍ନତ ରାଜ୍ୟରେ ପରିଣତ କରିବା ଅପେକ୍ଷା କିପରି ଭୋଟ ପାଇ କ୍ଷମତା ହାସଲ କରିହେବ, ସେଥିପାଇଁ ଅନେକ ମାଗଣା ଯୋଜନା ପ୍ରଣୟନ କରିବା କାରଣରୁ ଉନ୍ନୟନ ଯୋଜନା ପାଇଁ ଅର୍ଥ ବଳକା ରହୁ ନଥିଲା । ଫଳରେ ରାଜ୍ୟ ଶିଳ୍ପ ବିକାଶ କ୍ଷେତ୍ରରେ ପଛୁଆ ହୋଇଯାଇଥିଲା । ପୂର୍ବତନ କେନ୍ଦ୍ରମନ୍ତ୍ରୀ ନଟବର ସିଂହ ତାଙ୍କର ଆତ୍ମଜୀବନୀ 'ଗୋଟିଏ ଜନ୍ମ ଯଥେଷ୍ଟ ନୁହେଁ' ରେ ଅଭିଯୋଗ କରିଛନ୍ତି ଯେ, ଏମଜିଆର ତାମିଲ ଅସ୍ମିତାକୁ ଏତେ ପ୍ରାଧାନ୍ୟ ଦେଉଥିଲେ ଯେ, 'ତାମିଲ ଇଲମ' ସପକ୍ଷରେ ସନ୍ତ୍ରାସବାଦୀ ସଂଗଠନ ଏଲଟିଟିଇ ଗରିଲାମାନଙ୍କୁ ନିଜ ରାଜ୍ୟରେ ସାମରିକ ତାଲିମ ପ୍ରଦାନ କରୁଥିଲେ ଏବଂ ଆର୍ଥିକ ସାହାଯ୍ୟ ପ୍ରଦାନ କରୁଥିଲେ । ତାଙ୍କୁ ମରଣୋତ୍ତର ଭାରତରତ୍ନ ସମ୍ମାନ ପ୍ରଦାନ କରାଯାଇଥିଲା । ଆଉ ଜଣେ ରାଜନେତା ଥିଲେ କୈଳାଶନାଥ କାଟଜୁ । ସେ ଆମ ରାଜ୍ୟ ଓଡ଼ିଶାର ରାଜ୍ୟପାଳ ରୂପେ ମଧ୍ୟ ଦାୟିତ୍ୱ ନିର୍ବାହ କରିଥିଲେ । ସ୍ୱାଧୀନତା ସଂଗ୍ରାମୀ ଜନନେତା କାଟଜୁ ସ୍ୱାଧୀନୋତ୍ତର ଭାରତର ମଧ୍ୟ ପ୍ରଦେଶ ମୁଖ୍ୟମନ୍ତ୍ରୀ, କେନ୍ଦ୍ର ଗୃହମନ୍ତ୍ରୀ ଓ ପ୍ରତିରକ୍ଷା ମନ୍ତ୍ରୀ ମଧ୍ୟ ହୋଇଥିଲେ । ମଧ୍ୟ ପ୍ରଦେଶରେ ଜନ୍ମିତ ଏହି ନେତାଙ୍କ ପୂର୍ବ ପୁରୁଷ ଥିଲେ କାଶ୍ମୀରର ପଣ୍ଡିତ । ପିତା ଦେବାନ ଭାବେ ନିଯୁକ୍ତି ପାଇ ଜାଓରା ଆସିଥିଲେ ଓ ସେଠାରେ ରହିଯାଇଥିଲେ । ସିଧା କଥାରେ, କାଶ୍ମୀରର ପଣ୍ଡିତ କାଟଜୁ ମଧ୍ୟ ପ୍ରଦେଶର ଅସ୍ମିତା ସହ ଯୋଡ଼ି ହୋଇ ଯାଇଥିଲେ ଓ ଅନ୍ୟତମ ମହିଳା ସ୍ୱାଧୀନତା ସଂଗ୍ରାମୀ ଶ୍ରୀମତୀ ସୁଚେତା କୃପାଲିନୀ ଥିଲେ ଦେଶର ପ୍ରଥମ ମହିଳା ମୁଖ୍ୟମନ୍ତ୍ରୀ । ୧୯୬୩ରୁ ୧୯୬୭ ଯାଏଁ ଉତ୍ତର ପ୍ରଦେଶର ମୁଖ୍ୟମନ୍ତ୍ରୀ ପଦ ମଣ୍ଡନ କରିଥିବା ଏହି ମହିୟସୀ ମହିଳାଙ୍କ ଜନ୍ମସ୍ଥାନ ହରିୟାନାର ଅମ୍ବାଲା । ତାଙ୍କର ବ୍ରାହ୍ମ ଧର୍ମାବଲମ୍ବୀ ବଙ୍ଗାଳୀ ପିତା ଜଣେ ଡାକ୍ତର ହୋଇଥିବାରୁ ଦେଶର ବିଭିନ୍ନ ସହରକୁ ବଦଳି ହେଉଥିଲେ ଏବଂ ସୁଚେତା ସେଠାରେ ରହି ପାଠ ପଢୁଥିଲେ । ଦିଲ୍ଲୀର ସର୍ବାଧିକ କାଳ ମୁଖ୍ୟମନ୍ତ୍ରୀ ରହିଥିବା ଶ୍ରୀମତୀ ଶୀଳା ଦୀକ୍ଷିତ ମଧ୍ୟ ଦେଶର ଯେ କୌଣସି ମହିଳା ମୁଖ୍ୟମନ୍ତ୍ରୀଙ୍କ ମଧ୍ୟରେ ସର୍ବାଧିକ କାଳଧରି ମୁଖ୍ୟମନ୍ତ୍ରୀ ରହିଥିବାର ରେକର୍ଡର ଅଧିକାରିଣୀ । ୨୦୧୭ ମସିହାରେ ଅନୁଷ୍ଠିତ ଉତ୍ତର ପ୍ରଦେଶର ନିର୍ବାଚନ କାଳରେ ଶୀଳାଙ୍କୁ ଭାବୀ ମୁଖ୍ୟମନ୍ତ୍ରୀ ରୂପେ ଉପସ୍ଥାପନ କରାଯାଇଥିଲା, ଯଦିଓ ପରେ ଅଖିଳେଶ ଯାଦବଙ୍କ ସପକ୍ଷରେ ତାଙ୍କୁ ପ୍ରାର୍ଥୀପତ୍ର ଫେରସ୍ତ ଆଣିବାକୁ ପଡ଼ିଥିଲା । ଶୀଳାଙ୍କ ଜନ୍ମ ପଞ୍ଜାବ ପ୍ରଦେଶର କପୁରତଲାର ପଞ୍ଜାବୀ କ୍ଷତ୍ରୀ ପରିବାରରେ । ତାଙ୍କର ମୂଳ ନାଁ ଥିଲା ଶୀଳା କପୁର । ପଞ୍ଜାବରେ ଜନ୍ମ, ଦିଲ୍ଲୀରେ ପାଠ ପଢ଼ିଥିବା ଶୀଳା ହୁଏତ ଉତ୍ତର ପ୍ରଦେଶର ମୁଖ୍ୟମନ୍ତ୍ରୀ ହୋଇ ଥାଆନ୍ତେ, ଯାହା ସମାଜବାଦୀ ପାର୍ଟି ପାଇଁ ଗ୍ରହଣୀୟ ହୋଇ ନଥିଲା । କିନ୍ତୁ, ଶୀଳା ଥିଲେ ଉତ୍ତର ପ୍ରଦେଶର ବୋହୂ ; ଉମାଶଙ୍କର ଦୀକ୍ଷିତଙ୍କର ପୁତ୍ରବଧୂ । ଉମାଶଙ୍କର ଦୀକ୍ଷିତ ଜଣେ ଆଇଏଏସ ଅଫିସର ଥିଲେ ଓ ପରେ ପଶ୍ଚିମ ବଙ୍ଗର ରାଜ୍ୟପାଳ ଭାବେ ଦାୟିତ୍ୱ ନିର୍ବାହ କରିଥିଲେ । ସେ ଉତ୍ତର ପ୍ରଦେଶ ଉନ୍ନାଓର ମୂଳବାସିନ୍ଦା । ଅନେକେ ଜାଣି ଥିବେ ଯେ, ଧର୍ମ ନାରାୟଣ ସିଂହ କର୍ଣ୍ଣାଟକ ରାଜ୍ୟର ୧୧ଶ ମୁଖ୍ୟମନ୍ତ୍ରୀ ଭାବେ ୨୮.୦୫.୨୦୦୪ ରୁ ୨୮.୦୧.୨୦୦୬ ଯାଏଁ କାର୍ଯ୍ୟ କରିଥିଲେ । ପରେ, ୨୦୦୯ରୁ ୨୦୧୪ ଯାଏଁ ସେ କର୍ଣ୍ଣାଟକର ବିଦାର ଆସନରୁ ଲୋକସଭାର ସାଂସଦ ରହିଥିଲେ । ତେବେ ଅନେକେ ହୁଏତ ଜାଣି ନଥିବେ ଯେ କର୍ଣ୍ଣାଟକରେ ୬ ଥର ବିଧାୟକ ରହିଥିବା ସିଂହ କିନ୍ତୁ କନ୍ନଡ଼ ଭାଷୀ ନଥିଲେ । ସେ ତତ୍କାଳୀନ ହାଇଦ୍ରାବାଦ ରାଜ୍ୟରେ ଜନ୍ମ ହୋଇଥିଲେ । ତାଙ୍କ ମୂଳ ନିବାସ କଲବର୍ଗୀର ନେଲୋଗୀ । ଏହା ଏବେ କର୍ଣ୍ଣାଟକରେ ରହିଛି । ତାଙ୍କ ପୂର୍ବପୁରୁଷ ରାଜସ୍ଥାନ ଅଞ୍ଚଳରୁ ଆସି ସେଠାରେ ବସବାସ କରୁଥିଲେ । ତେଣୁ ଧରମ ସିଂହଙ୍କ ପରିବାର କର୍ଣ୍ଣାଟକ ରାଜ୍ୟର ଲଂଖ୍ୟାଲଘୁ ରାଜପୁତ ସଂପ୍ରଦାୟର । ସେ ହାଇଦ୍ରାବାଦରେ ପାଠ ପଢ଼ିଥିଲେ । ଶ୍ରୀମତୀ ସୁଷମା ସ୍ୱରାଜ ଜଣେ ଏଭଳି ରାଜନେତା ଯେ କି ଜବାହରଲାଲ ନେହରୁଙ୍କ ପରେ ଲଗାତାର ପାଞ୍ଚ ବର୍ଷ କାଳ ଭାରତର ବୈଦେଶିକ ମନ୍ତ୍ରୀ ରହିଥିଲେ । ସେ ମାତ୍ର ୨୫ ବର୍ଷ ବୟସରେ ହରିୟାଣା ରାଜ୍ୟର କ୍ୟାବିନେଟ ମନ୍ତ୍ରୀ ଓ ଦିଲ୍ଲୀର ପ୍ରଥମ ମହିଳା ମୁଖ୍ୟମନ୍ତ୍ରୀ ହେବାର ସୌଭାଗ୍ୟ ଲାଭ କରିଥିଲେ । ପଞ୍ଜାବୀ ହିନ୍ଦୁ ବ୍ରାହ୍ମଣ ପରିବାରରେ ଜନ୍ମିତା ସୁଷମାଙ୍କର ଜନ୍ମସ୍ଥାନ ହରିୟାଣାର ଅମ୍ବାଲା କ୍ୟାଣ୍ଟନମେଣ୍ଟ । ପିତା ହରଦେବ ଶର୍ମା ଥିଲେ ପାକିସ୍ଥାନ ଅନ୍ତର୍ଗତ ଲାହୋର ବାସିନ୍ଦା ଏବଂ ଦେଶ ବିଭାଜନ ବେଳେ ଭାରତକୁ ଚାଲିଆସିଥିଲେ । ଏବେ ଆସନ୍ତୁ ଜାଣିବା, କିଛି ଅବିଭାଜିତ ତଥା ବିଭାଜନ ପରବର୍ତ୍ତୀ ପ୍ରଦେଶର ମୁଖ୍ୟମନ୍ତ୍ରୀଙ୍କ ଜନ୍ମସ୍ଥାନ ବିଷୟରେ । ଅବିଭାଜିତ ଆନ୍ଧ୍ର ପ୍ରଦେଶର ପୂର୍ବତନ ମୁଖ୍ୟମନ୍ତ୍ରୀ ନର ଚନ୍ଦ୍ରବାବୁ ନାଇଡୁଙ୍କ ଜନ୍ମସ୍ଥାନ ଆନ୍ଧ୍ର ପ୍ରଦେଶର ତିରୁପତି ଜିଲ୍ଲାରେ । ବିଭାଜନ ପରେ ନୂତନ ଭାବରେ ଗଠିତ ତେଲେଙ୍ଗାନା ରାଜ୍ୟର ମୁଖ୍ୟମନ୍ତ୍ରୀ ଭାବେ କେ. ଚନ୍ଦ୍ରଶେଖର ରାଓ ବା କେସିଆର ଦାୟିତ୍ୱ ନେବା ପରେ ବିଭାଜିତ ଆନ୍ଧ୍ର ପ୍ରଦେଶର ପ୍ରଥମ ମୁଖ୍ୟମନ୍ତ୍ରୀ ହେବାର ସୌଭାଗ୍ୟ ଲାଭ କରିଥିଲେ ଚନ୍ଦ୍ରବାବୁ । ସେହିପରି ଘଟଣା ଘଟିଥିଲା ନାରାୟଣ ଦତ୍ତ ତିୱାରୀଙ୍କ କ୍ଷେତ୍ରରେ । ସେ ଉତ୍ତରାଖଣ୍ଡର ନୈନିତାଲ ଜିଲ୍ଲାରେ ଜନ୍ମ ଗ୍ରହଣ କରିଥିଲେ, ଯାହାକି ଅବିଭକ୍ତ ଉତ୍ତର ପ୍ରଦେଶର ଅଂଶ ଥିଲା । ଏଣୁ, ସେହି ରାଜ୍ୟର ନବମ ମୁଖ୍ୟମନ୍ତ୍ରୀ ହୋଇଥିଲେ ଏବଂ ନୂତନ ରାଜ୍ୟ ଭାବେ ଉତ୍ତରାଖଣ୍ଡ ସୃଷ୍ଟି ହେବା ପରେ ତାହାର ତୃତୀୟ ମୁଖ୍ୟମନ୍ତ୍ରୀ ହେବାର ଗୌରବ ତାଙ୍କୁ ମିଳିଥିଲା । ଦୁଇଟି ରାଜ୍ୟର ମୁଖ୍ୟମନ୍ତ୍ରୀ ଭାବେ କାମ କରିବାର ସୌଭାଗ୍ୟ ପାଇଥିବା ରାଜନେତାଙ୍କ ମଧ୍ୟରେ ତିୱାରୀ ଥିଲେ ପ୍ରଥମ । ଆମ ଦେଶର ଷଷ୍ଠ ରାଷ୍ଟ୍ରପତି ନୀଲମ ସଞ୍ଜିବା ରେଡ୍ଡୀଙ୍କର ଲମ୍ବା ରାଜନୈତିକ ଜୀବନ ଆରମ୍ଭ ହେଲା ବେଳକୁ ଆନ୍ଧ୍ର ପ୍ରଦେଶ ସ୍ୱତନ୍ତ୍ର ପ୍ରଦେଶ ହୋଇ ନଥିଲା । ତାହା ମାନ୍ଦ୍ରାଜ ପ୍ରଦେଶ ଅନ୍ତର୍ଭୁକ୍ତ ଥିଲା । ସେ ମାନ୍ଦ୍ରାଜ ପ୍ରଦେଶ ଅନ୍ତର୍ଗତ ଆନ୍ଧ୍ରର ଅନନ୍ତପୁର ଜିଲ୍ଲାରେ ଜନ୍ମଗ୍ରହଣ କରିଥିଲେ ଓ ୧୯୫୬ ମସିହାରେ ମାନ୍ଦ୍ରାଜ ପ୍ରଦେଶରୁ ଆନ୍ଧ୍ର ପ୍ରଦେଶ ସ୍ୱତନ୍ତ୍ର ହେବା ସମୟରେ ଟି. ପ୍ରକାଶମ ଏହାର ମୁଖ୍ୟମନ୍ତ୍ରୀ ଓ ନୀଲମ ସଂଜୀବ ରେଡ୍ଡି ଉପମୁଖ୍ୟମନ୍ତ୍ରୀ ହୋଇଥିଲେ । ଟି. ପ୍ରକାଶମ ଥିଲେ ମୂଳତଃ ତେଲୁଗୁଭାଷୀ । ସେ ଏକଦା ମାନ୍ଦ୍ରା ପ୍ରଦେଶର ପ୍ରଧାନମନ୍ତ୍ରୀ ଥିଲେ । ତାଙ୍କରି ସମୟରେ ହିଁ ମାନ୍ଦ୍ରାଜରୁ ଆନ୍ଧ୍ର ଅଲଗା ହୋଇଥିଲା । ସ୍ୱତନ୍ତ୍ର ଆନ୍ଧ୍ର ପ୍ରଦେଶ ଗଠିତ ହେବା ପରେ ସଂଜୀବା ରେଡ୍ଡି ତାହାର ପ୍ରଥମ ମୁଖ୍ୟମନ୍ତ୍ରୀ ଭାବେ ଶପଥ ଗ୍ରହଣ କରିଥିଲେ । ପରେ ଆନ୍ଧ୍ର ପ୍ରଦେଶ ବିଭାଜିତ ହୋଇ ସୃଷ୍ଟି ହୋଇଥିଲା ସ୍ୱତନ୍ତ୍ର ତେଲେଙ୍ଗାନା ପ୍ରଦେଶ । ମୂଳ ତେଲୁଗୁ ଭାଷୀ ଏନ ସଞ୍ଜିବ ରେଡ୍ଡୀ ଉଭୟ ଅବିଭାଜିତ ଆନ୍ଧ୍ର ରାଜ୍ୟର ଉପମୁଖ୍ୟମନ୍ତ୍ରୀ ଓ ସ୍ୱତନ୍ତ୍ର ଆନ୍ଧ୍ର ପ୍ରଦେଶର ଉପମୁଖ୍ୟମନ୍ତ୍ରୀ ରହିବାରେ କିଛି ହିଁ ଅସ୍ୱାଭାବିକତା ନଥିଲା ଓ ଏସବୁ ଉଦାହରଣ ଦେଇ ଆମେ କିଛି ସତ୍ୟ ଉସ୍ଥାପନ କରିଛୁ । ପାଠକ ସତ୍ୟ ଜାଣନ୍ତୁ ଓ ବିଚାର କରନ୍ତୁ । ବିଚାର କଲାବେଳେ ନିଶ୍ଚୟ ପାକିସ୍ଥାନରୁ ଅଲଗା ହୋଇ ବାଂଲାଦେଶ ଗଠନ କଥା ମନକୁ ଆସିବ । ଭାରତ ବିଭାଜନ କାଳରେ ପୂର୍ବ ପାକିସ୍ଥାନ ବୋଲାଉଥିବା ଭୂଖଣ୍ଡ ପରବର୍ତ୍ତୀ କାଳରେ ବାଂଲାଦେଶ ମୁକ୍ତି ସଂଗ୍ରାମ ମାଧ୍ୟମରେ ସ୍ୱାଧୀନ ରାଷ୍ଟ୍ର ହେବାର ମୁଖ୍ୟ କାରଣ ଥିଲା ବଙ୍ଗଳା ଭାଷା ଓ ଅସ୍ମିତା ; ଯାହା ଆଗରେ ଧାର୍ମିକ ଆବେଦନ ଫିକା ପଡିଯାଇଥିଲା । ଧାର୍ମିକ ଆଧାରରେ ଗଠିତ ପାକିସ୍ଥାନରୁ ଭାଷା ଆଧାରରେ ଅଲଗା ହୋଇଗଲା ବାଂଲାଦେଶ । ଏଇଥିରୁ ଜଣାପଡ଼େ ଭାଷା ଓ ଅସ୍ମିତାର ପ୍ରଭାବ କେତେ ଅଧିକ । ଏଣୁ, ଓଡ଼ିଶାରେ ଭାଷା, ସଂସ୍କୃତି ଓ ଅସ୍ମିତା ଆହ୍ୱାନର ସମ୍ମୁଖୀନ ହେଉଥିବାରୁ ଚଳିତ ନିର୍ବାଚନରେ ଯେ, ଏହା ମଧ୍ୟ ପ୍ରସଙ୍ଗ ହେବ, ତାହା ନିର୍ଦ୍ଵନ୍ଦ୍ୱରେ କୁହାଯାଇପାରେ । ତେବେ, କହ୍ନେଇ ପାଇଁ ଦୋଳ ଯାତ୍ରା ଭଳି, ଓଡ଼ିଆଙ୍କ ପାଇଁ ଓଡ଼ିଆ ଭାଷା, ସଂସ୍କୃତି ଓ ଅସ୍ମିତା କେତେ ଗୁରୁତ୍ୱ ରଖେ ତାହା ଉପରେ ଏକ ଗଣଭୋଟ ନିଆଯିବାର ଆବଶ୍ୟକତା ଥିବା ମନେହୁଏ ।

*

ଯୋଗାଯୋଗ :
ଫୋ- ୯୪୩୮୨୯୯୦୩୭

# ଡ. ନୟିମା ଖାତୁନ୍ - ଆଲିଗଡ ମୁସଲିମ ବିଶ୍ୱବିଦ୍ୟାଳୟର ପ୍ରଥମ ମହିଳା ଉପ-କୁଳପତି ଭାବରେ ନିଯୁକ୍ତି ପାଇବା ମୁସଲିମ୍ ମହିଳାଙ୍କ ସଶକ୍ତିକରଣରେ ଏକ ମାଇଲଖୁଣ୍ଟ

ଆଲିଗଡ ମୁସଲିମ ବିଶ୍ୱବିଦ୍ୟାଳୟର ଉପ-କୁଳପତି ଭାବରେ ଡ. ନୟିମା ଖାତୁନ୍‌ଙ୍କ ନିଯୁକ୍ତି ଭାରତର ଶିକ୍ଷାକ୍ଷେତ୍ରରେ ଉଲ୍ଲେଖନୀୟ ମାଇଲଖୁଣ୍ଟ ଅଟେ । ଏହି ନିଯୁକ୍ତି ଫଳରେ ଡ. ଖାତୁନ୍ ଏହି ବିଶ୍ୱବିଦ୍ୟାଳୟର ଗୌରବମୟ ଇତିହାସରେ ପ୍ରଥମ ମହିଳା ଉପକୁଳପତି ହେବାର କୃତିତ୍ୱ ହାସଲ କରିଛନ୍ତି । ଡ. ଖାତୁନଙ୍କ ଏହି ସଫଳତା ତାଙ୍କ ଶିକ୍ଷାଗତ ଯୋଗ୍ୟତା ଓ ନୈତୃତ୍ୟ ନେବାର କ୍ଷମତାକୁ ସୂଚିତ କରିବା ସହିତ ଶିକ୍ଷା କ୍ଷେତ୍ରରେ ଲିଙ୍ଗଗତ ସମାନତା ଦିଗରେ ଏକ ପ୍ରଗତିଶୀଳ ପଦକ୍ଷେପ ଅଟେ । ଜଣେ ମହିଳା ଭାବରେ ଏକ ଶୀର୍ଷ ପଦ ହାସଲ କରିଥିବା ଯୋଗୁଁ ସେ ଅନେକ ଯୁବ ମହିଳା ଯେଉଁମାନେ ଉଚ୍ଚଶିକ୍ଷାର ସପ୍ନ ଦେଖୁଛନ୍ତି ତାଙ୍କ ପାଇଁ ଏକ ପ୍ରେରଣାର ସ୍ରୋତ ପାଲଟିଛନ୍ତି । ଏହା ସମଗ୍ର ଶିକ୍ଷା ଜଗତ ପାଇଁ ଏକ ଗୌରବର କ୍ଷଣ ଅଟେ ; ଏବଂ ଏହି ନିଯୁକ୍ତି ଅନ୍ୟ ମହିଳା ମାନଙ୍କୁ ନୈତୃତ୍ୟ ନେବା ପାଇଁ ମଧ୍ୟ ପ୍ରେରଣା ଯୋଗାଇବ । ଜଣେ ବିଶିଷ୍ଟ ଶିକ୍ଷାବିତ୍ ଓ ସମ୍ମାନସ୍ୱଦ ବିଦୁଷୀ ଭାବରେ ସେ ଶିକ୍ଷା, ପ୍ରଶାସନ ଓ ସମାଜିକ ନ୍ୟାୟ କ୍ଷେତ୍ରରେ ସେ ତାଙ୍କ ଅନୁଭବର ଉପଯୋଗ କରିପାରିବେ । ଏହିପରି ସମ୍ମାନସ୍ୱଦ ପଦ ପର୍ଯ୍ୟନ୍ତ ତାଙ୍କ ଯାତ୍ରା ସଂର୍ଘଷ ଓ ପ୍ରତିବଦ୍ଧତାରେ ଭରା, ଯାହା ଅନେକ ମହିଳା ଓ ଅବହେଳିତ ଗୋଷ୍ଠୀଙ୍କ ପାଇଁ ଏକ ପ୍ରେରଣାର ସ୍ରୋତ ଅଟେ । ଉତ୍ତର ପ୍ରଦେଶର ଏକ ଛୋଟ ସହରରେ ନୟମା ଖାତୁନଙ୍କ ଜନ୍ମ । ସେ ପିଲାଟି ଦିନରୁ ଶିକ୍ଷା ଓ ସାମାଜିକ କାର୍ଯ୍ୟ ପ୍ରତି ତାଙ୍କର ରୁଚି ଦେଖାଇ ଥିଲେ । ସାମାଜିକ ଚାପ ଓ ସୀମିତ ସାଧନକୁ ଭୃକ୍ଷେପ ନ କରି, ସେ ଦୃଢ ନିଷ୍ଠାର ସହ ଶିକ୍ଷା ଲାଭ ପାଇଁ ତାଙ୍କର ପ୍ରୟାସ ଜାରି ରଖିଥିଲେ । ତାଙ୍କ ସମଗ୍ର କାର୍ଯ୍ୟକାଳରେ ସେ ମହିଳାଙ୍କ ଅଧିକାର ଓ ଲିଙ୍ଗଗତ ସମାନତାର ଦୃଢ ସମର୍ଥକ ଥିଲେ । ମହିଳା ସଶକ୍ତିକରଣ ଓ ଶିକ୍ଷାର ପ୍ରୋତ୍ସାହନ ପାଇଁ ସେ ଅନେକ ପ୍ରକଳ୍ପ ଗୁଡିକରେ କାର୍ଯ୍ୟ କରିଥିଲେ, ଯାହା ଫଳରେ ତାଙ୍କୁ ଅନେକ ପୁରସ୍କାର ସହିତ ଜାତୀୟ ପରିଚୟ ମିଳିଥିଲା । ଆଲିଗଡ ମୁସଲିମ ବିଶ୍ୱବିଦ୍ୟାଳୟର ଉପ-କୁଳପତି ଭାବରେ ଡ. ନୟିମା ଖାତୁନ୍‌ଙ୍କ ନିଯୁକ୍ତି ଏହାର ଇତିହାସରେ ଏକ ନୂତନ ଅଧ୍ୟାୟ ସୃଷ୍ଟି କରିଛି । ୧୮୭୫ ମସିହାରେ ସ୍ଥାପନ ହେବା ପର ଠାରୁ ଏହି ବିଶ୍ୱବିଦ୍ୟାଳୟକୁ ପୁରୁଷ ଶିକ୍ଷାବିତ୍ ମାନେ ନେତୃତ୍ୱ ନେଇ ଆସୁଥିଲେ । ଡ. ଖାତୁନଙ୍କ ନିଯୁକ୍ତି ଏହି ବିଶ୍ୱବିଦ୍ୟାଳୟର ନେତୃତ୍ୱକୁ ଆହୁରି ବିବିଧ ତଥା ସମାବେଶୀ କରିପାରିଛି । ତାଙ୍କର ନିଯୁକ୍ତିକୁ ଉଭୟ ବିଶ୍ୱବିଦ୍ୟାଳୟ ଭିତର ଓ ବାହାରେ ତଥା ସମଗ୍ର ଦେଶରେ ଏକ ପ୍ରଗତୀଶୀଳ ପଦକ୍ଷେପ ଭାବରେ ବିପୁଳ ସ୍ୱାଗତ ଜଣା ଯାଇଛି । ଏହା ଶିକ୍ଷା କ୍ଷେତ୍ରରେ ନେତୃତ୍ୱ ନେବାକୁ ଆଶାବାଦୀ ଥିବା, ଅନେକ ଯୁବତୀମାନଙ୍କୁ ପ୍ରେରଣା ଯୋଗାଇବ । ବିଶ୍ୱବିଦ୍ୟାଳୟର ଉନ୍ନତି ପାଇଁ ଡଃ ଖାତୁନ ଏକ ବିସ୍ତୃତ ଯୋଜନା ତିଆରି କରିଛନ୍ତି ଯାହାର ଅର୍ନ୍ତଗତ ଉକ୍ତ ବିଶ୍ୱବିଦ୍ୟାଳୟର ପରିସରରେ ଏକ ସମାବେଶୀ ପରିବେଶ, ଅନ୍ତଃବିଷୟ ଅନୁସନ୍ଧାନ ଓ ସାମାଜିକ କାର୍ଯ୍ୟକୁ ପ୍ରୋତ୍ସାହନ ଇତ୍ୟାଦି ଅର୍ନ୍ତଭୁକ୍ତ । ବିଶ୍ୱବିଦ୍ୟାଳୟର ସମୃଦ୍ଧ ଧରୋହରକୁ ଆଧାର କରି ଏହାକୁ ସେ ଏକ ଆଧୁନିକ, ନ୍ୟାୟୋଚିତ ଓ ନବୀନ ଭବିଷ୍ୟତ ଆଡକୁ ନେବା ପାଇଁ ଯୋଜନା କରିଛନ୍ତି । ତାଙ୍କର ସ୍ୱାଗତ ଭାଷଣ ସମୟରେ ସେ ଶିକ୍ଷାକୁ ସାମାଜିକ ପରିବର୍ତ୍ତନର ଏକ ବଳିଷ୍ଠ ମାଧ୍ୟମ ଭାବରେ ମହତ୍ୱ ପ୍ରଦାନ କରିଥିଲେ । ସଶକ୍ତିକରଣ ପାଇଁ ଶିକ୍ଷା ଅନିବାର୍ଯ୍ୟ ବୋଲି କହି, ଆଲିଗଡ୍ ମୁସଲିମ ବିଶ୍ୱ ବିଦ୍ୟାଳୟ ଯେପରି ଏକ ଜ୍ଞାନର ଆଲୁଅ ଭାବରେ ନିଜର ସ୍ଥାନ ବଜାୟ ରଖି, ନା କେବଳ ଭାରତରେ ସମାବେଶୀତା ଓ ସାମାଜିକ ନ୍ୟାୟକୁ ସାରା ବିଶ୍ୱରେ ପ୍ରୋତ୍ସାହିତ କରିବ, ତାହା ତାଙ୍କର ଲକ୍ଷ୍ୟ ବୋଲି ସେ କହିଥିଲେ । ଡ. ନୟିମା ଖାତୁନଙ୍କ ବ୍ୟକ୍ତିତ୍ୱ ତଥା ବ୍ୟକ୍ତିଙ୍କ ସଫଳତାର କାହାଣୀ, ଅନେକ ମହିଳା ମାନଙ୍କୁ ଉନ୍ନତ ଭବିଷ୍ୟତ ନିର୍ମାଣ କରିବା ପାଇଁ ପ୍ରେରଣା ଯୋଗାଇଥାଏ । ଅନେକ ସାମାଜିକ ବିଷୟ ପ୍ରତି ସଚେତନତା ସୃଷ୍ଟି କରିଥାଏ । ପାଠ୍ୟକ୍ରମରେ ଏହିପରି ବିଷୟ ଓ କାହାଣୀ ଗୁଡିକୁ ସାମିଲ କରାଗଲେ, ସଂଖ୍ୟାଲଘୁ ସମୁଦାୟଙ୍କ ମଧ୍ୟରେ ତାହା ନେତୃତ୍ୱ ବିକାଶରେ ସହାୟକ ହେବା ସହ ସାମାଜରେ ଏକ ସକାରତ୍ମକ ପରିବର୍ତ୍ତନ ଆଣି ଏକ ନ୍ୟାୟୋଚିତ ସମାଜ ବିକାଶ କରିବା ପାଇଁ ଏକ ପ୍ରତିବଦ୍ଧତା ସୃଷ୍ଟି କରିବ । କାରଣ ଯେତେବେଳେ ଯୁବଗୋଷ୍ଠୀ ଏହିପରି କାହାଣୀ ସଂସ୍ପର୍ଷରେ ଆସିଥାଆନ୍ତି, ସେମାନଙ୍କ ମଧ୍ୟରେ ଅନ୍ୟମାନଙ୍କ ପ୍ରତି କରୁଣା ଓ ସହାଭୂତିର ଭାବନା ବିକଶିତ ହୋଇ ଥାଏ ।

*

- ରେଶ୍ମା ଫାତିମା
ଆର୍ନ୍ତଜାତୀୟ ସମ୍ପର୍କ ବିଭାଗ
ଜୱାହାରଲାଲ ନେହେରୁ ବିଶ୍ୱ ବିଦ୍ୟାଳୟ

## ଏଚଆଇଭି ଏଡସ୍‌ରେ ୫୦ ଜଣଙ୍କୁ ଜାଣିଶୁଣି ସଂକ୍ରମିତ କରାଇ ଥିଲେ ଆଲେକ୍ସଜାଣ୍ଡାର ଲୁଇ

ଆମେରିକାରେ ଯୌନ ସମ୍ପର୍କ ମାଧ୍ୟମରେ ଏଚ୍‌ଆଇଭି ବିସ୍ତାର କରିବାକୁ ଚେଷ୍ଟା କରି ଦୋଷୀ ସାବ୍ୟସ୍ତ ହୋଇଥିବା ବ୍ୟକ୍ତିଙ୍କୁ ୩୦ବର୍ଷ କାରାଦଣ୍ଡରେ ଦଣ୍ଡିତ କରାଯାଇଛି । ଅଭିଯୁକ୍ତଙ୍କ ନାମ ୩୪ ବର୍ଷ ବୟସ୍କ ଆଲେକ୍ସଜାଣ୍ଡାର୍ ଲୁଇ । ସେ ଏଚଆଇଭି ପଜିଟିଭ୍ କିନ୍ତୁ ସେ ଅନ୍ୟ ଲୋକଙ୍କ ସହ ଶାରୀରିକ ସମ୍ପର୍କ ରଖିଥିଲେ । ସେ କାହାକୁ କହି ନଥିଲେ ଯେ ଏଚ୍‌ଆଇଭି ପଜିଟିଭ୍ ବୋଲି । ଏହାକୁ ଲୋକଙ୍କଠାରୁ ଲୁଚାଇ ରଖିଥିବାରୁ ତାଙ୍କୁ ଦୋଷୀ ସାବ୍ୟସ୍ତ କରାଯାଇଛି । ଅଭିଯୁକ୍ତ ଲୋକଙ୍କ ମଧ୍ୟରେ ଏଚ୍‌ଆଇଭି ବିସ୍ତାର କରିବାକୁ ଚେଷ୍ଟା କରୁଥିବାର ପ୍ରମାଣ ମିଳିଛି । ପୋଲିସର ସୂଚନାନୁସାରେ, ଅଭିଯୁକ୍ତଙ୍କର ବର୍ତ୍ତମାନ ପର୍ଯ୍ୟନ୍ତ ୫୦ଜଣଙ୍କ ସହ ସମ୍ପର୍କ ରହିଛି । ତାଙ୍କର ଲକ୍ଷ୍ୟ ଥିଲା ପୁରୁଷଙ୍କ ସହ ସମ୍ପର୍କ ରଖିବା । ଏଥିରେ ଜଣେ କିଶୋର ମଧ୍ୟ ଅଛନ୍ତି । ଅଭିଯୁକ୍ତ ମଧ୍ୟ ଏଚ୍‌ଆଇଭିର ଚିକିତ୍ସା କରୁ ନ ଥିଲେ । ଲୁଇ ସ୍ୱୀକାର କରିଛନ୍ତି ଯେ ସେ ଏହା ଉଦ୍ଦେଶ୍ୟମୂଳକ ଭାବେ କରିଛନ୍ତି । ଗତ ବର୍ଷ ଅଗଷ୍ଟ ମାସରେ ଯେତେବେଳେ ଅଭିଯୁକ୍ତ ୧୫ବର୍ଷର ବାଳକ ସହିତ ଯେ ?ନ ସମ୍ପର୍କ ବିଷୟରେ କଥାବାର୍ତ୍ତା ଆରମ୍ଭ କରିଥିଲେସେତେବେଳେ ଏହି ଘଟଣା ସାମ୍ନାକୁ ଆସିଥିଲା । କିନ୍ତୁ ଅଭିଯୁକ୍ତଙ୍କର ଭୁଲ୍ ହୋଇ ଯାଇଥିଲା । କାରଣ ସେ ବାଳକ ବୋଲି ଭାବିଥିବା ବ୍ୟକ୍ତି ଜଣକ ପ୍ରକୃତରେ ଗୁପ୍ତଚର ଥିଲେ । ସେ ଲୁଇଙ୍କୁ ବୋଇସରେ ନିଜ ଘରେ ଭେଟିବାକୁ ନିଶ୍ଚିତ କରିଥିଲେ । ଲୁଇଙ୍କୁ ପ୍ରତାରିତ କରାଯାଇଥିଲା ଏବଂ ଚାଟ୍ ମାଧ୍ୟମରେ ତାଙ୍କ ନଗ୍ନ ଫଟୋ ପଠାଇଲେ । ସେ ଏକ ଭିଡିଓ କରିବାକୁ ମଧ୍ୟ ରାଜି ହୋଇଥିଲେ । ଏହା ପରେ ସେପ୍ଟେମ୍ବରରେ ଲୁଇଙ୍କୁ ପିଲାମାନଙ୍କୁ ପ୍ରତାରଣା ଅଭିଯୋଗରେ ଗିରଫ କରାଯାଇଥିଲା ।






# ସ୍ତ୍ରୀ ଓ ଝିଅକୁ ମାରିବା ପରେ ନିଜକୁ ଗୁଳି କରିଦେଲେ !



**ଝାରସୁଗୁଡ଼ା(ଏନ୍.ଏମ୍.):** ସ୍ତ୍ରୀ ଓ ଝିଅକୁ ଫାୟାରିଂ କରି ହତ୍ୟା କରିବା ପରେ ନିଜକୁ ଗୁଳି ଗଲେ ବ୍ୟକ୍ତି । ଏପରି ଘଟଣା ଘଟିଛି ଝାରସୁଗୁଡ଼ା ଜିଲ୍ଲାର ଲଖନପୁର ବାଣୀପାହାଡ଼ ନିକଟରେ । ମୃତକ ହେଲେ ଓରିଏଣ୍ଟ ଥାନା ଅଞ୍ଚଳର କାଳୀନଗରର ସୁଜିତ ରାୟ, ସ୍ତ୍ରୀ ଖୁସବୁ ରାୟ ଓ ଝିଅ ଅର୍ପିତା ରାୟ । ସମସ୍ତଙ୍କ ମୁଣ୍ଡରେ ଗୁଳି ବାଜିଛି । ଆଜି ସକାଳେ ଖେଳପଡ଼ିଆ ଥିବା କାରରୁ ୩ ଜଣଙ୍କ ଗୁଳିବିଦ୍ଧ ଉଦ୍ଧାର କରାଯାଇଥିଲା । କାର୍ ଭିତରେ ୩ ଜଣ ରକ୍ତାକ୍ତ ଅବସ୍ଥାରେ ପଡ଼ିଥିବା ଦେଖି ସ୍ଥାନୀୟ ଲୋକେ ପୁଲିସକୁ ଖବର ଦେଇଥିଲେ । ପୁଲିସ କାର୍ ଡୋର୍ ଲକ୍ ଭାଙ୍ଗି ମୃତଦେହକୁ ଉଦ୍ଧାର କରିଥିଲା । ବ୍ୟକ୍ତି ଜଣଙ୍କ ପ୍ରଥମେ ମା' ଓ ଝିଅକୁ ହତ୍ୟା କରିବା ପରେ ନିଜେ ଆତ୍ମହତ୍ୟା କରିଥିବା ପ୍ରାଥମିକ ତଦନ୍ତରୁ ଜଣାପଡ଼ିଛି । କାହିଁକି ବ୍ୟକ୍ତି ଜଣଙ୍କ ଏପରି କଲେ ତାର କାରଣ ଜଣାପଡ଼ିନାହିଁ । ପୁଲିସ କାର ଓ ବନ୍ଧୁକ ଜବତ କରିବା ସହ ଘଟଣାର ତଦନ୍ତ କରୁଛି । ସାଇଣ୍ଟିଫିକ୍ ଟିମ୍ ପହଞ୍ଚି ଖୋଳତାଡ ଜାରି ରଖିଛି ।

# ଥଣ୍ଡା ପାନୀୟରେ ନିଶା ଦେଇ ଲୁଟ ଘଟଣା: ଅଭିଯୁକ୍ତ ଗିରଫ
## ଟଙ୍କା ସହ ଅଟୋ ଓ ୨ ମୋବାଇଲ ଜବତ




**କଟକ(ଏନ୍.ଏମ୍.):** ଥଣ୍ଡା ପାନୀୟରେ ନିଶା ଦେଇ ଲୁଟ୍ କରିଥିବା ଘଟଣାରେ କ୍ୟାଣ୍ଟନମେଣ୍ଟ ଥାନା ପୁଲିସ ଜଣେ ଗିରଫ କରିଛି । ଗିରଫ ଅଭିଯୁକ୍ତ ଜଣକ ହେଲେ ଯାଜପୁର ଜିଲ୍ଲା ବିଞ୍ଝାରପୁର ଅଞ୍ଚଳର ମୂଳବାସିନ୍ଦା ତଥା କଟକ ମଧୁପାଟଣା ଥାନା ଅନ୍ତର୍ଗତ କଲ୍ୟାଣୀନଗରରେ ରହୁଥିବା ଉତ୍ତମ ବେହେରା ଓରଫ କଙ୍କଡା(୨୮) । ପୁଲିସ ତା ନିକଟରୁ ନଗଦ ୩୪୦୦ ଟଙ୍କା, ୨ଟି ମୋବାଇଲ ଫୋନ ଓ ଅଟୋରିକ୍ସା ଜବତ କରିଛି । ଗତ ଫେବୃଆରୀ ୨୮ ତାରିଖରେ ବାରବାଟୀ ଷ୍ଟାଡିୟମ ନିକଟସ୍ଥ ଓସିଏ – ୨ ନମ୍ବର ଗେଟ୍ ପାଖରେ ପଇଡ ଦୋକାନ କରିଥିବା ପୂର୍ଣ୍ଣଚନ୍ଦ୍ର ବେହେରାଙ୍କ ଦୋକାନକ ଉତ୍ତମ ପଇଡ କିଣିବାକୁ ଆସି ୧୫ଟି ପଇଡ ନେବାକୁ ମୂଲଚାଲ କରିଥିଲେ । ଗୋଟିଏ ପଇଡକୁ ୪୦ ଟଙ୍କା କରି ଦାମ୍ ଛିଡିବା ପରେ ଉକ୍ତ ବ୍ୟକ୍ତି ଜଣକ ନିକଟସ୍ଥ ଦୋକାନରୁ ମ୍ୟାଙ୍ଗୋ ମାଜା ଏକ ଗ୍ଲାସରେ ଆଣି ପଇଡ ଦୋକାନୀ ପୂର୍ଣ୍ଣଙ୍କୁ ପିଇବାକୁ ଦେଇଥିଲେ । ତେବେ ଥଣ୍ଡା ପିଇବା ପରେ ପୂର୍ଣ୍ଣ ବେହୋସ୍ ହୋଇଯାଇଥିଲେ । ଏହି ସୁଯୋଗରେ ସେହି ଅଭିଯୁକ୍ତ ଉତ୍ତମ ଓ ଅନ୍ୟ ଦୁଇ ଜଣ ତାଙ୍କ ପକେଟରୁ ଏଲଆଇସି କିସ୍ତି ଦେବାପାଇଁ ରଖିଥିବା ନଗଦ ୫୮ ହଜାର ଟଙ୍କା ଲୁଟି ନେଇ ଫେରାର ହୋଇଯାଇଥିଲେ । କିଛି ସମୟରେ ସ୍ଥାନୀୟ ଲୋକେ ପୂର୍ଣ୍ଣଙ୍କୁ ବେହୋସ ଅବସ୍ଥାରେ ଉଦ୍ଧାର କରି କଟକ ବଡ ମେଡିକାଲକୁ ପଠାଇଥିଲେ । କ୍ୟାର୍ଟନମେଣ୍ଟ ଥାନା ପୁଲିସ ଏନେଇ ଏକ ମାମଲା ରୁଜୁ କରି ତଦନ୍ତ ଜାରି ରଖିଥିଲା । ଗତ ୧୮ ତାରିଖରେ ଅନ୍ୟ ଏକ ଲୁଟ୍ ଘଟଣାରେ ସଦର ଥାନା ପୁଲିସ ଗିରଫ କରିଥିବା ଉତ୍ତମର ଅନ୍ୟ ଦୁଇ ସାଥୀ ବିକ୍ରମ ବିଶ୍ୱାଳ, ଅଜୟ କୁମାର ବେହେରାଙ୍କୁ ରିମାଣ୍ଡରେ ଆଣି ପଚରା ଉଚରା କରିବା ପରେ ଉଭୟେ ଉତ୍ତମ ଏହି ଘଟଣାରେ ସଂପୃକ୍ତ ଥିବା କହିଥିଲେ ।ପୁଲିସ ଉତ୍ତମକୁ ଗିରଫ କରି ଆଜି କୋର୍ଟ ଚାଲାଣ କରିଛି ।

# ୧୮ ମୋବାଇଲ୍,ନଗଦ ଟଙ୍କା ଜବତ :ଲୁଟେରା ଗିରଫ

**କଟକ(ଏନ୍.ଏମ୍.):** ପୁରୀଘାଟ ଥାନା ପୁଲିସ ଜଣେ ପେଶାଦାର ଲୁଟେରାକୁ ଗିରଫ କରିବା ସହ ତା ନିକଟରୁ ୧୮ଟି ଦାମୀ ମୋବାଇଲ ଫୋନ ଓ ନଗଦ ୪୫୦ ଟଙ୍କା ଗିରଫ କରିଛି । ଗିରଫ ଅଭିଯୁକ୍ତ ଜଣକ କଟକ ବାଦାମବାଡି ଥାନା ଅନ୍ତର୍ଗତ ରାଜାବଗିଚା ଅଂଚଳର ଦୀନବନ୍ଧୁ ସାହୁ ଓରଫ ମଣ୍ଟୁ ଓରଫ ପିଣ୍ଟୁ(୩୨) । ପ୍ରକାଶ ଯେ, ଭୁବନେଶ୍ୱର ଲକ୍ଷ୍ମୀସାଗର ଥାନା ଅନ୍ତର୍ଗତ ହଳଦୀପଡିଆ ଅଞ୍ଚଳର ମଣ୍ଟୁ ପୃଷ୍ଟି ଗତ ୨୬ତାରିଖ ବିଳମ୍ବିତ ରାତିରେ କଟକ ପୁରୀଘାଟ ଅଞ୍ଚଳରେ ଥିବା ତ୍ରିଶା ନର୍ସିଂହୋମ ନିକଟର ଏକ ଖୋଲା ସ୍ଥାନରେ ଶୋଇଥିଲା ବେଳେ ଅଭିଯୁକ୍ତ ଦୀନବନ୍ଧୁ ତାଙ୍କ ଠାରୁ ଗୋଟିଏ ବ୍ୟାଗ୍, ୨ଟି ମୋବାଇଲ ଫୋନ, ୫ ହଜାର ଟଙ୍କା ସହିତ ଜରୁରୀ କାଗଜପତ୍ର ଲୁଟି ନେଇଥିଲା । ଏ ବିଷୟରେ ଶ୍ରୀ ପୃଷ୍ଟି ପୁରୀଘାଟ ଥାନାରେ ଅଭିଯୋଗ କରିଥିଲେ । ପୁଲିସ ଘଟଣାଟିର ଅନୁସନ୍ଧାନ କରି ଅଭିଯୁକ୍ତ ଦୀନବନ୍ଧୁକୁ ଗିରଫ କରି କୋର୍ଟ ଚାଲାଣ କରିଛି । ଦୀନବନ୍ଧୁ ବିରୋଧରେ କଟକର ବିଭିନ୍ନ ଥାନାରେ ୧୨ଟି ମାମଲା ରହିଥିବା ଜଣାପଡିଛି ।



# ଆମ୍ବୁଲାନ୍ସ ଆସିପାରିଲାନି ଗାଁକୁ, ୨କି.ମି ବୋହିଲେ ରୋଗୀକୁ

**ଦେବଗଡ଼(ଏନ୍.ଏମ୍.):** ଗାଁକୁ ଅସିପାରିଲାନି ଆମ୍ବୁଲାନ୍ସ । ଷ୍ଟ୍ରେଚରରେ ବୁହା ହେଲେ ରୋଗୀ । ଏଭଳି ଅଭାବନୀୟ ଘଟଣା ଘଟିଛି ଦେବଗଡ଼ ଜିଲ୍ଲା ବାରକୋଟ ବ୍ଲକ ଗାଡ଼ିଆ ଗ୍ରାମରେ । ଗାଡ଼ିଆ ଗାଁର ଗୋପୀନାଥ ପ୍ରଧାନ (୬୦) ଗତକାଲି ରାତିରେ ନିଜ ଘର ଛାତ ଉପରେ ଶୋଇଥିଲେ । ନିଦ ବାଉଳାରେ ଛାତ ଉପରୁ ତଳକୁ ପଡ଼ି ଗୁରୁତର ଆହାତ ହୋଇ ଯାଇଥିଲେ । ଗୁରୁତର ଅବସ୍ଥାରେ ପରିବାର ଲୋକ ଗୋପୀନାଥଙ୍କୁ ଉଦ୍ଧାର କରିଥିଲେ । ଗାଡ଼ିଆ ଗାଁରେ ମୋବାଇ ସେବା ପହଞ୍ଚି ନଥିବାରୁ ରାତିରେ ଆମ୍ବୁଲାନ୍ସକୁ ଯୋଗାଯୋଗ କରି ହୋଇନଥିଲା । ଆଉ ଜଙ୍ଗଲ ରାସ୍ତାରେ ଗାଁରୁ ଡାକ୍ତରଖାନା ଆଣିବାବି ସମ୍ଭବ ନଥିଲା । ସକାଳେ ହେବା ମାତ୍ରେ ଆମ୍ବୁଲାନ୍ସକୁ ଯୋଗାଯୋଗ କରିଥିଲେ ପରିବାର ଲୋକ । ଆମ୍ବୁଲାନ୍ସ ଠିକ୍ ସମୟରେ ଆସି ଯାଇଥିଲା ହେଲା ଗାଁକୁ ରାସ୍ତା ନଥିବାରୁ ଗାଁ ଭିତରକୁ ଆମ୍ବୁଲାନ୍ସ ଆସି ପାରିନଥିଲା । ୨ କିଲୋମିଟର ଦୂରରେ ଜଙ୍ଗଲ ଭିତରେ ଆମ୍ବୁଲାନ୍ସ ଅଟକି ଯାଇଥିଲା । ଆମ୍ବୁଲାନ୍ସ କର୍ମଚାରୀଙ୍କ ସହାୟତାରେ ପରିବାର ଲୋକ ଗୋପୀନାଙ୍କୁ ଷ୍ଟ୍ରେଚର ସାହାଯ୍ୟରେ ବୋହି ନେଇଥିଲେ । ଜଙ୍ଗଲ ପାହାଡ଼ ରାସ୍ତା ଅତିକ୍ରମ କରି ବହୁ କଷ୍ଟରେ ଆମ୍ବୁଲାନ୍ସ ନିକଟରେ ପହଞ୍ଚିଥିଲେ । ସେଠାରୁ ତାଙ୍କୁ ବାରକୋଟ ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ରକୁ ନିଆଯାଇଥିଲା । ହେଲେ ସେଠାରେ ଗୋପୀନାଥ ଅଧିକ ଗୁରୁତର ହେବାରୁ ଦେବଗଡ଼ ଜିଲ୍ଲା ମୁଖ୍ୟ ଚିକିତ୍ସାଳୟକୁ ନିଆଯାଇଥିଲା । ଏବେ ସେ ଚିକିତ୍ସିତ ଅବସ୍ଥାରେ ଅଛନ୍ତି ।





# ରାଜଧାନୀରେ ଡ୍ୟାନ୍ସରଙ୍କୁ ମାରି ଟାଙ୍ଗିଦେଲେ ପ୍ରେମିକ !

**ଭୁବନେଶ୍ୱର(ଏନ୍.ଏମ୍.):** ଷ୍ଟେଜ୍‌ରେ ଡ୍ୟାନ୍ସ କରି ସମସ୍ତଙ୍କୁ ମତୁଆଲା କରୁଥିଲେ । ଠାଣୀ ଓ ଭଙ୍ଗୀରେ ସମସ୍ତଙ୍କ ହୋସ୍ ଉଡାଉଥିଲେ । ହେଲେ ମନୋରଞ୍ଜନର ଖୋରାକ ଯୋଗାଉଥିବା ସୁଲୋଚନା କାହିଁକି ନେଲେ ଏପରି ନିଷ୍ପତ୍ତି ? କ'ଣ ପାଇଁ ଭଡ଼ା ଘରେ ଝୁଲି ପଡ଼ିଲେ ନା ତାଙ୍କୁ ମାରି ଝୁଲାଇ ଦିଆଯାଇଛି ? ଏପରି ନାନା ପ୍ରଶ୍ନ ଭିତରେ ଭୁବନେଶ୍ୱର କମିଶନରେଟ୍ ପୁଲିସ୍ ପୁଲିସ ଛନ୍ଦି ହୋଇ ପଡ଼ିଥିବା ବେଳେ ସୁଲୋଚନାଙ୍କ ପରିବାର ଲୋକ ଆଣି ଛନ୍ତି ସଙ୍ଗୀନ ଅଭିଯୋଗ । ସୁଲୋଚନାଙ୍କୁ ମାରି ତାଙ୍କ ପ୍ରେମିକ ଝୁଲାଇ ଦେଇଥିବା ଅଭିଯୋଗ କରିଛନ୍ତି । ଜଗତସିଂହପୁର ଅଲଣା ଗାଁର ଯୁବତୀ ସୁଲୋଚନା ଦାସ । ପେସାରେ ସେ ଜଣେ ଡ୍ୟାନ୍ସର । ତେଣୁ ସେ ରାଜଧାନୀ ଭୁବନେଶ୍ୱର ଚାଲି ଆସିଥିଲେ । ଏଠାରେ ବିଭିନ୍ନ କାର୍ଯ୍ୟକ୍ରମରେ ଡ୍ୟାନ୍ସର ଭାବେ କାମ କରୁଥିଲେ । ସେହି ସମୟରେ ତାଙ୍କର ଜଣେ ଯୁବକଙ୍କ ସହିତ ଦେଖା ହୋଇଥିଲା । ପରବର୍ତ୍ତୀ ସମୟରେ ଉଭୟଙ୍କ ଭିତରେ ପ୍ରେମ ସମ୍ପର୍କ ଗଢ଼ି ଉଠିଥିଲା । ଉଭୟ ଏକାଠି ରାଜଧାନୀରେ ଏକ ଭଡ଼ା ଘରେ ରହୁଥିଲେ । ସୁଲୋଚନା ବିବାହ କରିବାକୁ ଚାହୁଁଥିଲେ । ହେଲେ ଏଥିରେ ରାଜି ହେଉନଥିଲେ ତାଙ୍କ ପ୍ରେମିକ । ଯେଉଁଥିପାଇଁ ଉଭୟଙ୍କ ଭିତରେ ଅନେକ ସମୟରେ ଗଣ୍ଡଗୋଳ ହେଉଥିବା ଅଭିଯୋଗ ହୋଇଛି । ସୁଲୋଚନାଙ୍କୁ ତାଙ୍କ ପ୍ରେମିକ ମାରିଦେବାକୁ ଧମକ ଚମକ ଦେଉଥିବା ଅଭିଯୋଗ ହୋଇଛି । ତଥାପି ଉଭୟ ଏକାଠି ରହୁଥିଲେ । ଅଭିଯୋଗ ଅନୁସାରେ ଶୁକ୍ରବାର ରାତି ସୁଲୋଚନାଙ୍କ ଘରେ ଥିଲେ ତାଙ୍କ ପ୍ରେମିକ । ଆଉ ସେହି ରାତିରେ ସୁଲୋଚନାଙ୍କ ମୃତ୍ୟୁ ଘଟିଥିଲା । ସୁଲୋଚନାଙ୍କୁ ଝୁଲନ୍ତା ଅବସ୍ଥାରେ ଉଦ୍ଧାର କରାଯାଇଥିଲା । ସୁଲୋଚନା ମୃତଦେହ ଝୁଲୁଥିବା ଘର ଚଟାଣରେ ଖାଦ୍ୟ ଏତେତେଣେ ପଡ଼ିଥିବା ବେଳେ ରହିଥିଲା ମଦ ବୋତଲ । ତେଣୁ ତାଙ୍କୁ ହତ୍ୟା କରାଯାଇ ଝୁଲାଇ ଦିଆଯାଇଥିବା ଅଭିଯୋଗ ହେଉଛି । ସେପଟେ ସୁଲୋଚନାଙ୍କୁ ତାଙ୍କ ପ୍ରେମିକ ମାରି ଝୁଲାଇ ଦେଇଥିବା ଅଭିଯୋଗ କରିଛନ୍ତି ତାଙ୍କ ବାପା ବୈରାଗୀ ଓ ଭଉଣୀ ମିଲିନା । ବୈରାଗୀ ଏନେଇ ବଡ଼ଗଡ଼ ଥାନାରେ ଲିଖିତ ଅଭିଯୋଗ କରିଛନ୍ତି । ସୁଲୋଚନାଙ୍କ ପ୍ରେମିକଙ୍କୁ ଗିରଫ କରି ଉଚିତ ଦଣ୍ଡ ଦେବାକୁ ସେମାନେ ଦାବି କରିଛନ୍ତି । ଅଭିଯୋଗକୁ ଭିତ୍ତିକରି ପୁଲିସ୍ ? ମାମଲା ରୁଜୁ ଘଟଣାର ତଦନ୍ତ ଚଳାଛି । ସାଇଣ୍ଟିଫିକ୍ ? ଟିମ୍ ? ସହାୟତାରେ ପୁଲିସ ମାମଲାର ତଦନ୍ତ ଚଳାଇଛି । ମୃତ୍ୟୁ ହୋଇଥିବା ରୁମରେ ପଡି ରହିଥିବା ମଦ ବୋତଲ ଓ ଖାଇବା ସାମଗ୍ରୀକୁ ଜବତ କରି ତଦନ୍ତକୁ ଆଗକୁ ନେଉଛି । ସେପଟେ ଅଭିଯୁକ୍ତ ପ୍ରେମିକ ପ୍ରବର ଚମ୍ପଟ ମାରିଥିବା ଜଣାପଡ଼ିଛି ।

# କଟକ ଜିଲ୍ଲାରେ ପ୍ରାର୍ଥୀପତ୍ର ପ୍ରତ୍ୟାହାର ପରେ ଚୂଡାନ୍ତ ପ୍ରାର୍ଥୀ ତାଲିକା

**କଟକ (ଏନ୍.ଏମ୍.):** କଟକ ଜିଲ୍ଲାର କଟକ ଲୋକସଭା ନିର୍ବାଚନ ମଣ୍ଡଳୀ ସମେତ ବଡମ୍ବା, ବାଙ୍କୀ, ଆଠଗଡ, ବାରବାଟୀ-କଟକ, ଚୌଦ୍ୱାର-କଟକ, କଟକ ସଦର ଓ ଖଣ୍ଡପଡା ବିଧାନସଭା ନିର୍ବାଚନମଣ୍ଡଳୀ ନିମନ୍ତେ ଗତ ୨୯ ତାରିଖରେ ନାମାଙ୍କନପତ୍ର ଦାଖଲ ପ୍ରକ୍ରିୟା ଆରମ୍ଭ ହୋଇ ୬ ତାରିଖରେ ଶେଷ ହେବା ସହ ୭ ତାରିଖରେ ପ୍ରାର୍ଥୀପତ୍ରଗୁଡିକୁ ଯାଂଚ କରାଯାଇଛି । ଆଜି ପ୍ରାର୍ଥୀପତ୍ର ପ୍ରତ୍ୟାହାରର ଶେଷ ତାରିଖ ଥିଲା । କଟକ ଲୋକସଭା ମଣ୍ଡଳୀ ନିମନ୍ତେ ପ୍ରାର୍ଥୀପତ୍ର ଦାଖଲ କରିଥିବା ସ୍ୱାଧୀନ ପ୍ରାର୍ଥୀ ବିରଂଚି ନାରାୟଣ ମହାରଣା ଆଜି ପ୍ରାର୍ଥୀପତ୍ର ପ୍ରତ୍ୟାହାର କରିନେଇଛନ୍ତି । ଏଥିସହ କଟକ ଲୋକସଭା ନିର୍ବାଚନ ମଣ୍ଡଳୀରେ ମୋଟ ୧୦ ଜଣ ପ୍ରାର୍ଥୀ ନିର୍ବାଚନରେ ପ୍ରତିଦ୍ୱନ୍ଦ୍ୱୀତା କରିବେ । ଅନ୍ୟପକ୍ଷରେ କଟକ ସଦର ବିଧାନସଭା ନିର୍ବାଚନମଣ୍ଡଳୀ ନିମନ୍ତେ କେହି ଜଣେ ହେଲେ ପ୍ରାର୍ଥୀ ନାମାଙ୍କନପତ୍ର ପ୍ରତ୍ୟାହାର କରିନାହାନ୍ତି । ଫଳରେ କଟକ ସଦର ଆସନରେ ୪ଜଣ ପ୍ରାର୍ଥୀଙ୍କ ମଧ୍ୟରେ ପ୍ରତିଦ୍ୱନ୍ଦ୍ୱୀତା ହେବ । ତେବେ ଚୌଦ୍ୱାର କଟକ ବିଧାନସଭା ନିର୍ବାଚନମଣ୍ଡଳୀ ନିମନ୍ତେ ପ୍ରାର୍ଥପତ୍ର ଦାଖଲ କରିଥିବା ପ୍ରାର୍ଥୀଙ୍କ ମଧ୍ୟରୁ ଜଣେ ସ୍ୱାଧୀନ ପ୍ରାର୍ଥୀ ଦୀପକ କୁମାର ବାରିକ ପ୍ରାର୍ଥୀପତ୍ର ପ୍ରତ୍ୟାହାର କରିଥିବାବେଳେ ବାରବାଟୀ କଟକ ବିଧାନସଭା ନିର୍ବାଚନମଣ୍ଡଳୀରୁ ଜଣେ ହେଲେ ପ୍ରାର୍ଥୀ ନାମାଙ୍କନପତ୍ର ପ୍ରତ୍ୟାହାର କରିନାହାନ୍ତି । ବାରବାଟୀ କଟକରୁ ୧୩ଜଣ ପ୍ରାର୍ଥୀ ପ୍ରତିଦ୍ୱନ୍ଦ୍ୱୀତା କରିବା ପାଇଁ ଚୂଡାନ୍ତ ପ୍ରାର୍ଥୀ ତାଲିକା ପ୍ରକାଶ ପାଇଥିବାବେଳେ ଚୌଦ୍ୱାର କଟକରୁ ୧୨ ଜଣ ପ୍ରାର୍ଥୀ ପ୍ରତିଦ୍ୱନ୍ଦ୍ୱୀତା କରିବା ନିମନ୍ତେ ତାଲିକା ପ୍ରକାଶ ପାଇଛି । ଅନ୍ୟପକ୍ଷରେ ବାଙ୍କୀ ବିଧାନସଭା ନିର୍ବାଚନ ମଣ୍ଡଳୀ ନିମନ୍ତେ କେହି ଜଣେ ହେଲେ ପ୍ରାର୍ଥୀ ପ୍ରାର୍ଥୀପତ୍ର ପ୍ରତ୍ୟାହାର କରିନାହାନ୍ତି । ଏଠାରେ ଆଠଜଣ ପ୍ରାର୍ଥୀ ନିର୍ବାଚନ ରଣାଙ୍ଗନରେ ଅବତୀର୍ଣ୍ଣ ହୋଇଛନ୍ତି । ଆଠଗଡ ବିଧାନସଭା ନିର୍ବାଚନ ମଣ୍ଡଳୀରୁ ସ୍ୱାଧୀନ ପ୍ରାର୍ଥୀ ନମିତା ଖୁଂଟିଆ ଏବଂ ଶଙ୍କର୍ଷଣ ମହାନ୍ତି ପ୍ରାର୍ଥୀପତ୍ର ପ୍ରତ୍ୟାହାର କରିଥିବାବେଳେ ବଡମ୍ବା ବିଧାନସଭା ନିର୍ବାଚନମଣ୍ଡଳୀରୁ ସ୍ୱାଧୀନ ପ୍ରାର୍ଥୀ ଦୁର୍ଗାପ୍ରିୟା ଦଳବେହେରା ପ୍ରାର୍ଥୀପତ୍ର ପ୍ରତ୍ୟାହାର କରିନେଇଛନ୍ତି । ଆଠଗଡରେ ୧୨ଜଣ ପ୍ରାର୍ଥୀ ପ୍ରତିଦ୍ୱନ୍ଦ୍ୱୀତା କରୁଥିବାବେଳେ ବଡମ୍ବାରେ ୧୦ଜଣ ପ୍ରାର୍ଥୀ ପ୍ରତିଦ୍ୱନ୍ଦ୍ୱୀତା କରୁଛନ୍ତି । ଏହିସବୁ ଆସନଗୁଡିକରେ ଆସନ୍ତା ୨୫ ତାରିଖରେ ଭୋଟଗ୍ରହଣ କରାଯିବ ଏବଂ ଜୁନ୍ ୪ ତାରିଖରେ 'ଲା'ଳ ପ୍ରକାଶ ପାଇବ । ସେହିପରି ଆଜି ସାଲେପୁର ବିଧାନସଭା ନିର୍ବାଚନ ମଣ୍ଡଳୀ ନିମନ୍ତେ ଆଜି ବିଜୁ ଜନତା ଦଳ ପକ୍ଷରୁ ପ୍ରଶାନ୍ତ ବେହେରା ଏବଂ ଭାରତୀୟ ଜନତା ପାର୍ଟି ପକ୍ଷରୁ ଅରିନ୍ଦମ ରାୟ ପ୍ରାର୍ଥୀପତ୍ର ଦାଖଲ କରିଥିବାବେଳେ ନିଆଳି ବିଧାନସଭା ନିର୍ବାଚନମଣ୍ଡଳୀ ନିମନ୍ତେ ସ୍ୱାଧୀନ ପ୍ରାର୍ଥୀ କୃଷ୍ଣ ଚନ୍ଦ୍ର ବେହେରା ପ୍ରାର୍ଥୀପତ୍ର ଦାଖଲ କରିଛନ୍ତି । ତେବେ ମାହାଙ୍ଗା ନିର୍ବାଚନ ମଣ୍ଡଳୀ ନିମନ୍ତେ ଆଜି ଜଣେ ହେଲେ ପ୍ରାର୍ଥୀ ନାମାଙ୍କନପତ୍ର ଦାଖଲ କରିନାହାନ୍ତି ।

## କଟକ ଲୋକସଭା ନିର୍ବାଚନ ମଣ୍ଡଳୀ

୧. ପ୍ରମୋଦ କୁମାର ମଲ୍ଲିକ୍ ବହୁଜନ ସମାଜ ପାର୍ଟି
୨.ଭର୍ତ୍ତୃହରି ମହତାବ ଭାରତୀୟ ଜନତା ପାର୍ଟି
୩. ସୁରେଶ ମହାପାତ୍ର ଭାରତୀୟ ଜାତୀୟ କଂଗ୍ରେସ
୪. ସଂତୃପ୍ତ ମିଶ୍ର ବିଜୁ ଜନତା ଦଳ
୫. ପ୍ରକାଶ ଚନ୍ଦ୍ର ସାହୁ କୃପା ପାର୍ଟି
୬. ମିନତୀ ପଟ୍ଟନାୟକ ସମୃଦ୍ଧ ଓଡ଼ିଶା
୭. ରାଜକିଶୋର ମଲ୍ଲିକ ସୋସିଆଲିଷ୍ଟ ୟୁନିଟି ସେଂଟର ଅଫ ଇଣ୍ଡିଆ (କମ୍ୟୁନିଷ୍ଟ)
୮. ଗୋକୁଳାନନ୍ଦ ମିଶ୍ର ସ୍ୱାଧୀନ




୯. ନିରଞ୍ଜନ ପତି ସ୍ୱାଧୀନ
୧୦. ଶୋଭା ପାଣ୍ଡେ ସ୍ୱାଧୀନ

## ବାରବାଟୀ କଟକ ବିଧାନସଭା ନିର୍ବାଚନ ମଣ୍ଡଳୀ

୧. ଅଶୋକ କୁମାର ଷଡଙ୍ଗୀ ଆମ ଆଦମୀ ପାର୍ଟି
୨. ପୂର୍ଣ୍ଣଚନ୍ଦ୍ର ମହାପାତ୍ର ଭାରତୀୟ ଜନତା ପାର୍ଟି
୩. ସୋଫିଆ ଫିର୍ଦୋଶ ଭାରତୀୟ ଜାତୀୟ କଂଗ୍ରେସ
୪. ପ୍ରକାଶ ଚନ୍ଦ୍ର ବେହେରା ବିଜୁ ଜନତା ଦଳ
୫. ଆରିଫ ଖାନ୍ ସମୃଦ୍ଧ ଓଡ଼ିଶା
୬. ଅକ୍ଷୟ କୁମାର ରାଉତ ସୋସାଲିଷ୍ଟ ୟୁନିଟି ସେଂଟର ଅଫ ଇଣ୍ଡିଆ (କମ୍ୟୁନିଷ୍ଟ)
୭. ନରସିଂହ ପତି ସ୍ୱାଧୀନ
୮. ନୀଳମାଧବ ଦାଶ ସ୍ୱାଧୀନ
୯. ପ୍ରଶାନ୍ତ କୁମାର ରାଉତ ସ୍ୱାଧୀନ
୧୦. ରାଜେଶ କୁମାର ପାତ୍ର ସ୍ୱାଧୀନ
୧୧. ପ୍ରକାଶ ଚନ୍ଦ୍ର ବେହେରା ସ୍ୱାଧୀନ
୧୨. ସଞ୍ଜିତ୍ କୁମାର ସାମଲ ସ୍ୱାଧୀନ
୧୩. ଶୋଭା ପାଣ୍ଡେ ସ୍ୱାଧୀନ

## ଚୌଦ୍ୱାର କଟକ ବିଧାନସଭା ନିର୍ବାଚନ ମଣ୍ଡଳୀ

୧. ନୟନ କିଶୋର ମହାନ୍ତି ଭାରତୀୟ ଜନତା ପାର୍ଟି
୨. ବିଜୟଲକ୍ଷ୍ମୀ ମହାପାତ୍ର ଆମ ଆଦମୀ ପାର୍ଟି
୩. ମନୋରଞ୍ଜନ ଦଳାଇ ବହୁଜନ ସମାଜ ପାର୍ଟି
୪. ମୀରା ମଲ୍ଲିକ ଭାରତୀୟ ଜାତୀୟ କଂଗ୍ରେସ
୫. ସୌଭିକ ବିଶ୍ୱାଳ ବିଜୁ ଜନତା ଦଳ
୬. ଖଗେଶ୍ୱର ସେଠୀ ସୋସାଲିଷ୍ଟ ୟୁନିଟି ସେଂଟର ଅଫ ଇଣ୍ଡିଆ (କମ୍ୟୁନିଷ୍ଟ)
୭. ଲୁଲୁ ବିଶ୍ୱାଳ ସମୃଦ୍ଧ ଓଡ଼ିଶା
୮. ବିପ୍ଳବ ନନ୍ଦ ସ୍ୱାଧୀନ
୯. ରଞ୍ଜିତ ମଲ୍ଲିକ ସ୍ୱାଧୀନ
୧୦. ରୁପାଲି ଲେଙ୍କା ସ୍ୱାଧୀନ
୧୧. ଶୋଭା ପାଣ୍ଡେ ସ୍ୱାଧୀନ
୧୨. ସୁକାନ୍ତ ଚନ୍ଦ୍ର ସାହାଣୀ ସ୍ୱାଧୀନ

## କଟକ ସଦର ବିଧାନସଭା ନିର୍ବାଚନ ମଣ୍ଡଳୀ

୧. ଚନ୍ଦ୍ର ସାରଥୀ ବେହେରା ବିଜେଡି
୨. ରାମଚନ୍ଦ୍ର ଗୋଛାୟତ କଂଗ୍ରେସ
୩. ପ୍ରକାଶ ଚନ୍ଦ୍ର ସେଠୀ ଭାରତୀୟ ଜନତା ପାର୍ଟି
୪. ପରମାନନ୍ଦ ସେଠୀ ସୋସାଲିଷ୍ଟ ୟୁନିଟି ସେଂଟର ଅଫ ଇଣ୍ଡିଆ (କମ୍ୟୁନିଷ୍ଟ)

## ବାଙ୍କୀ ବିଧାନସଭା ନିର୍ବାଚନ ମଣ୍ଡଳୀ

୧. ତୁଷାରକାନ୍ତ ଚକ୍ରବର୍ତୀ ଭାରତୀୟ ଜନତା ପାର୍ଟି
୨. ଦେବାଶିଷ ପଟ୍ଟନାୟକ ଭାରତୀୟ ଜାତୀୟ କଂଗ୍ରେସ
୩. ଦେବୀ ରଞ୍ଜନ ତ୍ରିପାଠୀ ବିଜୁ ଜନତା ଦଳ
୪. ପ୍ରକାଶ ଚନ୍ଦ୍ର ସାହୁ କୃପା ପାର୍ଟି
୫. ମମତା ଜେନା ମାନସ ଲୋକଶକ୍ତି ଦଳ
୬. ମାଳବିକା ସାମଲ ସୋସାଲିଷ୍ଟ ୟୁନିଟି ସେଂଟର ଅଫ ଇଣ୍ଡିଆ (କମ୍ୟୁନିଷ୍ଟ)
୭. ସୁବାସ ଚନ୍ଦ୍ର ରାଉତ ନ୍ୟାସନାଲ ଆପନି ପାର୍ଟି
୮. ଭିକାରୀ ଦେବତା ସ୍ୱାଧୀନ

## ଆଠଗଡ ବିଧାନସଭା ନିର୍ବାଚନ ମଣ୍ଡଳୀ

୧. ରଣେନ୍ଦ୍ର ପ୍ରତାପ ସ୍ୱାଇଁ ବିଜୁ ଜନତା ଦଳ
୨. ଅଭୟ କୁମାର ବାରିକ ବିଜେପି
୩. ସୁଦର୍ଶନ ସାହୁ ଭାରତୀୟ ଜାତୀୟ କଂଗ୍ରେସ
୪. ଦିବ୍ୟସିଂହ ମିଶ୍ର ସମୃଦ୍ଧ ଓଡ଼ିଶା
୫. ଦେବୀ ପ୍ରସାଦ ମହାପାତ୍ର ଆମ ଆଦମି ପାର୍ଟି
୬. ଗଗନ ବିହାରୀ ରାଉତ କଳିଙ୍ଗ ନ୍ୟାସନାଲ ପାର୍ଟି
୭. ସନ୍ତୋଷ କୁମାର କର ନ୍ୟାସନାଲ ଆପନି ପାର୍ଟି
୮. ଗଣେଶ୍ୱର ସାହୁ ବହୁଜନ ସମାଜ ପାର୍ଟି
୯. ପ୍ରଚେତା ପରମାଣିକ ସୁପ୍ରିମ ଜିରୋ ପାର୍ଟି
୧୦. ରାଜେନ୍ଦ୍ର କୁମାର ମହାନ୍ତି ସ୍ୱାଧୀନ
୧୧. ବିଜୟ କୁମାର ପରିଡା ସ୍ୱାଧୀନ
୧୨. ହରିହର ସାହୁ ସ୍ୱାଧୀନ

## ବଡମ୍ବା ବିଧାନସଭା ନିର୍ବାଚନ ମଣ୍ଡଳୀ

୧. ଦେବୀ ପ୍ରସାଦ ମିଶ୍ର ବିଜେଡି
୨.ସମ୍ବିତ୍ ତ୍ରିପାଠୀ ଭାରତୀୟ ଜନତା ପାର୍ଟି
୩. ସଞ୍ଜୟ କୁମାର ସାହୁ କଂଗ୍ରେସ
୪. ସରୋଜ କୁମାର କରନ୍ କଳିଙ୍ଗ ନ୍ୟାସନାଲ ଫ୍ରଂଟ
୫.କୈଳାଶ ଚନ୍ଦ୍ର ନାୟକ ସମୃଦ୍ଧ ଓଡ଼ିଶା
୬. ପ୍ରସାଦ କୁମାର ନାୟକ ସ୍ୱାଧୀନ
୭. ମନୋରଞ୍ଜନ ବେହେରା ସ୍ୱାଧୀନ
୮. ବିଜୟ କୁମାର ଦଳବେହେରା ସ୍ୱାଧୀନ
୯. ଯୁଗଳ କିଶୋର ରାଉତ ସ୍ୱାଧୀନ
୧୦. ମନୋଜ କୁମାର ନନ୍ଦ ସ୍ୱାଧୀନ




# କେନ୍ଦ୍ରାପଡା ମହାବିଦ୍ୟାଳୟରେ ପିଜି ଛାତ୍ରଛାତ୍ରୀଙ୍କ ଧାରଣା

## ୩ ଶହ ପିଜି ଛାତ୍ରଛାତ୍ରୀଙ୍କ ଭବିଷ୍ୟତ ଅନ୍ଧକାରରେ



**କେନ୍ଦ୍ରାପଡ଼ା(ଏନ୍.ଏମ୍.):** କେନ୍ଦ୍ରାପଡା ସ୍ୱୟଂ ଶାସିତ ମହାବିଦ୍ୟାଳୟରେ ସ୍ନାତକୋତର (ପିଜି) ପାଠ୍ୟକ୍ରମ ଓ ପରୀକ୍ଷା ପରିଚାଳନାରେ ବ୍ୟାପକ ବିଭ୍ରାଟ ହୋଇଥିବା ପ୍ରତିବାଦରେ ପ୍ରବଳ ଛାତ୍ର ଅଶାନ୍ତି ସୃଷ୍ଟି ହୋଇଥିବା ଦେଖାଯାଇଛି । ମହାବିଦ୍ୟାଳୟର ଶତାଧିକ ପିଜି ଛାତ୍ରଛାତ୍ରୀ ଆନ୍ଦୋଳନକୁ ଓହ୍ଲାଇ ଅଧ୍ୟକ୍ଷଙ୍କ କାର୍ଯ୍ୟାଳୟ ସମ୍ମୁଖରେ ଧାରଣାରେ ବସି ରହିଥିବା ଦେଖାଯାଇଛି । ଅଭିଯୋଗରୁ ପ୍ରକାଶ ଯେ କେନ୍ଦ୍ରାପଡା ମହାବିଦ୍ୟାଳୟରେ ମୋଟ ୧୫ଟି ବିଭାଗରେ ସେଲ୍ଫ ଫାଇନାନ୍ସ ଜରିଆରେ ପିଜି ପାଠ୍ୟକ୍ରମ ପ୍ରଦାନ କରାଯାଉଛି । ପୂର୍ବରୁ ମହାବିଦ୍ୟାଳୟରେ କେବଳ ସମାଜ ବିଜ୍ଞାନ ବିଭାଗରେ ପିଜି ପାଠ୍ୟକ୍ରମ ପ୍ରଦାନ କରାଯାଉଥିଲା । ପରବର୍ତ୍ତୀ ସମୟରେ କଳା, ବିଜ୍ଞାନ ଓ ବାଣିଜ୍ୟ ବିଭାଗ ସମେତ ମୋଟ ୧୪ଟି ବିଷୟରେ ପିଜି ପାଠ୍ୟକ୍ରମ ଖୋଲିବାକୁ ଅନୁମତି ମିଳିଥିଲା । ହେଲେ ସାମଜ ବିଜ୍ଞାନ ବିଷୟ ବ୍ୟତିତ ଅନ୍ୟ ୧୪ଟି ବିଷୟ ପାଇଁ ଅଦ୍ୟାବଧି ଉତ୍କଳ ବିଶ୍ୱବିଦ୍ୟାଳୟର ସହବନ୍ଧିତା (ଆଫିଲିଏସନ୍) ହୋଇପାରିନଥିବା ଜଣାପଡିଛି । ଏଠାରେ ଦୁଇବର୍ଷ ହେଲା ପ୍ରାୟ ୩୦୦ ଛାତ୍ରଛାତ୍ରୀ ବିଭିନ୍ନ ବିଷୟରେ ପିଜି ଶ୍ରେଣୀରେ ଅଧ୍ୟୟନ କରୁଛନ୍ତି । ପିଜି ଦ୍ୱିତୀୟ ବର୍ଷ ଛାତ୍ରଛାତ୍ରୀ ୩ଟି ସେମିଷ୍ଟାର ଓ ପ୍ରଥମ ବର୍ଷ ଛାତ୍ରଛାତ୍ରୀ ଗୋଟିଏ ସେମିଷ୍ଟାର ପରୀକ୍ଷା ଦେଇ ସାରିଥିବା ବେଳେ ଅଦ୍ୟାବଧି ସେମାନଙ୍କୁ ଆଡମିଟ କାର୍ଡ ପ୍ରଦାନ କରାଯାଇପାରିନାହିଁ । ବାରମ୍ବାର ଦାବି ଛାତ୍ରଛାତ୍ରୀମାନେ ଦାବି କରିବା ପରେ ବହୁ ବିଳମ୍ବରେ ବିଶ୍ୱବିଦ୍ୟାଳୟ ପକ୍ଷରୁ ରେଜିଷ୍ଟ୍ରେସନ୍ ନମ୍ବର ଜାରି କରାଯାଇଥିଲା । କିନ୍ତୁ ସେଥିରେ ବହୁ ତ୍ରୁଟି ରହିଥିବା ଜଣାପଡିଛି । କେଉଁଠି ଦୁଇ ଛାତ୍ରଛାତ୍ରୀଙ୍କୁ ଗୋଟିଏ ରେଜିଷ୍ଟ୍ରେସନ୍ ନମ୍ବର ମିଳିଛି ତ ପୁଣି କେଉଁଠାରେ ଛାତ୍ରଛାତ୍ରୀଙ୍କ ବଦଳରେ ଅଭିଭାବକଙ୍କ ନାଁରେ ବନାନ୍ ଗତ ତ୍ରୁଟି ଥିବା ଦେଖାଯାଇଛି । ପିଜି ପରୀକ୍ଷାର୍ଥୀଙ୍କ ପରୀକ୍ଷା ସମୟରେ ପିଜି ଉ□ର ଖାତା ବଦଳରେ ଯୁକ୍ତ ୩ ଲେଖାଥିବା ଉ□ର ଖାତା ମିଳୁଛି । ପଚାରିଲେ ଯୁକ୍ତ ୩କୁ କାଟି ସେ ସ୍ଥାନରେ ପିଜି ଲେଖିବାକୁ ପରାମର୍ଶ ଦିଆଯାଉଛି । ବିଭିନ୍ନ ବାବଦକୁ ଫିସ ଆଦାୟ ବେଳେ +୩ ରସିଦ ପ୍ରଦାନ କରାଯାଉଛି । ରସିଦରେ +୩ କଟାଯାଇ ସ୍ନାତକୋତର ଲେଖାଯାଇଛି । ସେହି ପରି ବାଣିଜ୍ୟ ବିଭାଗ ଛାତ୍ରଛାତ୍ରୀଙ୍କ ଆଇଡି କାର୍ଡରେ ମଧ୍ୟ ତ୍ରୁଟି ଥିବା ଦେଖା ଯାଇଛି । ଯେଉଁଠି ମାଷ୍ଟର ଇନ୍ କମର୍ସ ବଦଳରେ ଏମ୍ଏ ଇନ୍ କମର୍ସ ଲେଖାଯାଇଛି । ପୁଣି ଛାତ୍ରଛାତ୍ରୀଙ୍କ କହିବା କଥା ହେଉଛି ସେମାନଙ୍କ ଅଜାଣତରେ ଇନ୍କମ୍ ଟ୍ୟାକ୍ସ ବିଷୟ ଅନର୍ସ ରହିଛି । ଯାହା ସମ୍ପୂର୍ଣ୍ଣ ବେଆଇନ ଅଟେ । ଏକାଡେମିକ୍ କାଉନସିଲ୍, ବୋର୍ଡ ଅଫ୍ ଷ୍ଟଡିଜ୍, ଫାଇନାନ୍ସ ବିଭାଗ ମଧ୍ୟ ନାହିଁ । ଲାଇବ୍ରେରୀ କାର୍ଡ, ପାଠାଗାର ସୁବିଧା, ୱାସ୍‌ରୁମ୍, ଷ୍ଟଡିଟୁର୍ ବ୍ୟବସ୍ଥା ମଧ୍ୟ ନାହିଁ । ସେମାନେ କୌଣସି ପ୍ରତିଯୋଗୀତା ମୂଳକ ପରୀକ୍ଷାରେ ବସିପରିବେ ନାହିଁ ଓ ପ୍ରମାଣ ପତ୍ର ଠିକ୍ ଭାବରେ ମିଳିବ କି ନାହିଁ । ସେମାନେ ଦ୍ୱନ୍ଦରେ ପଡିଯାଇଛନ୍ତି । ଭବିଷ୍ୟତକୁ ନେଇ ଛାତ୍ରଛାତ୍ରୀମାନେ ତୀବ୍ର ଅସନ୍ତୋଷ ପ୍ରକାଶ କରୁଥିବା ବେଳେ କଲେଜ କ□ୃପକ୍ଷ ଏହି ଦିଗରେ ତ୍ୱରିତ ପଦକ୍ଷେପ ଗ୍ରହଣ କରିବାକୁ ଦାବି କରିଛନ୍ତି । ମହାବିଦ୍ୟାଳୟର ପିଜି ସେଲ୍ ଅଧ୍ୟକ୍ଷ ବିଶ୍ୱରଞ୍ଜନ ପୁହାଣଙ୍କୁ ଏସମ୍ପର୍କରେ ପଚାରିବାରୁ ସେ କୁହନ୍ତି ଯେ ଛାତ୍ରଛାତ୍ରୀଙ୍କ ସମସ୍ୟା ବାବଦରେ ଆମେ ଅବଗତ ଅଛୁ । ଆମକୁ ଅଣଆନୁଷ୍ଠାନିକ ଭାବେ ମୌଖିକ ଆଫିଲିଏସନ୍ ମିଳିଛି । ଏବେ ନିର୍ବାଚନ ଆଚରଣ ବିଧି ଲାଗୁ ହୋଇଥିବାରୁ କଟକଣା ହଟିବା ପରେ ପୂର୍ଣ୍ଣଆଫିଲିଏସନ୍ ମିଳିଯିବ । ଏମ୍‌କମ - ଇନ୍‌କମ ଟ୍ୟାକ୍ସ ବଦଳରେ କେବଳ ଏମ୍‌କମ ବିଷୟ ରଖିବା ପାଇଁ ଗତକାଲି ଏକ ପାଞ୍ଚଜଣିଆ କମିଟି ଗଢାଯାଇଛି । ସେହି କମିଟି କଲେଜ ଅଧ୍ୟକ୍ଷଙ୍କ ନିର୍ଦ୍ଦେଶ କ୍ରମେ ବିଶ୍ୱ ବିଦ୍ୟାଳୟ କର୍ତ୍ତୃପକ୍ଷଙ୍କ ସହ ଆଲୋଚନା କରିବେ । ଛାତ୍ରଛାତ୍ରୀଙ୍କ ଅନ୍ୟ ଅଭିଯୋଗ ଗୁଡିକର ଖୁବ୍ ଶୀଘ୍ର ସମାଧାନ କରାଯିବ ବୋଲି ସେ କହିଛନ୍ତି ।

# ସେତୁ ତଳୁ ମିଳିଲା ମୃତଦେହ, ବେକରେ ବନ୍ଧା ହୋଇଥିଲା ପଥର



**ରାଉରକେଲା (ଏନ୍.ଏମ୍.):** ସେତୁ ତଳୁ ମିଳିଲା ଅଜଣା ଯୁବକଙ୍କ ମୃତଦେହ । ଏଭଳି ଘଟଣା ଘଟିଛି ରାଉରକେଲାର ବ୍ରାହ୍ମଣୀ ତରଙ୍ଗ ଥାନା ଅଞ୍ଚଳର ଯମୁନା ଡିପାରେ ଥିବା ସେତୁରୁ । ବେକରେ ପଥର ବାନ୍ଧି ଯୁବକକୁ କେହି ହତ୍ୟା ପରେ ଫିଙ୍ଗିଥିବା ଅଭିଯୋକ ହୋଇଛି । ଆଜି ସକାଳରେ କିଛି ଲୋକ ନଦୀକୁ ଯାଇଥିବା ବେଳେ ଯୁବକଙ୍କର ମୃତ ଦେହ ନଦୀ କୁଳରେ ଲାଗିଥିବା ଦେଖିଥିଲେ । ଏନେଇ ପୁଲିସ ଓ ଅଗ୍ନିଶମ ବିଭାଗକୁ ଖବର ଦେଇଥିଲେ ସ୍ଥାନୀୟଲୋକେ । ଘଟଣା ସ୍ଥଳରେ ପୁଲିସ ଓ ଅଗ୍ନିଶମ ବିଭାଗ ପହଞ୍ଚି ସେତୁ ତଳୁ ମୃତଦେହକୁ ଉଦ୍ଧାର କରିବା ସହିତ ବ୍ୟବଚ୍ଛେଦ ପାଇଁ ପଠାଇଛି । ଉଦ୍ଧାର ବେଳେ ଯୁବକଙ୍କ ବେକରେ ପଥର ବନ୍ଧା ହୋଇଥିଲା ପୁଲିସ ଦେଖିବାକୁ ପାଇଥିଲା । ପୁଲିସ ସୂଚନା ଅନୁସାରେ ମୃତ ଦେହ ପାଣି ରେ ଯେପରି ନ ଭାସେ ସେଥିପାଇଁ ଏମିତି ହତ୍ୟା କରାଯାଇଥିବା ।

# ସମ୍ବଲପୁର ଶୀତଳଷଷ୍ଠୀ; ଥାଳ ଉଠା ସହ କନ୍ୟା ମାତା ପିତା ଚୟନ



**ସମ୍ବଲପୁର(ଏନ୍.ଏମ୍.):** ସମ୍ବଲପୁର ଶୀତଳ ଷଷ୍ଠୀ ଯାତ୍ରାର ଆଜି ଆଦ୍ୟ ପର୍ବ । ଶିବ ବିବାହ ପାଇଁ ଆଜି ଥାଳ ଉଠା ସହ କନ୍ୟା ମାତା ପିତା ଚୟନ କରାଯିବ । ଆଜି ଅପରାହ୍ନରେ ବିଭିନ୍ନ ଶିବାଳୟରେ ପାରମ୍ପରିକ ରୀତିନୀତିରେ ପୂଜାର୍ଚ୍ଚନା ପରେ ମନ୍ଦିରରୁ ଥାଳ ଉଠିବ ଏବଂ ଶୀତଳଷଷ୍ଠୀ ଯାତ୍ରା ପାଇଁ ଦାନ ଓ ଅନୁଦାନ ସଂଗ୍ରହ କରାଯିବ । ବିଭିନ୍ନ ମନ୍ଦିରର ଶୀତଳଷଷ୍ଠୀ ଯାତ୍ରା କମିଟି ଯାତ୍ରା ପାଇଁ ଦାନ ସଂଗ୍ରହ କାମ ଆରମ୍ଭ କରିବେ । ଏଥିସହିତ ଚୟନ ହୋଇଥିବା ନୂଆ କନ୍ୟା ପିତା ମାତା ମଧ୍ୟ ଦେବୀ ପାର୍ବତୀଙ୍କ ବିବାହ ପାଇଁ ପ୍ରସ୍ତୁତି ଆରମ୍ଭ କରିବେ । ପ୍ରତିବର୍ଷ ଅକ୍ଷୟ ତୃତୀୟା ଦିନ ଶୀତଳଷଷ୍ଠୀ ପାଇଁ ଥାଳ ଉଠାର ପରମ୍ପରା ରହି ଆସିଛି । ପ୍ରସିଦ୍ଧ ଶୀତଳଷଷ୍ଠୀ ଯାତ୍ରା ପୌରାଣିକ କଥାବସ୍ତୁ ଉପରେ ପର୍ଯ୍ୟବସିତ । ଜ୍ୟେଷ୍ଠ ଶୁକ୍ଳ ପଞ୍ଚମୀ ତିଥିରେ ମା' ପାର୍ବତୀ ଓ ଶିବ ଶଙ୍କରଙ୍କର ବିବାହ ଉତ୍ସବ ଏବଂ ତା'ପରଦିନ ଶୀତଳଷଷ୍ଠୀ ଯାତ୍ରା ପାଳନ କରାଯାଏ ।

# ବାଇକରେ ଆସିଲେ, ଏସଏଚଜି ମହିଳାଙ୍କଠାରୁ ଝାମ୍ପିନେଲେ

**ବଲାଙ୍ଗୀର (ଏନ୍.ଏମ୍.):** ବାଇକରେ ଆସିଲେ ୩ ଯୁବକ । ଏସଏଚଜି ମହିଳାଙ୍କଠାରୁ ଝାମ୍ପି ନେଲେ ୫୦ ହଜାର ଟଙ୍କା । ନିର୍ବାଚନ ପାଇଁ ପ୍ରସ୍ତୁତି ଚାଲିଥିବା ବେଳେ ଏପରି ଲୁଟ୍ ଅଭିଯୋଗ ଆସିଛି ବଲାଙ୍ଗିର ଜିଲ୍ଲା ବଙ୍ଗୋମୁଣ୍ଡା ଥାନା ଅଞ୍ଚଳରୁ । ବଙ୍ଗୋମୁଣ୍ଡା ଥାନା ଗନ୍ଧରାବନ୍ଧ ଗାଁର ମାଆ ବନଦୁର୍ଗା ସ୍ୱୟଂ ସହାୟିକା ଗୋଷ୍ଠୀର ସଭାନେତ୍ରୀ ଅନ୍ନପୂର୍ଣ୍ଣା ପୁଟେଲ ଓ ସଂପାଦିକା ରିତା ବାଗ ଆଜି ବଙ୍ଗୋମୁଣ୍ଡା ଭାରତୀୟ ଷ୍ଟେଟ୍ ବ୍ୟାଙ୍କ(ଏସ୍‌ବିଆଇ)ରୁ ୫୦ ହଜାର ଟଙ୍କା ଉଠାଇ ଘରକୁ ଫେରୁଥିଲେ । ତେବେ ଗୋଲେଇଛକ ନିକଟରେ ଥିବା ଏକ କପଡା ଦୋକାନ ସମ୍ମୁଖରୁ ୩ ଜଣ ଯୁବକ ବାଇକ୍ରେ ଆସି ଟଙ୍କା ବ୍ୟାଗ ଧରି ଚମ୍ପଟ ମାରିଥିଲେ । ଲୁଟ୍ ହୋଇଥିବା ସମସ୍ତ ଟଙ୍କା ଏସ୍ଏଚ୍ଜି ଗ୍ରୁପ୍ ହୋଇଥିବା ଜଣାପଡିଛି । ଏନେଇ ଅଭିଯୋଗ ହେବା ପରେ ପୁଲିସ୍ ମାମଲା ରୁଜୁ କରି ଘଟଣାର ତଦନ୍ତ ଚଳାଇଛି । ହେଲେ ଅଭିଯୁକ୍ତଙ୍କ ପାଖରେ ପହଞ୍ଚି ପାରିନାହିଁ ପୁଲିସ୍ । ତେବେ ଲୁଟ୍ ନେଇ ପୁଲିସ୍ର ପ୍ରତିକ୍ରିୟା ମିଳିପାରିନି । ଏହା ପୂର୍ବରୁ ଅର୍ଥାତ ମାର୍ଚ୍ଚ ୨୪ ତାରିଖରେ ଜଣେ ପିଇଓଙ୍କଠାରୁ ୪ ଲକ୍ଷରୁ ଅଧିକ ଟଙ୍କା ଲୁଟ ହୋଇଥିଲା । ଏନେଇ ଅଭିଯୋଗ ହୋଇଥିଲେ ମଧ ଆଜି ପର୍ଯ୍ୟନ୍ତ ଲୁଟେରାଙ୍କୁ ଧରିପାରିନି ପୁଲିସ୍ । ଯାହାକୁ ନେଇ ସ୍ଥାନୀୟ ଅଞ୍ଚଳର ଲୋକଙ୍କ ମଧ୍ୟରେ ଅସନ୍ତୋଷ ପ୍ରକାଶ ପାଉଛି ।

# ବ୍ୟାଙ୍କ୍ କର୍ମଚାରୀ ନେତା ଆଦିତ୍ୟ ଦାସଙ୍କ ଶ୍ରଦ୍ଧାଞ୍ଜଳି ସଭା




**କଟକ(ଏନ୍.ଏମ୍.):** ଇଣ୍ଡିଆନ ବ୍ୟାଙ୍କ୍ ଓ କଟକ ନଗର ବ୍ୟାଙ୍କ କର୍ମଚାରୀ ନେତା ଆଦିତ୍ୟ ଦାସ କେବଳ ବ୍ୟାଙ୍କ କର୍ମଚାରୀଙ୍କ ଆନ୍ଦୋଳନ ଓ ସଂଗଠନ ସହ ସଂପୃକ୍ତ ନଥିଲେ, ଥିଲେ ଜଣେ ମାନବବାଦୀ କର୍ମୀ ଓ ମେହନତୀ ମଣିଷର ସାଥୀ । ସ୍ଥାନୀୟ ବାରବାଟୀ ଷ୍ଟାଡିୟମ ଠାରେ ତାଙ୍କ ବିୟୋଗରେ ସାରା ଓଡିଶା ଇଣ୍ଡିଆନ ବ୍ୟାଙ୍କ କର୍ମଚାରୀ ସଂଘ ଓ କଟକ ବ୍ୟାଙ୍କ କର୍ମଚାରୀ ସମନ୍ୱୟ ସମିତି ପକ୍ଷରୁ ଆୟୋଜିତ ଶ୍ରଦ୍ଧାଞ୍ଜଳି ସଭାରେ ବକ୍ତାମାନେ ଏହା କହିଛନ୍ତି । ସୁବାଷ ଚନ୍ଦ୍ର ବୋଷଙ୍କ ସଭାପତିତ୍ୱରେ ଅନୁଷ୍ଠିତ ଶ୍ରଦ୍ଧାଞ୍ଜଳି ସଭାରେ ଇଣ୍ଡିଆନ ବ୍ୟାଙ୍କ କର୍ମଚାରୀ ସଂଘର ସାଧାରଣ ସଂପାଦକ ଶ୍ୟାମାପ୍ରସନ୍ନ ମହାନ୍ତି, ଏଆଇଟିୟୁସିର ଜିଲ୍ଲା ସଭାପତି କିଶୋର ଜେନା, ଇସକଫ୍‌ର ସାଧାରଣ ସମ୍ପାଦକ ବିଜୟ ପଡିହାରୀ, ସିପିଆଇ ଜିଲ୍ଲା ସମ୍ପାଦକ ବିନୋଦ ବେହେରା, ବୀମା କର୍ମଚାରୀ ନେତା ବିଜୟ ସାହୁ, ବ୍ୟାଙ୍କ କର୍ମଚାରୀ ସମନ୍ୱୟ ସମିତି ଆବାହକ ବିଶୁଦ୍ଧ ଦାସ, ଇଣ୍ଡିଆନ ବ୍ୟାଙ୍କ ସେବା ନିବୃତ୍ତ ସଂଘର ସଭାପତି ନଜିର ଅହମ୍ମଦ, ଇପ୍ଟାର ସାଧାରଣ ସମ୍ପାଦକ ସୁଶାନ୍ତ ମହାପାତ୍ର, ନାରୀନେତ୍ରୀ କୃଷ୍ଣପ୍ରିୟା ମିଶ୍ର, ଏଓବିଇଏର ଉପ ସଭାପତି ବିପିନ ବିହାରୀ ପାଢୀ, ଉପ ସାଧାରଣ ସମ୍ପାଦକ ଶୁଭାଂଶୁ ଶତପଥୀ, ବିଭିନ୍ନ ବ୍ୟାଙ୍କ କର୍ମଚାରୀ ସଂଗଠନର ନେତୃବୃନ୍ଦ ଭ୍ରମରବର ସାହୁ, ବିଜୟ କେତନ ପ୍ରହରାଜ, ଦିଲ୍ଲୀପ ମଲ୍ଲିକ, ଅନନ୍ତ ମହାରଣା, ଚିନ୍ମୟୀ ମହାନ୍ତି, ଜୟପ୍ରକାଶ ବାସା, ବ୍ୟାଙ୍କ ଅଫିସର ସଂଘର ନେତା ଅଶୋକ ତା, ସମ୍ପିତ ରାଉତ, ବୀମା କର୍ମଚାରୀ ନେତା ସଞ୍ଜୟ ପରିଜା, ସିପିଆଇ ନଗର ସମ୍ପାଦକ ପ୍ରସନ୍ନ ମହାପାତ୍ର, ସାନନ୍ଦ ସେଠୀ ପ୍ରମୁଖ ଶ୍ରଦ୍ଧାଞ୍ଜଳି ଅର୍ପଣ କରି କମ୍ରେଡ ଆଦିତ୍ୟ ନାରାୟଣ ଦାସଙ୍କ ଅକାଳ ବିୟୋଗ ବ୍ୟାଙ୍କ କର୍ମଚାରୀ ଆନ୍ଦୋଳନ ଓ ବାମପନ୍ଥୀ ଆନ୍ଦୋଳନ ପାଇଁ ଏକ ଅପୂରଣୀୟ କ୍ଷତି ବୋଲି କହିଥିଲେ ।

# କଟକ ଜିଲ୍ଲା ସାଧାରଣ ନିର୍ବାଚନର ପ୍ରାର୍ଥୀଙ୍କ ସହ ପର୍ଯ୍ୟବେକ୍ଷକଙ୍କ ବୈଠକ

## ସ୍ୱଚ୍ଛ ଓ ଅବାଧ ନିର୍ବାଚନ ନିମନ୍ତେ ପର୍ଯ୍ୟବେକ୍ଷକମାନଙ୍କ ଗୁରୁତ୍ୱାରୋପ



**କଟକ(ଏନ୍.ଏମ୍.):** ଏକକାଳୀନ ସାଧାରଣ ନିର୍ବାଚନ-୨୦୨୪ ନିମନ୍ତେ ଜିଲ୍ଲାକୁ ଆସିଥିବା ସମସ୍ତ ନିର୍ବାଚନ ପର୍ଯ୍ୟବେକ୍ଷକଙ୍କୁ ନେଇ ଜିଲ୍ଲାପାଳଙ୍କ ସମ୍ମିଳନୀ କକ୍ଷରେ ଏକ ବୈଠକ ଅନୁଷ୍ଠିତ ହୋଇଯାଇଛି । ଜିଲ୍ଲାର ବିଭିନ୍ନ ନିର୍ବାଚନ ମଣ୍ଡଳୀରେ ପ୍ରତିଦ୍ୱନ୍ଦିତା କରୁଥିବା ପ୍ରାର୍ଥୀ ଏବଂ ତାଙ୍କ ପ୍ରତିନିଧିମାନଙ୍କ ସହ ଏକ ବୈଠକରେ ମିଳିତ ହୋଇ ସ୍ୱଚ୍ଛ ତଥା ଅବାଧ ନିର୍ବାଚନ ପରିଚାଳନା ନିମନ୍ତେ ପରାମର୍ଶ ଦେବା ସହ ସେମାନଙ୍କର ବିଭିନ୍ନ ପ୍ରଶ୍ନର ଉତ୍ତର ରଖିଥିଲେ । ବୈଠକ ପ୍ରାରମ୍ଭରେ ଜିଲ୍ଲାପାଳ ତଥା ଜିଲ୍ଲା ନିର୍ବାଚନ ଅଧିକାରୀ ଅରିନ୍ଦମ ଡାକୁଆ ନିମନ୍ତ୍ରିତ ପ୍ରତିନିଧୀମାନଙ୍କର ପର୍ଯ୍ୟବେକ୍ଷକମାନଙ୍କ ସହ ପରିଚୟ କରାଇଥିଲେ । ପର୍ଯ୍ୟବେକ୍ଷକମାନେ ରାଜ୍ୟ ବାହାରୁ ଆସିଥିବା ନିରପେକ୍ଷ ବରିଷ୍ଠ ଅଧିକାରୀ ହୋଇଥିବାରୁ ଆଗାମୀ ଦିନରେ ପ୍ରାର୍ଥୀ ବା ତାଙ୍କ ପ୍ରତିନିଧିମାନେ ଅନ୍ତତଃ ହିନ୍ଦୀ କିମ୍ବା ଇଂରାଜୀରେ ବାର୍ତ୍ତାଳାପ କରିବା ନିମନ୍ତେ ଜିଲ୍ଲାପାଳ ଶ୍ରୀ ଡାକୁଆ ଆଶା ପୋଷଣ କରିଥିଲେ । ନିର୍ବାଚନରେ କୌଣସି ପ୍ରକାରର ଗଣ୍ଡଗୋଳକୁ ପ୍ରଶ୍ରୟ ନଦେବା ପାଇଁ ପ୍ରାର୍ଥୀମାନେ ନିଜନିଜ ନିର୍ବାଚନ ମଣ୍ଡଳୀର ଚିନ୍ତା ଜନକ ବୁଥ ଅଞ୍ଚଳ ବିଷୟରେ ରିଟର୍ଣ୍ଣିଂ ଅଧିକାରୀଙ୍କୁ ତୁରନ୍ତ ଜଣାଇବା ନିମନ୍ତେ ସାଧାରଣ ପର୍ଯ୍ୟବେକ୍ଷକ ବରିଷ୍ଠ ଭାରତୀୟ ପ୍ରଶାସନିକ ଅଧିକାରୀ ଉମା ଶଙ୍କର ସିଂହ ପରାମର୍ଶ ଦେଇଥିଲେ । ଖର୍ଚ୍ଚ ପର୍ଯ୍ୟବେକ୍ଷକ ଆଇ.ଆର.ଏସ ଅଧିକାରୀ ପିୟୁଷ ବାରାସୁ ବାଧେ ପ୍ରାର୍ଥୀପତ୍ର ଦାଖଲ ପୂର୍ବରୁ ନିର୍ବାଚନ ନିମନ୍ତେ କରିଥିବା ଖର୍ଚ୍ଚ ମଧ୍ୟ ନିଜ ଖର୍ଚ୍ଚ ତାଲିକାରେ ଯୋଗ କରିବା ନିମନ୍ତେ ପାର୍ଥୀମାନଙ୍କୁ କହିଥିଲେ । ସେହିପରି ଖର୍ଚ୍ଚ ପର୍ଯ୍ୟବେକ୍ଷକ ଆଇ.ଆର.ଏ.ଏସ. ସୁପ୍ରିୟା ସୁରେନ୍ଦ୍ରନାଥ ଘାଗ୍ ଖର୍ଚ୍ଚ ଲିପିବଦ୍ଧ ନିମନ୍ତେ ପ୍ରାର୍ଥୀମାନଙ୍କୁ ଦିଆଯାଇଥିବା ରେଜିଷ୍ଟରରେ ନିର୍ଦ୍ଦିଷ୍ଟ ରଙ୍ଗର ପୃଷ୍ଠାରେ ନିର୍ଦ୍ଦେଶିତ ପରିମାଣ ଲିପିବଦ୍ଧ କରିବା ସହ ଆବଶ୍ୟକୀୟ ଭାଉଚର ସଂଲଗ୍ନ କରିବା ପାଇଁ କହିଥିଲେ । ପୁଲିସ ପର୍ଯ୍ୟବେକ୍ଷକ ବରିଷ୍ଠ ଆଇ.ପି.ଏସ ଅଧିକାରୀ ଆର. ଶିବ କୁମାର ନିର୍ବାଚନରେ ଶୃଙ୍ଖଳିତ ଆଚରଣ ପ୍ରଦର୍ଶନ ସହ କୌଣସି ନିୟମ ବିରୁଦ୍ଧ କାର୍ଯ୍ୟର ସୂଚନା ତୁରନ୍ତ ଜଣାଇବା ନିମନ୍ତେ ପ୍ରାର୍ଥୀମାନଙ୍କୁ କହିଥିଲେ । ସଭା/ଶୋଭାଯାତ୍ରା ନିମନ୍ତେ ଆବଶ୍ୟକୀୟ ଅନୁମତି ପତ୍ର ନେବାକୁ ସେ ମଧ୍ୟ ପରାମର୍ଶ ଦେଇଥିଲେ । ବରିଷ୍ଠ ଆଇ.ଏ.ଏସ ଅଧିକାରୀ ସାଧାରଣ ପର୍ଯ୍ୟବେକ୍ଷକ ଗୁରାଲା ଶ୍ରୀନିବାସୁଲୁ ପ୍ରାର୍ଥୀମାନଙ୍କୁ ସି-ଭିଜିଲ ଆପର ବ୍ୟବହାର ସହ ସୋସିଆଲ ମିଡିଆ ପ୍ରଚାର ନିମନ୍ତେ ଏମସିଏମସିର ଅନୁମତି ନେବାକୁ ଉପଦେଶ ଦେଇଥିଲେ । ପ୍ରଚାରରେ ବ୍ୟବହୃତ ପୋଷ୍ଟର, ପାମ୍ପଲେଟ ଆଦିରେ ପ୍ରକାଶକ/ମୁଦ୍ରକଙ୍କ ନାମ ନିଶ୍ଚିନ୍ତ ଉଲ୍ଲେଖ ନିମନ୍ତେ ସେ କହିଥିଲେ । ପ୍ରାର୍ଥୀମାନଙ୍କର ଖର୍ଚ୍ଚର ହିସାବ ଚଳିତ ମାସ ୧୧ତାରିଖ, ୧୬ତାରିଖ ଏବଂ ୨୨ତାରିଖରେ ପର୍ଯ୍ୟବେକ୍ଷକମାନେ ତଦାରଖ କରିବା ପାଇଁ ସ୍ଥିରୀକୃତ ହୋଇଛି । ବୈଠକରେ ଅନ୍ୟମାନଙ୍କ ମଧ୍ୟରେ ଡିସିପି ପ୍ରକାଶ ଆର., ଏସପି ଏଲ. ଦିବ୍ୟା, ଅତିରିକ୍ତ ଜିଲ୍ଲାପାଳ ଶିବ ଟପୋ, ମୁଖ୍ୟ ଉନ୍ନୟନ ଅଧିକାରୀ ସୁବାସ ଚନ୍ଦ୍ର ରାୟ, ସଦର ଉପଜିଲ୍ଲାପାଳ ଜ୍ୟୋତିଶଙ୍କର ରାୟ ପ୍ରମୁଖ ଉପସ୍ଥିତ ରହି ଆବଶ୍ୟକୀୟ ସୂଚନା ପ୍ରଦାନ କରିଥିଲେ ।

# ଚନ୍ଦାହାଣ୍ଡି ଘାଟିରେ ଓଲଟି ପଡ଼ିଲା ଅଟୋ, ୧୮ ଆହତ

**ନବରଙ୍ଗପୁର(ଏନ୍.ଏମ୍.):** ନବରଙ୍ଗପୁର ଜିଲ୍ଲା ଚନ୍ଦାହାଣ୍ଡି ଘାଟିରେ ଆଜି ଏକ ଅଟୋ ଓଲଟି ପଡ଼ିବାରୁ ୧୮ ଜଣ ଆହତ ହୋଇଛନ୍ତି । ସେମାନଙ୍କ ମଧ୍ୟରେ ୨ ଜଣ ଶିଶୁ ମଧ୍ୟ ଅଛନ୍ତି । ସମସ୍ତ ଆହତ ନବରଙ୍ଗପୁର ଜିଲ୍ଲା ଉମରକୋଟ ବ୍ଲକ ସାନଭାରଣ୍ଡୀ ଗାଁର । ଆଜି ଗାଁର ପ୍ରାୟ ୨୦ ଜଣ ଲୋକ ଏକ ଅଟୋ ଯୋଗେ ଚନ୍ଦାହାଣ୍ଡିର ଫୋଟକି ଗାଁକୁ ଯାଉଥିଲେ । ତେବେ ଚନ୍ଦାହାଣ୍ଡି ଘାଟିରେ ଅଟୋଟି ଭାରସାମ୍ୟ ହରେଇ ଓଲଟି ପଡ଼ିଥିଲା । ଅଟୋରେ ପ୍ରାୟ ୨୦ ଜଣ ଥିବା ବେଳେ ୧୮ ଜଣ ଆହତ ହୋଇଛନ୍ତି । ଆହତଙ୍କ ମଧ୍ୟରୁ ୨ ଜଣଙ୍କ ଅବସ୍ଥା ଗୁରୁତର ରହିଛି । ୧୬ ଜଣଙ୍କୁ ଝରିଗାଁ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ଭର୍ତ୍ତି କରାଯାଇଛି । ୨ ଗୁରୁତରଙ୍କୁ ନବରଙ୍ଗପୁର ଜିଲ୍ଲା ମୁଖ୍ୟ ଚିକିସାଳୟକୁ ସ୍ଥାନାନ୍ତର କରାଯାଇଛି । ଅଟୋରେ କ୍ଷମତା ଠାରୁ ଢେର ଅଧିକ ଲୋକ ବସିଥିବାରୁ ତାହା ଭାରସାମ୍ୟ ହରାଇ ଓଲଟି ପଡ଼ିଥିଲା ବୋଲି କୁହାଯାଉଛି ।

# ଅକ୍ଷୟ ତୃତୀୟାରେ ଆରମ୍ଭ ହେଲା ମହାପ୍ରଭୁଙ୍କ ରଥ ନିର୍ମାଣ



**ପୁରୀ(ଏନ୍.ଏମ୍.):** ପବିତ୍ର ଅକ୍ଷୟ ତୃତୀୟାରେ ହୋଇଛି ଅଖି ମୁଠି ଅନୁକୂଳ । କ୍ଷେତରେ ବିହନ ବୁଣାର ଅନୁକୂଳ ସହ ଚାଷ କାମର ଶୁଭାରମ୍ଭ କରିଛି ଚାଷୀ । ସେହିପରି ଏହି ପବିତ୍ର ଦିନରେ ପୁରୀରେ ଘୋଷଯାତ୍ରା ପାଇଁ ଆଜିଠାରୁ ଆରମ୍ଭ ହୋଇଛି ମହାପ୍ରଭୁଙ୍କ ରଥ ନିର୍ମାଣ । ମଧ୍ୟାହ୍ନ ଧୂପ ବଢ଼ିବା ପରେ ମହାପ୍ରଭୁଙ୍କ ଆଜ୍ଞାମାଳ ପାଇ ପୂଜାପଣ୍ଡା ରଥଖଳାରେ ପହଞ୍ଚିଥିଲେ । ବନଯାଗ ବିଧିରେ ପୂଜାର୍ଚ୍ଚନା ପରେ ବିଶ୍ୱକର୍ମା ମହାରଣାଙ୍କ ଶାଢ଼ୀ ବନ୍ଧା ହୋଇଥିଲା । ତା' ପରେ ସୁନା କୁରାଢ଼ୀରେ ରଥ ନିର୍ମାଣର ଅନୁକୂଳ କରାଯାଇଥିଲା । ପ୍ରଥମେ ତାଳଧ୍ୱଜ, ପରେ ନନ୍ଦିଘୋଷ ଓ ଶେଷରେ ଦର୍ପଦଳନର ଧଉରା କାଠ ଅନୁକୂଳ କରାଯାଇଥିଲା । ସେହିପରି ପୁରୀରେ ଆରମ୍ଭ ହୋଇଛି ଶ୍ରୀଜିଉଙ୍କ ଚନ୍ଦନ ଯାତ୍ରା । ନରେନ୍ଦ୍ର ପୁଷ୍କରିଣୀରେ ମହାପ୍ରଭୁଙ୍କ ଚଳନ୍ତି ପ୍ରତିମା ମଦନ ମୋହନ ଓ ଶ୍ରୀଦେବୀ, ଭୂଦେବୀ ଚାପ ଖେଳୁଛନ୍ତି । ମଣି ବିମାନରେ ଝୁଲି ଝୁଲି ଶ୍ରୀଦେବୀ, ଭୂଦେବୀଙ୍କ ସହିତ ନରେନ୍ଦ୍ର ପୁଷ୍କରିଣୀକୁ ଆସିଥିଲେ ମଦନ ମୋହନ । ଆଉ ଏକ ବିମାନରେ ରାମକୃଷ୍ଣଙ୍କ ସହ ପଞ୍ଚୁପାଣ୍ଡବ ତଥା ପଞ୍ଚ ମହାଦେବ ଆସି ଜଳକ୍ରୀଡ଼ା କରିଛନ୍ତି । ପ୍ରବଳ ଗରମରୁ ରକ୍ଷା ପାଇବା ପାଇଁ ମହାପ୍ରଭୁ ନରେନ୍ଦ୍ର ପୁଷ୍କରିଣୀରେ ନୌକା ବିହାର କରନ୍ତି ।

# ପ୍ରଚାରରୁ ବରିଷ୍ଠ ନେତାଙ୍କୁ ଦୂରେଇ ରଖିଛି ବିଜେଡି : ମଙ୍ଗ ଧରିଛନ୍ତି ପାଣ୍ଡିଆନ, ଭୋଟ୍ ସରିଲେ ଘୋଷିତ ହେବେ ଉତ୍ତରାଧିକାରୀ




**ଭୁବନେଶ୍ୱର (ଏନ୍.ଏମ୍.):** ରାଜ୍ୟରେ ପ୍ରଥମ ପର୍ଯ୍ୟାୟ ପ୍ରଚାର ସରିବ । ମାତ୍ର ଶାସକ ବିଜେଡି ନିଜର ବରିଷ୍ଠ ନେତା କିମ୍ବା ଷ୍ଟାର ପ୍ରଚାରକଙ୍କୁ ମଇଦାନକୁ ଓହ୍ଲାଇଲା ନାହିଁ । ଏପରିକି ବିଜେଡିର ଟ୍ରମ୍ପକାର୍ଡ ତଥା ଦଳର ସୁପ୍ରିମୋ ନବୀନ ପଟ୍ଟନାୟକଙ୍କୁ ବି ପ୍ରଚାର ମଇଦାନରେ ଏପର୍ଯ୍ୟନ୍ତ ମାତ୍ର ୪ଥର ଦେଖିବାକୁ ମିଳିଛି । ଆଉ ପ୍ରଶାସକରୁ ନେତା ପାଲଟିଥିବା ଭିକେ ପାଣ୍ଡିଆନ ଏବେ ବିଜେଡିର ମଙ୍ଗ ଧରି ଏକାକୀ ଷ୍ଟାର ପ୍ରଚାରକ ଭାବେ ଦଳୀୟ ପ୍ରାର୍ଥୀଙ୍କ ପାଇଁ ନିର୍ବାଚନ ପ୍ରଚାର କରୁଛନ୍ତି । ଆଉ ଏହା ପାଣ୍ଡିଆନ ଓ ବିଜେଡିର ସୁଚିନ୍ତିତ ରଣନୀତିର ଅଂଶବିଶେଷ ବୋଲି ଜଣାପଡ଼ିଛି । ଚଳିତ ସାଧାରଣ ନିର୍ବାଚନ ସରିବା ପରେ ପାଣ୍ଡିଆନଙ୍କୁ ନବୀନ ଉଭୟ ବିଜେଡି ଓ ସରକାରର ଉତ୍ତରାଧିକାରୀ ଭାବେ ଘୋଷଣା କରିବେ ବୋଲି ଚର୍ଚ୍ଚା ହେଉଛି । ସୂଚନା ଅନୁସାରେ, ବିଜେଡି ଚଳିତ ନିର୍ବାଚନରେ ଦଳର ସୁପ୍ରିମୋ ନବୀନ ପଟ୍ଟନାୟକଙ୍କ ତୁଳନାରେ ପାଣ୍ଡିଆନଙ୍କ ପ୍ରଚାର ଉପରେ ବିଶେଷ ଗୁରୁତ୍ୱ ଦେଉଛି । ନବୀନଙ୍କ ପରିବର୍ତ୍ତେ ପାଣ୍ଡିଆନ ଏବେ ସବୁ ନିର୍ବାଚନମଣ୍ଡଳୀକୁ ଯାଇ ଦଳୀୟ ପ୍ରାର୍ଥୀଙ୍କ ସପକ୍ଷରେ ପ୍ରଚାର କରୁଛନ୍ତି । ଆଉ ତାଙ୍କ ପାଇଁ ଦଳ ପକ୍ଷରୁ ବ୍ୟୟବହୁଳ ନିର୍ବାଚନୀ ସଭାର ବି ଆୟୋଜନ କରାଯାଉଛି । ଦଳ ନିଜର ୪୦ଜଣିଆ ଷ୍ଟାର ପ୍ରଚାରକ ତାଲିକା ଜାରି କରିଛି ସତ କିନ୍ତୁ ଏମାନଙ୍କ ମଧ୍ୟରୁ କେବଳ ପାଣ୍ଡିଆନ ହିଁ ଦୃଶ୍ୟମାନ ହେଉଛନ୍ତି । ଦଳର ପ୍ରତିଷ୍ଠାତା ସଦସ୍ୟଙ୍କଠୁ ଆରମ୍ଭ କରି ବହୁ ପୁରୁଖା ନେତାଙ୍କୁ ବି ଦଳ ନିର୍ବାଚନୀ ପ୍ରଚାରରେ ସାମିଲ କରିବାକୁ ଉଚିତ୍ ମଣିନି । ଏପରିକି ପାଣ୍ଡିଆନ ଦଳର କୌଣସି ବରିଷ୍ଠ ନେତା କିମ୍ବା ଷ୍ଟାର ପ୍ରଚାରକଙ୍କୁ ସାଙ୍ଗରେ ଧରି ନିର୍ବାଚନୀ ସଭା କରୁନଥିବା ଦେଖିବାକୁ ମିଳୁଛି । ବିଗତ ନିର୍ବାଚନଗୁଡ଼ିକରେ ଦଳ ନିଜର ସୁପ୍ରିମୋ ନବୀନ ପଟ୍ଟନାୟକଙ୍କୁ ଧୂମଧାମରେ ପ୍ରଚାର ମଇଦାନକୁ ଓହ୍ଲାଇଥିଲା । ଏପରିକି ନବୀନଙ୍କ ଗତ ସାଧାରଣ ନିର୍ବାଚନରେ ସ୍ୱତନ୍ତ୍ର ବସ୍ ମାଧ୍ୟମରେ ନିର୍ବାଚନୀ ପ୍ରଚାର ସହ ସଭାସମିତିରେ ଯୋଗ ଦେଇ ଦଳୀୟ ପ୍ରାର୍ଥୀଙ୍କ ସପକ୍ଷରେ ଭୋଟ୍ ମାଗିଥିଲେ । ମାତ୍ର ଏଥର ନବୀନଙ୍କ ପ୍ରଚାର କେବଳ ଧର୍ମକୁ ଆଖିଠାର ମାରିବା ଭଳି ହୋଇଛି । ହେଲିକପ୍ଟରରେ ଯାଇ ନିର୍ବାଚନୀ ସଭାରେ ୩୦-୪୦ମିନିଟ୍ ବସି ଭୁବନେଶ୍ୱର ଫେରୁଛନ୍ତି । ରାଜ୍ୟରେ ପ୍ରଥମ ପର୍ଯ୍ୟାୟ ଭୋଟ୍ ପାଇଁ ଏପ୍ରିଲ ୧୮ରୁ ନାମାଙ୍କନ ପତ୍ର ଦାଖଲ ପ୍ରକ୍ରିୟା ଆରମ୍ଭ ହୋଇଥିଲା । ବ୍ରହ୍ମପୁର, କୋରାପୁଟ, ନବରଙ୍ଗପୁର ଓ କଳାହାଣ୍ଡି ଲୋକସଭା ଆସନ ସହ ୨୮ଟି ବିଧାନସଭା ଆସନରେ ଭୋଟ୍ ଆସନ୍ତା ୧୩ତାରିଖରେ ହେବ । ଏଥିପାଇଁ ପ୍ରଚାର ଶନିବାର ସନ୍ଧ୍ୟାରେ ସରିବ । କିନ୍ତୁ ନବୀନ ଇତିମଧ୍ୟରେ ମେ' ୪ରେ କୋରାପୁଟ ଓ ନବରଙ୍ଗପୁର ଲୋକସଭା ନିର୍ବାଚନ ମଣ୍ଡଳୀରେ ୪ଟି ସଭାରେ ଯୋଗ ଦେଇଥିଲେ । ମେ' ୬ରେ କଳାହାଣ୍ଡି ସଂସଦୀୟ କ୍ଷେତ୍ରରେ ଭବାନୀପାଟଣା ଓ ଖଡ଼ିଆଳରେ ସାଧାରଣ ସଭାରେ ଯୋଗ ଦେଇଥିବାବେଳେ ଆଜି ଅର୍ଥାତ ମେ' ୯ତାରିଖରେ ବ୍ରହ୍ମପୁର,ଆସିକା ଓ କନ୍ଧମାଳ ସଂସଦୀୟ କ୍ଷେତ୍ରରେ ୩ଟି ସଭାରେ ସାମିଲ ହୋଇଛନ୍ତି । ନବୀନଙ୍କ ଏହି ସ୍ୱଳ୍ପ କାର୍ଯ୍ୟକ୍ରମକୁ ନେଇ ଦଳୀୟ ନେତା ଓ କର୍ମୀଙ୍କ ମଧ୍ୟରେ ଉତ୍ସାହ କମିବାରେ ଲାଗିଛି । ଅବଶ୍ୟ ନବୀନ ଚଳିତ ନିର୍ବାଚନ ପ୍ରକ୍ରିୟା ଆରମ୍ଭ ହେବାପରେ ପ୍ରଥମଥର ପାଇଁ ଏପ୍ରିଲ ୨୪ରେ ନିଜ ନିର୍ବାଚନମଣ୍ଡଳୀ ହିଞ୍ଜିଳିକୁ ୨ଘଣ୍ଟିଆ ଗସ୍ତରେ ଯାଇଥିଲେ । ପରେ ଏପ୍ରିଲ ୩୦ରେ ହିଞ୍ଜିଳି ଓ ମେ' ୨ରେ କଣ୍ଟାବାଞ୍ଜି ଆସନ ପାଇଁ ନାମାଙ୍କନ ପତ୍ର ଦାଖଲ ନିମନ୍ତେ ନବୀନ ନିଜ ବାସଭବନରୁ ବାହାରିଥିଲେ । ଏପଟେ ପାଣ୍ଡିଆନ ନିଜେ ଏକାକୀ ନିର୍ବାଚନୀ ସଭାରେ ଷ୍ଟାର ପ୍ରଚାରକ ସାଜିଥିବାରୁ ବିଜେଡି କର୍ମୀଙ୍କଠୁ ଆରମ୍ଭ କରି ସାଧାରଣ ଭୋଟରଙ୍କ ମଧ୍ୟରେ ଅସନ୍ତୋଷ ବଢ଼ିବାରେ ଲାଗିଥିବା ଜଣାପଡ଼ିଛି । ତେବେ ବିଜେଡି କାହିଁକି ଦଳର ଅନ୍ୟ କୌଣସି ବରିଷ୍ଠ ନେତା କିମ୍ବା ଷ୍ଟାର ପ୍ରଚାରକଙ୍କୁ ପ୍ରଚାର ଅଭିଯାନରେ ସାମିଲ କରୁନାହାନ୍ତି ସେ ନେଇ କାହା ପାଖରେ କିଛି ଖବର ନାହିଁ । ଏପରିକି ନବୀନ କିମ୍ବା ପାଣ୍ଡିଆନଙ୍କୁ ଏନେଇ ପ୍ରଶ୍ନ କରିବାର ସତସାହାସ ମଧ୍ୟ ଦଳରେ କାହାରି ନାହିଁ ବୋଲି ଚର୍ଚ୍ଚା ହେଉଛି । ଦଳର କୌଣସି ପଦପଦବୀରେ ନଥାଇ ପାଣ୍ଡିଆନ ଏକାକୀ ନିର୍ବାଚନୀ ସଭାକୁ ଯାଉଥିବାରୁ ତାହା ଦଳୀୟ ନେତାମାନଙ୍କୁ ନିରାଶ କରିଛି । ମାତ୍ର କାର୍ଯ୍ୟାନୁଷ୍ଠାନର ଭୟ ଓ ଆଲୋ ସଖି ଆପଣା ମହତ ଆପେ ରଖି ନ୍ୟାୟରେ ଦଳର ନେତାମାନେ ନିରବ ରହିବାକୁ ଏକରକମ ବାଧ୍ୟ ହେଉଛନ୍ତି । ନବୀନଙ୍କ ନିଷ୍କ୍ରିୟତାକୁ ଦେଖି ପାଣ୍ଡିଆନ ଏବେ ଦଳକୁ ସମ୍ପୂର୍ଣ୍ଣ ଭାବେ ନିଜ ନିୟନ୍ତ୍ରଣକୁ ନେବାକୁ ଏବେଠୁ ସୁଚିନ୍ତିତ ରଣନୀତି ଆଧାରରେ କାର୍ଯ୍ୟ କରୁଥିବା ଜଣାପଡ଼ିଛି । ପାଣ୍ଡିଆନ ସମସ୍ତ ୧୪୭ଟି ଆସନରେ ନିର୍ବାଚନୀ ସଭାରେ ଯୋଗ ଦେଇ ଦଳୀୟ ପ୍ରାର୍ଥୀଙ୍କ ସପକ୍ଷରେ ପ୍ରଚାର କରିବେ । ନିର୍ବାଚନ ସରିବା ପରେ ପାଣ୍ଡିଆନଙ୍କୁ ଉଭୟ ବିଜେଡି ଓ ସରକାରର ଉତ୍ତରାଧିକାରୀ ଦାୟିତ୍ୱ ମିଳିବ । ନବୀନ ଦୁଇଟି ଆସନରୁ ଲଢ଼ିବା ବି ଏହି ରଣନୀତିର ଅଂଶବିଶେଷ ବୋଲି ଚର୍ଚ୍ଚା ହେଉଛି ।




# ପ୍ରଥମ ପୃଷ୍ଠାର ଅବଶିଷ୍ଟ ...

## ଭୋଟ ଦେଲେ ପ୍ରଧାନମନ୍ତ୍ରୀ ...

ରେକର୍ଡ ସଂଖ୍ୟାରେ ମତଦାନ କରିବା ନିହାତି ଆବଶ୍ୟକ । ସକ୍ରିୟ ମତଦାନ ଦ୍ୱାରା ଉତ୍ସାହ ଅଧିକ ବଢ଼ିବ ବୋଲି କହି ଭୋଟରଙ୍କୁ ଉତ୍ସାହିତ କରିଛନ୍ତି ମୋଦି । ଅତ୍ୟଧିକ ଖରା ହେଉଥିବାରୁ ନିଜ ସ୍ୱାସ୍ଥ୍ୟର ଯତ୍ନ ନେଇ ପ୍ରଚୁର ପରିମାଣର ପାଣି ପିଇବାକୁ ଲୋକଙ୍କୁ ଉପଦେଶ ଦେଇଛନ୍ତି ମୋଦି । ଏଥିସହ ସେ କହିଛନ୍ତି, ପ୍ରଥମେ ମତଦାନ, ପରେ ଜଳପାନ । ଅର୍ଥାତ ପ୍ରଥମେ ମତଦାନ ପରେ ନିଜର ଅନ୍ୟ ସମସ୍ତ କାମ କରିବାକୁ ସେ ଲୋକଙ୍କୁ ଅପିଲ୍ କରିଛନ୍ତି । ତୃତୀୟ ପର୍ଯ୍ୟାୟ ମତଦାନରେ ଗୁଜରାଟର ୨୬ରୁ ୨୫ ଲୋକସଭା ଆସନରେ ନିଆଯାଉଛି ଭୋଟ । ସୁରତ ସିଟରେ କଂଗ୍ରେସ ପ୍ରାର୍ଥୀଙ୍କ ନାମାଙ୍କନ ଖାରଜ ହେବାରୁ ବିଜେପିର ମୁକେଶ ଦଲାଲ ନିର୍ଦ୍ୱନ୍ଦ୍ୱରେ ନିର୍ବାଚିତ ହୋଇଛନ୍ତି । ସେହିପରି କର୍ଣ୍ଣାଟକର ୧୪, ମହାରାଷ୍ଟ୍ରର ୧୧, ଉତ୍ତରପ୍ରଦେଶର ୧୦, ମଧ୍ୟପ୍ରଦେଶର ୮, ଛତିଶଗଡ଼ ୭, ବିହାର ୫ ଏବଂ ଆସାମ ଓ ପଶ୍ଚିମବଙ୍ଗର ୪ଟି ଲେଖାଏଁ ସିଟରେ ଭୋଟିଂ ହେଉଛି ।

## ବିଜେଡି ଜାରି କଲା ଘୋଷଣା ପତ୍ର ...

ପରାମର୍ଶକୁ ଆଧାର କରି ପ୍ରତିବର୍ଷ ଏଥିରୁ ହଜାରେ କୋଟି ଟଙ୍କା ଖର୍ଚ୍ଚ ହେବ । ବିଶ୍ୱରେ ଏହା ପ୍ରଥମ ପ୍ରକାରର ପ୍ରୟାସ ହେବ, ଯେଉଁଠାରେ ଯୁବକମାନେ ନିଜ ପରିଚୟ ଓ ଓଡ଼ିଶାର ପରିଚୟ ସୃଷ୍ଟି କରିପାରିବେ । ନୂଆ ଓ ମ୍ୟାଜିକ କାର୍ଡ ଦ୍ୱାରା ଏକାଧିକ ସୁବିଧା ସୁଯୋଗ ସହିତ ପରିସର ବିସ୍ତାର ହେବ । ନୂଆ ଓ' ଛାତ୍ରବୃତ୍ତି ବାଳିକାମାନଙ୍କ ପାଇଁ ବାର୍ଷିକ ୧୪,୦୦୦ ଓ ପୁଅମାନଙ୍କ ପାଇଁ ବାର୍ଷିକ ୧୨,୦୦୦କୁ ବୃଦ୍ଧି କରାଯିବ । ସରକାରୀ ପ୍ରବେଶ ପ୍ରକ୍ରିୟା ମାଧ୍ୟମରେ ଯୋଗ୍ୟତା ହାସଲ କରିବା ପରେ ଡିପ୍ଲୋମା ଓ ଡିଗ୍ରୀ ପାଠ୍ୟକ୍ରମ କରୁଥିବା ସମସ୍ତ ଯୋଗ୍ୟ ଛାତ୍ରଙ୍କୁ ଏହା ପ୍ରଦାନ କରାଯିବ । ଆସନ୍ତା ପାଞ୍ଚ ବର୍ଷରେ ୨ ଲକ୍ଷ ସରକାରୀ ଚାକିରି ଯୋଗାଇ ଦିଆଯିବ । ସ୍ୱୟମ ଉଦ୍ୟୋଗୀ ଋଣକୁ ବ୍ୟାପକ କଭରେଜ ସହିତ ଏକ ଲକ୍ଷରୁ ୨ ଲକ୍ଷକୁ ବୃଦ୍ଧି କରାଯିବ । ଓଡ଼ିଶାରେ ଏକ ନୂତନ କୌଶଳ ଓ ଉଦ୍ୟୋଗୀ ବିଶ୍ୱବିଦ୍ୟାଳୟ, ଷ୍ଟେଟ ଇନଷ୍ଟିଚ୍ୟୁଟ୍ ଅଫ୍ ଫ୍ୟାଶନ୍ ଟେକ୍ନୋଲୋଜି ଓ ଏଆଇ ବିଶ୍ୱବିଦ୍ୟାଳୟ ପ୍ରତିଷ୍ଠା କରାଯିବ । ଅର୍ଥନୀତିକ ଅଭିବୃଦ୍ଧି ପାଇଁ ସମଗ୍ର ଇକୋସିଷ୍ଟମକୁ ଶକ୍ତିଶାଳୀ କରାଯିବ ଯାହା ଓଡ଼ିଶାକୁ ଦେଶର ଶ୍ରେଷ୍ଠ ତିନୋଟି ଅର୍ଥନୀତିକ ବିକଶିତ ରାଜ୍ୟରେ ପରିଣତ କରିବ । ଖଣିଜ ଭିତ୍ତିକ ଶିଳ୍ପ ବ୍ୟତୀତ ସେମିକଣ୍ଡକ୍ଟର, ଆଇଟି ଶିଳ୍ପ, କୃତ୍ରିମ ବୁଦ୍ଧିମତା ଇତ୍ୟାଦି ସହିତ ନୂତନ ଯୁଗ, ବୈଷୟିକ ଏବଂ ନୂତନ ଅର୍ଥନୀତି ଉପରେ ଧ୍ୟାନ ଦିଆଯିବ । ଓଡ଼ିଶା ପୂର୍ବ ଭାରତର ଆଇଟି ରାଜଧାନୀ ହେବ । ପରିବେଶ ଅନୁକୂଳ ପର୍ଯ୍ୟଟନ ପାଇଁ ୧୦୦ଟି ସ୍ଥାନ ଉପରେ ଧ୍ୟାନ ଦିଆଯିବ । ଖ୍ୟାତି ସମ୍ପନ୍ନ ବୈଷୟିକ ଏବଂ ପରିଚାଳନା ସଂସ୍ଥାଗୁଡ଼ିକ ଓଡ଼ିଶାରେ କ୍ୟାମ୍ପସ ପ୍ରତିଷ୍ଠା ପାଇଁ ଉତ୍ସାହିତ ହେବେ । ଯୋଜନାବଦ୍ଧ ସହରୀକରଣ ଅଭିବୃଦ୍ଧି, ଉତ୍ପାଦକତା ସୃଜନାତ୍ମକ ଏବଂ ପରିବର୍ତ୍ତନ ବୃଦ୍ଧି କରିବ । ଆଗାମୀ ୧୦ ବର୍ଷରେ ସହରୀ ଜନସଂଖ୍ୟାକୁ ଦ୍ୱିଗୁଣିତ ହେବ । ଉତ୍ତମ ଗୁଣବତ୍ତା ସମ୍ପର୍ଣ୍ଣ ସୁବିଧା ସୁଯୋଗ ନିମ୍ନଲିଖିତ ଅଞ୍ଚଳଗୁଡ଼ିକ ପାଇଁ ଯୋଗାଇ ଦିଆଯିବ । ଚାରୋଟି ମେଗା ସହରୀ କ୍ଲଷ୍ଟର ଯୋଜନା କରାଯାଇଛି । ସେଗୁଡ଼ିକ ମଧ୍ୟରେ ଭୁବନେଶ୍ୱର - କଟକ - ଖୋର୍ଦ୍ଧା - ପୁରୀ କ୍ଲଷ୍ଟର , ସମ୍ବଲପୁର- ଝାରସୁଗୁଡ଼ା- ରାଉରକେଲା କ୍ଲଷ୍ଟର, ବାରିପଦା - ବାଲେଶ୍ୱର - ଭଦ୍ରକ କ୍ଲଷ୍ଟର ଏବଂ ବ୍ରହ୍ମପୁର -ଛତ୍ରପୁର - ଗୋପାଳପୁର କ୍ଲଷ୍ଟର । ଆମେ ମଧ୍ୟ ୨୦ଟି ପ୍ରମୁଖ ସହର ବଲାଙ୍ଗିର, କୋରାପୁଟ-ଜୟପୁର, ବରଗଡ଼, ରାୟଗଡ଼ା, ଭବାନୀପାଟଣା, ପାରାଦୀପ, ଢେଙ୍କାନାଳ, ଯୋଡ଼ା-ବଡ଼ବିଲ, କେନ୍ଦୁଝର, ଅନଗୋଳ, ମାଲକାନଗିରି, ନବରଙ୍ଗପୁର, ପାରଳାଖେମୁଣ୍ଡି, ଫୁଲବାଣୀ, ବୌଦ୍ଧ, ସୋନପୁର, ଦେବଗଡ଼, କେନ୍ଦ୍ରାପଡା ଓ ନୟାଗଡ଼କୁ ବିକଶିତ କରିବୁ । ଏହି ସହରୀ କ୍ଲଷ୍ଟରଗୁଡ଼ିକ ଚାହିଦା ସୃଷ୍ଟି କରିବ ଏବଂ ଅର୍ଥନୀତିକ ଅଭିବୃଦ୍ଧିର କେନ୍ଦ୍ର ହେବ । ପୁରୀ ଅନ୍ତର୍ଜାତୀୟ ବିମାନବନ୍ଦର ଏବଂ ଅନ୍ୟାନ୍ୟ ସୁବିଧା ସହିତ ଏକ ଆନ୍ତର୍ଜାତୀୟ ସହର ଭାବରେ ବିକଶିତ ହେବ । ବିମାନ ବନ୍ଦର ସହିତ ୨୦ଟି ସମସ୍ତ ପ୍ରମୁଖ ସହର ସହିତ ଲକ୍ଷ୍ମୀ ବସ୍ ସଂଯୋଗ ରହିବ । ମେଟ୍ରୋ ଦ୍ୱାରା ଭୁବନେଶ୍ୱର, ଖୋର୍ଦ୍ଧା, ପୁରୀ ଏବଂ କଟକକୁ ସଂଯୋଗ କରିବ ଏବଂ ପର୍ଯ୍ୟାୟ କ୍ରମେ ସମ୍ପ୍ରସାରିତ ହେବ । ବିଜୁ ଅର୍ଥନୀତିକ କରିଡର ମାଧ୍ୟମରେ ପଶ୍ଚିମ ଏବଂ ଦକ୍ଷିଣ ଓଡ଼ିଶାର ବିକାଶ ଉପରେ ଧ୍ୟାନ ଦିଆଯିବ । ଓଡ଼ିଶାର ୭୫ ପ୍ରତିଶତ ପରିବାରର ୧୦୦ ୟୁନିଟ୍ରୁ କମ୍ ବିଜୁଳି ବ୍ୟବହାର ଓ ଅନ୍ୟ ଦଶ ପ୍ରତିଶତ ୧୦୦ ରୁ ୧୫୦ ୟୁନିଟ୍ ବ୍ୟବହାର କରୁଛନ୍ତି । ଶକ୍ତି ସୁରକ୍ଷା ସହିତ ଏହି ୮୫ -୯୦% ଜନସଂଖ୍ୟାକୁ ଆଚ୍ଛାଦନ କରିବା ପାଇଁ ଶହେ ୟୁନିଟ୍ ପର୍ଯ୍ୟନ୍ତ ଗ୍ରାହକମାନେ ଶୂନ ବିଲ୍ ପାଇବେ ଏବଂ ୧୦୦ ରୁ ୧୫୦ ପର୍ଯ୍ୟନ୍ତ ପଚାଶ ୟୁନିଟ୍ ପାଇଁ ରିହାତି ପାଇବେ । ଓଡ଼ିଶାର ଅଭିବୃଦ୍ଧିରେ ମଧ୍ୟବିତ୍ତଙ୍କ ଗୁରୁତ୍ୱପୂର୍ଣ୍ଣ ଭୂମିକା ରହିଛି । ସେମାନଙ୍କୁ ଇଫକଣ କଭରେଜ୍, ୨୦ ଲକ୍ଷ ପର୍ଯ୍ୟନ୍ତ ଗୃହ ଋଣ ଉପରେ ସୁଧ ସବଭେନ୍ସନ୍ ଓ ପିଲାମାନଙ୍କ ପାଇଁ ଛାତ୍ରବୃତ୍ତି ଓ ଉଚ୍ଚଶିକ୍ଷା ତଥା ସୁଲଭ ପରିବହନ ପାଇଁ ଋଣ ଉପରେ ସୁଧ ସବଭେନ୍ସନ୍ ପ୍ରଦାନ କରି ସେମାନଙ୍କୁ ସଶକ୍ତ କରାଯିବ । ବିଦ୍ୟୁତ ସବସିଡି ମଧ୍ୟବିତ୍ତ ପରିବାର ପାଇଁ ମଧ୍ୟ ଲାଗୁ ହେବ । ଉଭୟ ଗ୍ରାମୀଣ ଏବଂ ସହରାଞ୍ଚଳରେ ଶିଳ୍ପାୟନ ଏବଂ ନିଯୁକ୍ତି ସୃଷ୍ଟି ମଧ୍ୟବିତ୍ତ ଶ୍ରେଣୀର ଲୋକଙ୍କ ଭିତରେ ନୂତନ ଆଶା ସଂଚାର କରିବ । ଓଡ଼ିଶାର ଅଭିବୃଦ୍ଧିରେ ମହିଳାମାନଙ୍କ ସର୍ବଦା ଗୁରୁତ୍ୱପୂର୍ଣ୍ଣ ଭୂମିକା ରହିଛି । ସେମାନଙ୍କୁ ବିନା ସୁଧରେ ୧୫ ଲକ୍ଷ ପର୍ଯ୍ୟନ୍ତ ଋଣ ଯୋଗାଇ ଦିଆଯିବ । ଏହା ଦେଶରେ ପ୍ରଥମ । ଆସନ୍ତା ୫ ବର୍ଷ ମଧ୍ୟରେ ଆମର ଝଶୀଏ ଗୁଡ଼ିକୁ ୧.୫ ଲକ୍ଷ କୋଟି ଟଙ୍କାର ଆର୍ଥିକ ଲିଙ୍କେଜ୍ ହାସଲ କରି ୨୫୦୦ କୋଟି ଟଙ୍କାର ସୁଧ ସେମାନଙ୍କ ନିକଟକୁ ଫେରାଇ ଦିଆଯିବ । ଏସଏଚଜିଏସକୁ ଆଗାମୀ ୧୦ ବର୍ଷରେ ୨୦,୦୦୦ କୋଟିର ସରକାରୀ ବ୍ୟବସାୟ ଯୋଗାଇ ଦିଆଯିବ ।ବ୍ୟକ୍ତିଗତ ମହିଳା ଉଦ୍ୟୋଗୀମାନଙ୍କୁ ସେମାନଙ୍କ ବ୍ୟବସାୟ ଆରମ୍ଭ ଏବଂ ବୃଦ୍ଧି ପାଇଁ ୧୦ ଲକ୍ଷ ପର୍ଯ୍ୟନ୍ତ ସବସିଡିଯୁକ୍ତ ଋଣ ଯୋଗାଇବା ପାଇଁ ଶହେ କୋଟି ଟଙ୍କାର କର୍ପସ ପାଣ୍ଠି ସହିତ ସହାୟତା କରାଯିବ । ମିଶନ୍ ଶକ୍ତି ମହିଳାଙ୍କ ପାଇଁ ପେନସନ ରହିବ । ସମସ୍ତ ତୃଣମୂଳ ସ୍ତରର ମହିଳା କର୍ମୀ, ସମ୍ପ୍ରଦାୟର ସହାୟତା କର୍ମଚାରୀ, ଅଙ୍ଗନୱାଡି କର୍ମୀ, ଏବଂ ଆଶା ଗୁଡିକ ବିଏସକେୱାଇ କଭରେଜ୍ ଏବଂ ସାମାଜିକ ସୁରକ୍ଷା ପେନସନ ମଧ୍ୟ ପାଇବେ ।

## ଭୁବନେଶ୍ୱରରେ ହେବ ୧୧୧ ...

କିମି । ଯାହାର କାମ ଡିସେମ୍ବର ସୁଦ୍ଧା ସରିବ । ମୁମ୍ବାଇ-କୋଲକାତା ରାସ୍ତାର ଓଡ଼ିଶାରେ ଥିବା ୪୫୦ କିମି କାମ ଶୀଘ୍ର ସରିବ ଓ ସମ୍ବଲପୁର ସହରରେ ୩୫ କିମି ରିଂ ରୋଡ୍ କାମ ଅକ୍ଟୋବରରୁ ଆରମ୍ଭ ହେବ ବୋଲି ସୂଚନା ଦେଇଛନ୍ତି ଗଡ଼କରୀ । ତେବେ ଆସନ୍ତୁ ନଜର ପକାଇବା କେମିତି ଅଛି ଗ୍ରାଉଣ୍ଡ ଜିରୋର ସ୍ଥିତିକୁ । ସେତୁ ନଥିବାରୁ ଚିଲିକା ଦ୍ୱୀପାଞ୍ଚଳବାସୀ ଦୁର୍ଦ୍ଦଶା ଭୋଗୁଛନ୍ତି । ସାତପଡ଼ାରୁ ଯାତାୟତର ମାଧ୍ୟମ କହିଲେ କେବଳ ଭୁଟଭୁଟି ଡଙ୍ଗା । ନଚେତ ଦିନକୁ ୪ ଥର ଯାଆସ କରୁଥିବା ଭସାପୋଲ ବା ଫେରି ଭେସେଲ୍ । ସେଥିରେ ଯାଆନ୍ତି ମଣିଷ, ଲଦା ହୁଏ ଯାନବାହାନ । ଚିଲିକା ଭିତରେ ଥିବ ୧୪ଟି ପଞ୍ଚାୟତର ୯୨ଟି ଗାଁ ପାଇଁ ଏହା ଜୀବନରେଖା । ଝଡ଼ବାତ୍ୟା ବେଳେ ଏବଂ ଡଙ୍ଗାରେ ଯାନ୍ତ୍ରିକ ସମସ୍ୟା ଦେଖାଦେଲେ ଯୋଗାଯୋଗ ଠପ୍ । ମାତ୍ର ୫ କିଲୋମିଟର ଜଳଯାତ୍ରାକୁ ଲାଗେ ୪୫ ମିନିଟ୍ ସମୟ । ଆଉ ସନ୍ଧ୍ୟା ୬ଟା ପରେ ଫେରି ଚାଲୁନଥିବାରୁ, ଡଙ୍ଗାର ବିପଦସଂକୁଳ ଯାତ୍ରା ଛଡ଼ା ନିରୁପାୟ ମଣିଷ ।

## ଜାତିସଂଘରେ ଋତୁସ୍ରାବ ଛୁଟି ...

ପାଉଥିବା ଶାରୀରିକ ପୀଡ଼ା ଆଉ ଏନେଇ ମହିଳାଙ୍କ ସ୍ୱରକୁ ଶାଣିତ କରିଛନ୍ତି ରଞ୍ଜିତା । ନିରନ୍ତର ଓକିଲାତି ଏବଂ ସହଯୋଗ ମାଧ୍ୟମରେ ଫୁଲରାଣି ଫାଉଣ୍ଡେସନ ଓ ରଞ୍ଜିତା ପ୍ରିୟଦର୍ଶିନୀଙ୍କ ପେଡ୍ ପିରିୟଡ୍ ଲିଭ୍ ବିଷୟକୁ ବିଶ୍ୱସ୍ତରୀୟ ବାର୍ତ୍ତାଳାପର ଅଗ୍ରଭାଗକୁ ଆଣିବାରେ ଗୁରୁତ୍ୱପୂର୍ଣ୍ଣ ପଦକ୍ଷେପ ନେଇଛି ।

## ଅରବିନ୍ଦ କେଜ୍ରିୱାଲଙ୍କୁ ମିଳିଲା ...

ଆଦିତ୍ୟ ଠାକରେ ଓ କଂଗ୍ରେସର ହରିଆଣା ଏବଂ ଦିଲ୍ଲୀ ଦାୟିତ୍ୱରେ ଥିବା ଦୀପକ ବାବାରିଆ ପ୍ରମୁଖ ଖୁସି ପ୍ରକାଶ କରିଛନ୍ତି । ମମତା ବାନାର୍ଜୀ ଢରେ ଏକ ପୋଷ୍ଟ କରି ଲେଖିଛନ୍ତି ଯେ ଚଳିତ ନିର୍ବାଚନ ଦୃଷ୍ଟିକୋଣରୁ ଏହା ବେଶ୍ ସହଯୋଗ କରିବ । ଅନ୍ୟପକ୍ଷରେ କେଜ୍ରିୱାଲଙ୍କ ଅନ୍ତରୀଣ ଜାମିନ ରାଜନୀତିକ ହାୱା ପରିବର୍ତ୍ତନର ଆଭାସ ବୋଲି କହିଛନ୍ତି ଆଦିତ୍ୟ ଠାକରେ । ସେହିପରି ଦୀପକ ବାବାରିଆ କହିଛନ୍ତି ଯେ କେଜ୍ରିୱାଲଙ୍କୁ ନିର୍ବାଚନ ପ୍ରଚାରରୁ ଦୂରେଇ ରଖିବା ପାଇଁ ବିଜେପି ଚାଲ୍ ଖେଳିଛି । ସୂଚନାଯୋଗ୍ୟ, ଗୁରୁବାର କେଜ୍ରିୱାଲଙ୍କ ଅନ୍ତରୀଣ ଜାମିନକୁ ବିରୋଧ କରି ଇଡି ପକ୍ଷରୁ ସୁପ୍ରିମକୋର୍ଟରେ ଏକ ସତ୍ୟପାଠ ଦାଖଲ କରାଯାଇଥିଲା । ଏଥିରେ କୁହାଯାଇଥିଲା କୌଣସି ନିର୍ବାଚନରେ ପ୍ରଚାର କରିବା କେବେ ହେଲେ ଜଣେ ବ୍ୟକ୍ତିର ମୌଳିକ , ସାମ୍ବିଧାନିକ କିମ୍ବା ଆଇନଗତ ଅଧିକାର ନୁହେଁ । ଯଦି ନିର୍ବାଚନ ପ୍ରଚାର ପାଇଁ ଅନ୍ତରୀଣ ଜାମିନ ଦିଆଯିବ, ତା'ହେଲେ କୌଣସି ରାଜନେତାଙ୍କୁ ଗିରଫ କରାଯାଇ ପାରିବ ନାହିଁ କି ବିଚାର ବିଭାଗୀୟ ହାଜତରେ ରଖାଯାଇ ପାରିବ ନାହିଁ । ଯଦି ଅରବିନ୍ଦ କେଜ୍ରିୱାଲଙ୍କୁ ସ୍ୱତନ୍ତ୍ର ଅନୁକମ୍ପା ଦେଖାଇ ସାଧାରଣ ନିର୍ବାଚନର ପ୍ରଚାର ପାଇଁ ଜାମିନ ଦିଆଯିବ, ତା'ହେଲେ ଏହା ପ୍ରଚଳିତ ଆଇନ ଓ ସମାନତା ଅଧିକାରୀକୁ ଉଲ୍ଲଙ୍ଘନ କରିବ ।

## ପାଣି ନେଲାଣି ୫୦ ଜୀବନ ...

ନାତିର ଚିକିତ୍ସା କରୁଛି । ଏବେ ଘରେ କିଛି ନାହିଁ । ପିଇବା ପାଇଁ ଭଲ ପାଣି ନାହିଁ । ବାଧ୍ୟ ହୋଇ ସେହି ପାଣି ପିଇ ରୋଗରେ ଆକ୍ରାନ୍ତ ହେଉଛୁ । ନଳକୂପ ବଦଳରେ ମହାନଦୀ ପାଣି ଯୋଗାଇ ଦିଆଗଲେ ଆମେ ବଞ୍ଚି ଯାଆନ୍ତୁ ବୋଲି କୁନି ନାୟକ କ୍ଷୋଭର ସହ କହିଛନ୍ତି । ଗାଁର ସୁକାନ୍ତି ସ୍ୱାଇଁ କହିଛନ୍ତି, ନଳକୂପରୁ ବାହାରୁ ଥିବା ପାଣି ପିଇଦେଲେ କିଡ୍ନୀ ଖରାପ ହେଉଛି । ତେଣୁ ଆମେ ବଜାରରୁ ପାଣି କିଣି ପିଉଛୁ । ଆମ ଘରକୁ ବନ୍ଧୁ ବାନ୍ଧବ ଆସୁନାହାନ୍ତି । ଯଦି କୌଣସି କାର୍ଯ୍ୟରେ ଆସୁଛନ୍ତି, ତାହାହେଲେ ଖିଆପିଆ ବା ପାଣି ପିଉନାହାନ୍ତି । ଆମ ଗାଁରେ କେହି ବନ୍ଧୁ ବାନ୍ଧୁନାହାନ୍ତି । ଗାଁକୁ ଝିଅ ଦେବାକୁ ମନା କରୁଛନ୍ତି ସୁକାନ୍ତି କହିଛନ୍ତି । ଗାଁର ସୁଦର୍ଶନ ଦାସ କହିଛନ୍ତି, ଫ୍ଲୋରାଇଡ୍ ପାଣି କିଡ଼ୀନ୍ ରୋଗରେ ଆକ୍ରାନ୍ତ ହୋଇ ଗାଁରେ ପ୍ରାୟ ୫୦ରୁ ୬୦ ଜଣ ଲୋକଙ୍କ ମୃତ୍ୟୁ ହୋଇଗଲାଣି । ଏବେ ବହୁ ଲୋକ ଆକ୍ରାନ୍ତ ହୋଇଛନ୍ତି । ବର୍ତ୍ତମାନ ଯୁବକମାନେ କିଡ୍ନୀ ରୋଗରେ ଆକ୍ରାନ୍ତ ହେଲେଣି ବୋଲି ସୁଦର୍ଶନ କହିଛନ୍ତି । ଗାଁ ଲୋକେ ଏନେଇ ବହୁବାର ରାଜନେତାଙ୍କଠାରୁ ଆରମ୍ଭ କରି ପ୍ରଶାସନିକ ଅଧିକାରୀଙ୍କ ପାଖରେ ଅଭିଯୋଗ କରିଛନ୍ତି । ସମସ୍ତେ ଗୁହାରୀ ଶୁଣୁଛନ୍ତି । ହେଲେ ପ୍ରତିକାର କରୁନାହାନ୍ତି । ଦୂରରୁ ଛିଡ଼ା ହୋଇ ମୃତ୍ୟୁର ତାଣ୍ଡବ ଦେଖୁଛନ୍ତି । କେବେ ହେଲେ କାହା ଲୁହ ପୋଛିବାକୁ ଆସୁନାହାନ୍ତି । ଯାହା ଫଳରେ ଗାଁ ଲୋକମାନେ ମୃତ୍ୟୁ ସାମ୍ନାରେ ଲଢ଼ି ଲଢ଼ି ଜୀବନ ଦେଉଛନ୍ତି । ପାନୀୟ ଜଳର ସମସ୍ୟାକୁ ନେଇ ଖଣ୍ଡପଡ଼ା ବିଡ଼ିଓଙ୍କ ସହ ଯୋଗାଯୋଗ କରାଯାଇଥିଲା । ହେଲେ ସେ କୌଣସି ପ୍ରତିକ୍ରିୟା ଦେବାକୁ ମନା କରିଥିଲେ ।

# ବର୍ଷାଙ୍କ ୮ଟି ନାଁ, ସତ୍ୟପାଠ ଖୋଲିଲା ଗୁମର: ସ୍କୁଲ ସାର୍ଟିଫିକେଟ, ବ୍ୟାଙ୍କ ଖାତା, ପ୍ୟାନ୍ ଓ ଆଧାର ସବୁଠି ଭିନ୍ନ ଭିନ୍ନ ନାମ



**ଯାଜପୁର(ଏନ୍.ଏମ୍.):** ବଡ଼ଚଣା ବିଧାନସଭା ଆସନରୁ ବିଜେଡି ପ୍ରାର୍ଥୀ ଅଭିନେତ୍ରୀ ବର୍ଷା ପ୍ରିୟଦର୍ଶିନୀ ଆଜି ନିଜର ୪ସେଟ୍ ନାମାଙ୍କନ ପତ୍ର ଦାଖଲ କରିଛନ୍ତି । ତେବେ ବର୍ଷା ଦାଖଲ କରିଥିବା ସତ୍ୟପାଠ ଏବେ ବିଜେଡି ବଡ଼ପଣ୍ଡାମାନଙ୍କ ନିଦ ହଜାଇ ଦେଇଛି । ବର୍ଷାଙ୍କ ବିଭିନ୍ନ ସରକାରୀ ରେକର୍ଡରେ ନାଁ ଭିନ୍ନ ଭିନ୍ନ ଥିବା, ଏପରିକି ତାଙ୍କ ବାପା-ମା'ଙ୍କ ନାଁ ବି ସରକାରୀ ରେକର୍ଡରେ ତ୍ରୁଟିପୂର୍ଣ୍ଣ ରହିବାର ନୂଆ ତଥ୍ୟ ପଦାକୁ ଆସିଛି । ବିଭିନ୍ନ ସରକାରୀ ରେକର୍ଡରେ ବର୍ଷାଙ୍କର ୮ ଟି ନାଁ ରହିଛି ଓ ସେସମସ୍ତ ନାଁ ତାଙ୍କର ବୋଲି ବର୍ଷା ଆଜି ସତ୍ୟପାଠରେ ଦର୍ଶାଇବା ପରେ ସେ ଆରମ୍ଭରୁ ହିଁ ନିଜର ପରିଚୟକୁ ନେଇ ଆଇନ ସହ ଲୁଚକାଳି ଖେଳୁଥିବା ଜଣାପଡ଼ିଛି । ହାଇସ୍କୁଲ ସାର୍ଟିଫିକେଟରୁ ଆରମ୍ଭ କରି ବ୍ୟାଙ୍କ ଖାତା, ପ୍ୟାନ୍ ଓ ଆଧାର ନମ୍ବର ଆଦି ସରକାରୀ ରେକର୍ଡରେ କିଭଳି ତାଙ୍କ ନାଁରେ ତ୍ରୁଟି ରହୁଥିଲା ଏବଂ ସେସବୁ ସମ୍ପର୍କରେ ବର୍ଷା କାହିଁକି ସଙ୍ଗେସଙ୍ଗେ ଆପତ୍ତି ଉଠାଉ ନଥିଲେ ତାହା ଏବେ ସବୁଠୁ ବଡ଼ ପ୍ରଶ୍ନବାଚୀ ସୃଷ୍ଟି ହୋଇଛି ଓ ତାଙ୍କର ଭୂମିକାକୁ ସନ୍ଦେହଘେରକୁ ଆସିଛି । ସେହିପରି ବର୍ଷା ଓଡ଼ିଶାର ଏକମାତ୍ର ମହିଳା ପ୍ରାର୍ଥୀ ଯାହାଙ୍କ ନାଁରେ ବିଭିନ୍ନ ଥାନାରେ ଭିନ୍ନ ଭିନ୍ନ ତାରିଖରେ ପଞ୍ଜିକୃତ ୫ଟି ଅପରାଧିକ ମାମଲା ଏବେବି କୋର୍ଟଙ୍କ ବିଚାରାଧୀନ ରହିଥିବା ତାଙ୍କ ସତ୍ୟପାଠରୁ ଜଣାପଡ଼ିଛି ।

ବର୍ଷା ଆଜି ନିଜର ନାମାଙ୍କନ ପତ୍ର ସହ ଅତିରିକ୍ତ ତଥ୍ୟ ଭାବେ ଯେଉଁ ସତ୍ୟପାଠ ଦାଖଲ କରିଛନ୍ତି ତାହା ତାଙ୍କର ବିବାଦୀୟ ଭୂମିକା ଆଡ଼କୁ ଇଙ୍ଗିତ କରିଛି । ସରକାରୀ ଦସ୍ତାବିଜରେ ବର୍ଷା କିଭଳି ନିୟମିତ ବ୍ୟବଧାନରେ ନିଜର ଭିନ୍ନ ଭିନ୍ନ ନାଁ ଦର୍ଶାଇଛନ୍ତି ଓ ତାହା ସମ୍ପୃକ୍ତ ସରକାରୀ ଅଫିସ ଦ୍ୱାରା ହୋଇଥିବା ତ୍ରୁଟି ବୋଲି କହି ଏବେ ନିଜର ସଦ୍ୟ ସତ୍ୟପାଠ ମାଧ୍ୟମରେ ଖସିଯିବାକୁ ବସିଛନ୍ତି ତାହା ଆଜି ସ୍ପଷ୍ଟ ହୋଇଯାଇଛି । ବର୍ଷାଙ୍କ ସତ୍ୟପାଠ ଅନୁସାରେ ତାଙ୍କ ଘର କଟକସ୍ଥିତ ବକ୍ସିବଜାର ବେପାରୀ ସାହିରେ । ସେ ରେଭେନ୍ସା ବାଳିକା ହାଇସ୍କୁଲର ଛାତ୍ରୀ ଥିଲେ ଓ ମାଟ୍ରିକ ବୋର୍ଡ ସାର୍ଟିଫିକେଟରେ ତାଙ୍କ ନାଁ Barsha Priyadarshinee Sahu' ରହିଥିଲା । ସେଥିରେ ତାଙ୍କ ମା'ଙ୍କ ନାଁ Deepa Sahu ଓ ବାପାଙ୍କ ନାଁ Sisir kumar Sahu ଉଲ୍ଲେଖ ଥିଲା । ତେବେ ଉଚ୍ଚମାଧ୍ୟମିକ ଶିକ୍ଷା ପରିଷଦ ପକ୍ଷରୁ ତାଙ୍କୁ ମିଳିଥିବା ଯୁକ୍ତଦୁଇ ସାର୍ଟିଫିକେଟରେ ତାଙ୍କ ନାଁ ତ୍ରୁଟିବଶତଃ Barsha Priyadarshinee Sahu ବଦଳରେ Barasa Priyadarshini Sahoo ଏବଂ ତାଙ୍କ ମା'ଙ୍କ ନାଁ Deepa Sahu ବଦଳରେ Dipa Sahoo ଏବଂ ପିତାଙ୍କ ନାଁ Sisir kumar Sahu ବଦଳରେ Sisir kumar sahoo ଉଲ୍ଲେଖ ରହିଥିଲା । ଏହି ତ୍ରୁଟିକୁ ସୁଧାରିବା ପାଇଁ ସେ ୨୦୦୮ ଏପ୍ରିଲ ୩ତାରିଖରେ ଏକ ସତ୍ୟପାଠ ମାଧ୍ୟମରେ ନିଜର ନାଁକୁ Barsha Priyadarshinee Sahu ରୁ Varsha Priyadarshini କୁ ପରିବର୍ତ୍ତନ କରିଥିଲେ । ତାଙ୍କର ସମସ୍ତ ରେକର୍ଡରେ ଏହି ସଂଶୋଧିତ ନାଁରେ ସେ ପରିଚିତ ହେବେ ବୋଲି ଦର୍ଶାଇଥିଲେ । ଏହି ନାମ ସଂଶୋଧନ ସତ୍ୟପାଠ ମଧ୍ୟ ୨୦୦୮ ଏପ୍ରିଲ ୫ତାରିଖରେ ରାଜ୍ୟର ଏକ ପ୍ରମୁଖ ସମ୍ବାଦପତ୍ରରେ ପ୍ରକାଶିତ ହୋଇଥିଲା ବୋଲି ଦର୍ଶାଇଛନ୍ତି । ତେବେ ୨୦୦୮ ମସିହା ପରଠୁ ଆଇନଗତ ଭାବେ ତାଙ୍କୁ ଯେଉଁସବୁ ଦସ୍ତାବିଜ ଜାରି ହୋଇଛି ସେଥିରେ ତାଙ୍କର ନାଁରେ ତ୍ରୁଟି ଥିଲେ ମଧ୍ୟ ସେଗୁଡ଼ିକୁ ସେ ଆଇନତଃ ସଂଶୋଧନ କରିନଥିବା ଜଣାପଡ଼ିଛି । ବ୍ୟାଙ୍କ ଆକାଉଣ୍ଟ ହେଉ ଅବା ଏଲଆଇସି ପଲିସି ହେଉ ଅବା ମ୍ୟୁଚୁଆଲ ଫଣ୍ଡ ଆକାଉଣ୍ଟ । ତେବେ ନିର୍ବାଚନ କମିଶନଙ୍କ ଦ୍ୱାରା ଜାରି ଭୋଟ ପରିଚୟ ପତ୍ରରେ ଭୁଲବଶତଃ ତାଙ୍କ ମା'ଙ୍କ ନାଁ ଉରରକ୍ଷବ ଝବଷଙ୍କ ପରିବର୍ତ୍ତେ ଉସକ୍ଷବ ଝବଷଙ୍କ ଉଲ୍ଲେଖ ରହିଥିଲା । ତେଣୁ ତାଙ୍କ ମା'ଙ୍କ ଠିକ୍ ନାଁ ହେଉଛି Deepa Sahu ଓ ସେ Dipa Sahoo ଓ Dipa Sahu ନାମରେ ମଧ୍ୟ ପରିଚିତ ଏବଂ ସମାନ ବ୍ୟକ୍ତି । କର୍ତ୍ତୃପକ୍ଷଙ୍କ ଦ୍ୱାରା ଟାଇପଜନିତ ତ୍ରୁଟି ଯୋଗୁ ଏଭଳି ଭିନ୍ନ ଭିନ୍ନ ନାମ ହୋଇଛି ବୋଲି ବର୍ଷା ସତ୍ୟପାଠରେ ଉଲ୍ଲେଖ କରିଛନ୍ତି ।ସେହିପରି ତାଙ୍କର ପିତାଙ୍କ ନାଁ ମଧ୍ୟ ଭିନ୍ନ ଭିନ୍ନ ହେବା ପଛରେ କର୍ତ୍ତୃପକ୍ଷଙ୍କ ଦ୍ୱାରା ଟାଇପଜନିତ ତ୍ରୁଟି ବୋଲି ବର୍ଷା ସତ୍ୟପାଠରେ ଦର୍ଶାଇଛନ୍ତି । ତେବେ ଏତିକିରେ ବର୍ଷାଙ୍କ ନାଁକୁ ନେଇ ସନ୍ଦେହଜନକ ଭୂମିକାରେ ପୂର୍ଣ୍ଣଚ୍ଛେଦ ପଡ଼ିନି ।

ବର୍ଷା ଦର୍ଶାଇଛନ୍ତି ଯେ, Varsha Priyadarshini ନାଁରେ ପୂର୍ବରୁ ଜାରି ହୋଇଥିବା ପ୍ୟାନ କାର୍ଡରେ ତାଙ୍କ ନାଁ ଭୁଲବଶତଃ Barsha Priyadarshini ଉଲ୍ଲେଖ ଥିଲା । ମାତ୍ର ସେ ଏହାର ସଂଶୋଧନ ପାଇଁ ଆବେଦନ କରିବା ପରେ ତାଙ୍କୁ ସମାନ ପ୍ୟାନ୍ ନମ୍ବର ଥାଇ ସଂଶୋଧିତ ନାମରେ ଆୟକର ବିଭାଗ ପ୍ୟାନକାର୍ଡ ଦେଇଛନ୍ତି । ସେହିପରି ଏଲଆଇସି ପଲିସିରେ ତାଙ୍କ ନାଁ ଅଜାଣତରେ Varsha Priyadarshini ବଦଳରେ Barsha Priyadarshini ରହିଛି । ଆୟକର ଦାଖଲବେଳେ ଅଜାଣତରେ ଟାଇପଜନିତ ତ୍ରୁଟି ଯୋଗୁ ତାଙ୍କ ନାଁ Varsha Priyadarshini ବଦଳରେ Varsha Priyadashani ରହିଥିଲା । ସେହିପରି ମ୍ୟୁଚୁଆଲ ଫଣ୍ଡ ଦସ୍ତାବିଜରେ ତାଙ୍କର ନାଁ Varsha Priyadarshini ବଦଳରେ Barsha Priyadarshani ରହିଛି । ଯାହାକି ଟାଇପଜନିତ ତ୍ରୁଟି ବୋଲି ସେ ଦର୍ଶାଇଛନ୍ତି । ତେଣୁ Varsha Priyadarshini (ବର୍ଷା ପ୍ରିୟଦର୍ଶିନି), Varsha Priyadashani (ଭର୍ଷା ପ୍ରିୟଦର୍ଶନୀ), Barsha Priyadarshini (ବର୍ଷା ପ୍ରିୟଦର୍ଶିନୀ), Barsha Priyadarshani (ବର୍ଷା ପ୍ରିୟଦର୍ଶନି), Barsha Priyadarshinee (ବର୍ଷା ପ୍ରିୟଦର୍ଶନୀ), Barsha Priyadarshani Sahu (ବର୍ଷା ପ୍ରିୟଦର୍ଶନି ସାହୁ), Barasa Priyadarshini Sahoo (ବରଷା ପ୍ରିୟଦର୍ଶନି ସାହୁ), Barsha Priyadarshinee Sahu (ବର୍ଷା ପ୍ରିୟଦର୍ଶିନୀ ସାହୁ) ସମସ୍ତ ନାଁ ହିଁ ଜଣେ ଓ ସମାନ ବ୍ୟକ୍ତିଙ୍କର, ଯାହାକି ସେ ନିଜେ ବୋଲି ସତ୍ୟପାଠରେ ଦର୍ଶାଇଛନ୍ତି । ତେବେ ଡିଜିଟାଲ ଭାରତରେ କୋଟିକୋଟି ଲୋକ ରହୁଥିଲେ ମଧ୍ୟ ସରକାରୀ ଦସ୍ତାବିଜରେ ଏତେ ପରିମାଣରେ ଟାଇପଜନିତ ତ୍ରୁଟି କିଭଳି କେବଳ ବର୍ଷାଙ୍କ କ୍ଷେତ୍ରରେ ବାରମ୍ବାର ହେଉଥିଲା ଓ ବର୍ଷା କାହିଁକି ନିରବ ରହିଥିଲେ ? ନିଜର ୮ ଟି ନାଁ ଓ ପିତାମାତାଙ୍କ ନାଁରେ ବାରମ୍ବାର ତ୍ରୁଟି ବର୍ଷାଙ୍କ ସନ୍ଦେହଜନକ ଭୂମିକାକୁ ପଦାରେ ପକାଇଛି । ୪୧ବର୍ଷୀୟା ବର୍ଷା ନିଜର ସତ୍ୟପାଠରେ ଦର୍ଶାଇଛନ୍ତି ଯେ, ସେ ୨୦୦୦ ମସିହାରେ କଟକସ୍ଥିତ ଖ୍ରୀଷ୍ଟ କଲେଜରୁ ଯୁକ୍ତ ଦୁଇ କଳାରେ ପାସ୍ କରିଛନ୍ତି । ତାଙ୍କର ବିବାହ ବିଚ୍ଛେଦ ହୋଇସାରିଛି । ବର୍ଷାଙ୍କର ମୋଟ ସ୍ଥାବର ଓ ଅସ୍ଥାବର ସମ୍ପତ୍ତିର ପରିମାଣ ୧ କୋଟି ୩ ଲକ୍ଷ ୫୨ହଜାର ୭୭୪ଟଙ୍କା ଦର୍ଶାଇଛନ୍ତି । ଏଥିରେ ସେ ନିର୍ବାଚନ ଲଢ଼ିବା ପାଇଁ ୩୦ଲକ୍ଷ ଟଙ୍କା ବିଜେଡିଠୁ ଋଣ ନେଇଛନ୍ତି । ଶେୟାର ମାର୍କେଟରେ ପ୍ରାୟ ୪୦ଲକ୍ଷ ଟଙ୍କା ବିନିଯୋଗ କରିଛନ୍ତି । ୨୪.୫୦ଲକ୍ଷ ଟଙ୍କାର ସୁନାଅଳଙ୍କାର ତାଙ୍କର ରହିଛି । ଖୋର୍ଦ୍ଧା ଜିଲ୍ଲାର ବେଗୁନିଆ ତହସିଲ ଅନ୍ତର୍ଗତ ବେଗୁନିଆ ମୌଜାରେ ୪ଟି ଅଣକୃଷି ଜମି ରହିଛି, ଯାହାର ଆନୁମାନିକ ମୂଲ୍ୟ ୯୦ହଜାର ଟଙ୍କା ଦର୍ଶାଇଛନ୍ତି । ବର୍ଷା ତାଙ୍କ ନାଁରେ ପୁରୀଘାଟ ଥାନାରେ ୩ଟି ଭିନ୍ନ ଭିନ୍ନ ମାମଲା ସହ ଶହୀଦନଗର ଥାନାରେ ଗୋଟିଏ ଓ ନୂଆଦିଲ୍ଲୀର ନର୍ଥ ଏଭେନ୍ୟୁ ଥାନାରେ ଗୋଟିଏ ମାମଲା ରହିଥିବା ଦର୍ଶାଇଛନ୍ତି । ଏସବୁ ଥାନାରେ ପଞ୍ଜିକୃତ ମାମଲାଗୁଡ଼ିକ ଏବେ କୋର୍ଟଙ୍କ ବିଚାରାଧୀନ ରହିଛି । କୌଣସି ମାମଲାରେ ତାଙ୍କ ନାଁରେ ଏପର୍ଯ୍ୟନ୍ତ ଚାର୍ଜଫ୍ରେମ ହୋଇନାହିଁ । ତାଙ୍କ ନାଁରେ ଆଇପିସିର ଧାରା -୧୮୬, ୩୪୧, ୩୪, ୫୦୦, ୧୭୦, ୪୪୮, ୪୬୧, ୧୨୦(ଖ), ୪୨୦,୨୯୪ ସମେତ ଅନୁସୂଚିତ ଜାତି-ଜନଜାତି ମାମଲା ମଧ୍ୟ ରହିଥିବା ଦର୍ଶାଇଛନ୍ତି ।

ଚଳିତ ନିର୍ବାଚନରେ ପ୍ରତିଦ୍ୱନ୍ଦ୍ୱିତା କରୁଥିବା ବିଜେଡି, ବିଜେପି ଓ କଂଗ୍ରେସର ମୋଟ ୬୮ଜଣ ମହିଳା ବିଧାୟିକା ପ୍ରାର୍ଥୀଙ୍କ ମଧ୍ୟରୁ ସମ୍ଭବତଃ ବର୍ଷା ଏକମାତ୍ର ମହିଳା ପ୍ରାର୍ଥୀ ଯାହାଙ୍କ ନାଁରେ ଏତେ ପରିମାଣର ଅପରାଧିକ ମାମଲା ରହିଛି । ଅବଶ୍ୟ ବର୍ଷା ନିଜର ନାଁକୁ ନେଇ ଜାଲିଆତି କରିଛନ୍ତି ବୋଲି ୨୦୨୨ ଜୁନ୍ ମାସରେ ତାଙ୍କ ପୂର୍ବତନ ସ୍ୱାମୀ ଅନୁଭବ ମହାନ୍ତି ଅଭିଯୋଗ ଆଣିଥିଲେ । ଯେଉଁଥିରେ ବର୍ଷାଙ୍କ ମାଟ୍ରିକ ସାର୍ଟିଫିକେଟ୍, ଆଧାର କାର୍ଡ, ପ୍ୟାନ କାର୍ଡ ଓ ପାସପୋର୍ଟ, ସହ ବ୍ୟାଙ୍କ ଆକାଉଣ୍ଟରେ ଭିନ୍ନ ଭିନ୍ନ ନାଁ ଥିବା ସେ ଦର୍ଶାଇଛନ୍ତି । ତେବେ ନିର୍ବାଚନ କମିଶନଙ୍କ ପାଖରେ ବର୍ଷା ଦାଖଲ କରିଥିବା ଫର୍ମ ୨୬ ରୁଲସ-୪(କ)ରେ ନିଜ ପିତାଙ୍କ ନାଁ ଉଲ୍ଲେଖ କରିନଥିବାବେଳେ ମା'ଙ୍କ ନାଁ Dipa Sahu ଉଲ୍ଲେଖ କରିଛନ୍ତି । ଯଦିଓ ଏହି ନାମାଙ୍କନ ପତ୍ର ସହ ସେ ଦାଖଲ କରିଥିବା ଅନ୍ୟ ଏକ ଅତିରିକ୍ତ ସତ୍ୟପାଠରେ ବର୍ଷା ତାଙ୍କ ମା'ଙ୍କ ଠିକ୍ ନାଁ Deepa Sahu ଦର୍ଶାଇଛନ୍ତି । ମା'ଙ୍କ ନାମ ନିର୍ବାଚନ କମିଶନଙ୍କ ଦ୍ୱାରା ଜାରି ଭୋଟ ପରିଚୟ ପତ୍ରରେ ଭୁଲ୍ ଅଛି ବୋଲି ଉଲ୍ଲେଖ କରିଥିବା ବର୍ଷା କାହିଁକି ଏପର୍ଯ୍ୟନ୍ତ ନିଜ ମା'ଙ୍କ ସଂଶୋଧିତ ପରିଚୟ ପତ୍ର ଜାରି କରିନାହାନ୍ତି ତାକୁ ନେଇ ବି ସନ୍ଦେହ ସୃଷ୍ଟି ହୋଇଛି । ଏସବୁକୁ ବିବାଦୀୟ ସ୍ଥିତିକୁ ଦେଖିଲେ ନିର୍ବାଚନ ରିଟର୍ଣ୍ଣିଂ ଅଫିସର ଏଭଳି ତ୍ରୁଟିଯୁକ୍ତ ନାମାଙ୍କନକୁ ରଦ୍ଦ କରୁଛନ୍ତି କି ଅନୁମୋଦନ ଦେଉଛନ୍ତି ତାହା ଉପରେ ସମସ୍ତଙ୍କ ନଜର । ଉଲ୍ଲେଖଯୋଗ୍ୟ, ସ୍ୱାଧୀନତା ସଂଗ୍ରାମୀଙ୍କ ମାଟି ବଡ଼ଚଣାରେ ଦଳୀୟ ନେତା ଓ କର୍ମୀଙ୍କୁ ଅଣଦେଖା କରି ବିଜେଡି ଅପ୍ରତ୍ୟାଶିତ ଭାବେ ଅଭିନେତ୍ରୀ ବର୍ଷା ପ୍ରିୟଦର୍ଶିନୀଙ୍କୁ ସେଠାରେ ବିଧାୟକ ପ୍ରାର୍ଥୀ କରିଛି । ବର୍ଷା ବଡ଼ଚଣାର ପାଣିପବନ, ଭୂଗୋଳ-ଇତିହାସ ସହ ଜଡ଼ିତ ନଥାଇ ମଧ୍ୟ ବିଜେଡି ନେତୃତ୍ୱ ନିଜର ପତିଆରା ଦେଖାଇବାକୁ ସେଠାରେ ତାଙ୍କୁ ପ୍ରାର୍ଥୀ କରି ଦଳୀୟ କର୍ମୀ ଓ ସାଧାରଣ ଲୋକଙ୍କ ଉପରେ ବର୍ଷାଙ୍କୁ ଜିତାଇବା ପାଇଁ ଚାପ ପକାଉଥିବା ଜଣାପଡ଼ିଛି । ବର୍ଷାଙ୍କ ପ୍ରାର୍ଥୀତ୍ୱକୁ ନେଇ ବଡ଼ଚଣା ବିଜେଡିରେ ଅସନ୍ତୋଷ ଲାଗି ରହିଥିବାବେଳେ ବର୍ଷା ଆଜି ନିଜର ନାମାଙ୍କନ ପତ୍ର ଦାଖଲ କରିଛନ୍ତି । ଆଉ ସେ ଦାଖଲ କରିଥିବା ନିର୍ବାଚନୀ ସତ୍ୟପାଠକୁ ଦେଖିଲେ ବର୍ଷା ବିଗତ ଦିନରେ ଆଇନ ସହ କିଭଳି ଖେଳିଛନ୍ତି ଓ ନିଜ ନାଁକୁ ନେଇ ଜାଲିଆତି କରିଛନ୍ତି ତା'ର ବିବାଦୀୟ ଚିତ୍ର ସ୍ପଷ୍ଟ ପ୍ରତିଫଳିତ ହେଉଥିବା ସାଧାରଣରେ ଚର୍ଚ୍ଚା ।

# ଓଡ଼ିଶା ଗୃହନିର୍ମାଣ ସଂସ୍ଥାର କଟକ ଶାଖା ସ୍ଥାନାନ୍ତରକୁ ବିରୋଧ

**କଟକ (ଏନ୍.ଏମ୍.):** ରାଜ୍ୟ ସରକାର ଗୁରୁତ୍ୱପୂର୍ଣ୍ଣ ସରକାରୀ କାର୍ଯ୍ୟାଳୟଗୁଡ଼ିକ କଟକରୁ ଭୁବନେଶ୍ୱରକୁ ସ୍ଥାନାନ୍ତର କରିବା ପାଇଁ ଯୋଜନା କରି କଟକକୁ ଶ୍ରୀହୀନ କରିବାର ଯେଉଁ ପ୍ରୟାସ କରୁଛନ୍ତି, କଟକ ମହାନଗର ନାଗରିକ ମହାସଭା ପକ୍ଷରୁ ତାହାର ନିନ୍ଦା କରାଯାଇଛି । ଏହି କ୍ରମରେ ଓଡ଼ିଶା ରାଜ୍ୟ ଗୃହ ନିର୍ମାଣ ସଂସ୍ଥାର କଟକର ଅରୁଣୋଦୟ ମାର୍କେଟ ପରିସରସ୍ଥିତ ଆଞ୍ଚଳିକ ଶାଖା କାର୍ଯ୍ୟାଳୟକୁ ଆସନ୍ତା ୨୬ ତାରିଖ ସୁଦ୍ଧା ଭୁବନେଶ୍ୱରର ଡୁମୁଡୁମାକୁ ଉଠାଇ ନେବା ପାଇଁ ସଂପୃକ୍ତ ସଂସ୍ଥାର ପରିଚାଳନା ନିର୍ଦ୍ଦେଶକ ନିର୍ଦ୍ଦେଶ ଦେଇଥିବା ଜଣାପଡ଼ିଛି ବୋଲି ନାଗରିକ ମହାସଭା ପକ୍ଷରୁ ଅଭିଯୋଗ କରାଯାଇଛି । ଏ ସମ୍ପର୍କରେ ସୂଚନା ଦେଇ ନାଗରିକ ମହାସଭାର ସଭାପତି ଡାକ୍ତର ରବି ରଞ୍ଜନ ସାହୁ ଏକ ପ୍ରେସ୍ ବିଜ୍ଞପ୍ତି ମାଧ୍ୟମରେ ଦର୍ଶାଇଛନ୍ତି ଯେ ଗୁରୁତ୍ୱପୂର୍ଣ୍ଣ ସରକାରୀ କାର୍ଯ୍ୟାଳୟଗୁଡ଼ିକ କଟକରୁ ରାଜଧାନୀ ଭୁବନେଶ୍ୱରକୁ ଇତି ମଧ୍ୟରେ ସ୍ଥାନାନ୍ତର କରାଯାଇସାରିଛି । ତେବେ ଓଡ଼ିଶା ରାଜ୍ୟ ଗୃହ ନିର୍ମାଣ ସଂସ୍ଥାର ଆଞ୍ଚଳିକ ଶାଖାକୁ ଭୁବନେଶ୍ୱର ସ୍ଥାନାନ୍ତର ପାଇଁ ଏବେ ଯେଉଁ ଉଦ୍ୟମ ଆରମ୍ଭ ହୋଇଛି, ତାହାଦ୍ୱାରା ସଂସ୍କୃତି ସମ୍ପନ୍ନ ଐତିହାସିକ କଟକର ସହର ଗୁରୁତ୍ୱ ହରାଇବାକୁ ଯାଉଛି ବୋଲି ସେ କହିଛନ୍ତି । ପୂର୍ବରୁ ଏହି ଶାଖା କାର୍ଯ୍ୟାଳୟକୁ ଭୁବନେଶ୍ୱର ସ୍ଥାନାନ୍ତର ପାଇଁ ଯୋଜନା କରାଯାଇଥିବାବେଳେ, ତାହାକୁ ରାଜ୍ୟ ସରକାର ସେତେବେଳେ ସ୍ଥଗିତ ରଖିଥିଲେ । ମାତ୍ର ଏବେ ପୁଣି ସ୍ଥାନାନ୍ତର ପାଇଁ ପ୍ରକ୍ରିୟା ଆରମ୍ଭ ହୋଇଯାଇଛି । ଏହି ଶାଖା ଅଧିନରେ କଟକ ଓ ଏହାର ନିକଟବର୍ତ୍ତୀ ୧୦ ଜିଲ୍ଲାର ଅଧିବାସୀ ନିର୍ଭରଶୀଳ । ଯଦି ଏହାକୁ ଭୁବନେଶ୍ୱର ସ୍ଥାନାନ୍ତର କରାଯାଏ, ସଂପୃକ୍ତ ଜିଲ୍ଲାଗୁଡ଼ିକର ଅଧିବାସୀ ବହୁ ଅସୁବିଧାର ସମ୍ମୁଖୀନ ହେବା ସହ ନିଜ ନିଜର କାର୍ଯ୍ୟ ପାଇଁ ସେମାନଙ୍କୁ ଅଯଥାରେ ଖର୍ଚ୍ଚାନ୍ତ ହେବାକୁ ପଡ଼ିବ ବୋଲି ନାଗରିକ ମହାସଭାର ସଭାପତି ଡାକ୍ତର ସାହୁ ଦର୍ଶାଇଛନ୍ତି । ସରକାର ତୁରନ୍ତ ଓଡ଼ିଶା ରାଜ୍ୟ ଗୃହନିର୍ମାଣ ସଂସ୍ଥାର କଟକ ଶାଖା ସ୍ଥାନାନ୍ତର ନିଷ୍ପତ୍ତିରେ ହସ୍ତକ୍ଷେପ କରି ଏହି ନିଷ୍ପତ୍ତିକୁ ସ୍ଥାନୀୟ ଜନସାଧାରଣଙ୍କର ସ୍ୱାର୍ଥ ଦୃଷ୍ଟିରୁ ବାତିଲ କରନ୍ତୁ ବୋଲି ଡାକ୍ତର ସାହୁ ମୁଖ୍ୟମନ୍ତ୍ରୀଙ୍କ ନିକଟରେ ଦୃଢ଼ ଦାବି ଉପସ୍ଥାପନ କରିଛନ୍ତି ।

# କଟକର ଉନ୍ନତି ଲକ୍ଷ୍ୟରେ ସଂତୃପ୍ତଙ୍କ ବିଚାରପତ୍ର ମୋ କଟକ ଉନ୍ମୋଚିତ



**କଟକ(ଏନ୍.ଏମ୍.):** କଟକ ଲୋକସଭା ନିର୍ବାଚନମଣ୍ଡଳୀରେ ବିଜେଡି ପ୍ରାର୍ଥୀ ଡ.ସଂତୃପ୍ତ ମିଶ୍ରଙ୍କ ପକ୍ଷରୁ ଆଜି ବିଚାରଧାରାର ଇସ୍ତାହାର ବା ବିଚାରପତ୍ର ମୋ କଟକ ଉନ୍ମୋଚନ ହୋଇଛି । ସ୍ଥାନୀୟ ସାରଳା ଭବନ ଠାରେ ଆୟୋଜିତ ଏହି ଉନ୍ମୋଚନ ଉତ୍ସବରେ ଅବସରରେ ସଂତୃପ୍ତ ମିଶ୍ର ଯୋଗଦେଇ ତାଙ୍କର ବିଚାରପତ୍ର ଉପରେ ବିବରଣୀ ଉପସ୍ଥାପନ କରିଥିଲେ । ବିଜୁଜନତା ଦଳର ଐତିହାସିକ ନିର୍ବାଚନୀ ଇସ୍ତାହାର ଦ୍ୱାରା ଅନୁପ୍ରେରିତ ତାଙ୍କର ଏହି ବିଚାରପତ୍ର । ତେବେ ଏହି ବିଚାରପତ୍ର ପ୍ରତିଶ୍ରୁତି ନୁହେଁ ବରଂ କଟକ ସଂସଦୀୟ କ୍ଷେତ୍ରର ଉନ୍ନତି ଲକ୍ଷ୍ୟରେ ପ୍ରସ୍ତୁତ ହୋଇଥିବା ଯୋଜନାର ନକ୍ସା ବୋଲି କହିଛନ୍ତି ଶ୍ରୀ ମିଶ୍ର । ମୋ କଟକ ବିଚାରପତ୍ର ମୁଖ୍ୟତଃ ଅର୍ଥନୈତିକ ନବକଳେବର, ବୌଦ୍ଧିକ ବିସ୍ତାର, ସାଂସ୍କୃତିକ ପୁନଃକଳ୍ପନା ଓ ସର୍ବୋପରି ସମୃଦ୍ଧ କଟକ ଉପରେ ପର୍ଯ୍ୟବେସିତ ହୋଇଛି । କଟକ ସଂସଦୀୟ କ୍ଷେତ୍ର ଅନ୍ତର୍ଗତ ସମସ୍ତ ୭ ବିଧାନସଭା କ୍ଷେତ୍ର ପାଇଁ ଆଗାମୀ ଯୋଜନା ସମ୍ପର୍କରେ ଡ. ମିଶ୍ର ଉଲ୍ଲେଖ କରିଛନ୍ତି । ଆଠଗଡ ଓ ବଡମ୍ବା ପାଇଁ ଉତ୍ପାଦନ କ୍ଲଷ୍ଟର, କୃଷି ଓ ବୟନଶିଳ୍ପ ଭିତ୍ତିକ ଦକ୍ଷତା କେନ୍ଦ୍ର ସ୍ଥାପନ, ପନିପରିବା ଓ ମାଛ ସଂରକ୍ଷଣ ପାଇଁ ଶୀତଳଭଣ୍ଡାର ଉପରେ ସେ ଗୁରୁତ୍ୱ ଦେଇଛନ୍ତି । ବାଙ୍କୀ ପାଇଁ ଅଧିକ ସେତୁ ନିର୍ମାଣ ସହିତ ଅଂଶୁପାର ରୂପାନ୍ତରଣ ପାଇଁ ଯୋଜନା ରଖାଯାଇଛି । ବାରବାଟୀ-କଟକ ପାଇଁ ସାର୍ବଜନିନ ପାର୍କିଂ, ପ୍ରଯୁକ୍ତି ଆଧାରିତ ଡ୍ରେନେଜ, ବିକାଶମୂଳକ କାମକୁ ଆଗେଇନେବା ପାଇଁ ସାଂସଦ, ବିଧାୟକ, ମେୟର ଓ ଜିଲ୍ଲାପାଳଙ୍କ କାର୍ଯ୍ୟାଳୟ ଆଗରେ ସହଭାଗୀ ମଞ୍ଚ କରିବା ପାଇଁ ଯୋଜନା ରହିଛି । ଚୌଦ୍ୱାରରେ ବିଶ୍ୱସ୍ତରୀୟ ଲଜିଷ୍ଟିକ ଓ ପଣ୍ୟଗାର ପ୍ରତିଷ୍ଠା ଓ ଚୌଦ୍ୱାର ଏମଏସଏମଇ କେନ୍ଦ୍ର ପ୍ରତିଷ୍ଠା ସଦରରେ ଖାଦ୍ୟ ପ୍ରକ୍ରିୟାକରଣର ହବ୍ ସହ ଦୁଇଟି ଇଣ୍ଡୋର ଷ୍ଟାଡିୟମ, ବିଶାଳ ଟ୍ରକ ପାର୍କିଂ ସ୍ଥାନ ନିର୍ମାଣ ଉପରେ ଗୁରୁତ୍ୱ ଦିଆଯାଇଛି । ସେହିଭଳି ଖଣ୍ଡପଡାରେ ମଧ୍ୟ ଅନୁରୂପ ଯୋଜନା ସହ ପଠାଣି ସାମନ୍ତ ଜାତୀୟ ସ୍ମାରକୀ ଓ ପର୍ଯ୍ୟବେକ୍ଷଣ କେନ୍ଦ୍ର ଏବଂ ନରସିଂହପୁର-ଖଣ୍ଡପଡାକୁ ସେତୁ ସଂଯୋଗୀକରଣକୁ ଉକ୍ତ ବିଚାରପତ୍ରରେ ପ୍ରାଧାନ୍ୟ ଦିଆଯାଇଛି । ଏହି ଉନ୍ମୋଚନ ଉତ୍ସବରେ ରାଜ୍ୟସଭା ସାଂସଦ ଦେବାଶିଷ ସାମନ୍ତରାୟ, ଆଠଗଡ ବିଜେଡି ବିଧାୟକ ପ୍ରାର୍ଥୀ ରଣେନ୍ଦ୍ର ପ୍ରତାପ ସ୍ୱାଇଁ, କଟକ ମେୟର ସୁବାସ ସିଂହ, ବଡମ୍ବା ବିଧାୟକ ପ୍ରାର୍ଥୀ ଦେବୀପ୍ରସାଦ ମିଶ୍ର, ଚୌଦ୍ୱାର-କଟକ ବିଧାୟକ ପ୍ରାର୍ଥୀ ସୌଭିକ ବିଶ୍ୱାଳ, ନଗର ବିଜେଡି ସଭାପତି ମଧୁସୂଦନ ସାହୁ ପ୍ରମୁଖ ଯୋଗଦେଇ ବକ୍ତବ୍ୟ ରଖିଥିଲେ । କାର୍ଯ୍ୟକ୍ରମ ଅଶୋକ ବଳ ପରିଚାଳନା କରିଥିବାବେଳେ ଭବାନୀ ମହାନ୍ତି ଧନ୍ୟବାଦ ଦେଇଥିଲେ ।




# ଶେଷ ହେବ ଆଣ୍ଡରସନ ଯୁଗ, ଘୋଷଣା କଲେ ଅବସର



**ନୂଆଦିଲ୍ଲୀ(ଏଜେନ୍ସି):** ଶେଷ ହେବାକୁ ଯାଉଛି ଜେମ୍ସ ଆଣ୍ଡରସନ ଯୁଗ। ଇଂଲଣ୍ଡର କିମ୍ବଦନ୍ତୀ ତଥା ଭେଟରାନ ସ୍ୱିଡଷ୍ଟର ଜେମ୍ସ ଆଣ୍ଡରସନ ଟେଷ୍ଟ କ୍ରିକେଟରୁ ନେବେ ଅବସର। ଆଜି ସେ ଏ ସମ୍ପର୍କରେ ଘୋଷଣା କରିଛନ୍ତି।ଜୁଲାଇ ୧୦ରେ ସେ ୱେଷ୍ଟଇଣ୍ଡିଜ ବିପକ୍ଷରେ ନିଜ ଟେଷ୍ଟ କ୍ୟାରିୟରର ଶେଷ ମ୍ୟାଚ୍ ଖେଳିବେ। ଐତିହାସିକ ଲର୍ଡସ ଟେଷ୍ଟ ହେବ ୪୧ ବର୍ଷୀୟ ଆଣ୍ଡରସନଙ୍କ ଶେଷ ମ୍ୟାଚ୍। ଅନ୍ତର୍ଜାତୀୟ କ୍ରିକେଟକୁ ଅଲବିଦା କହିବାକୁ ଯାଉଥିବା ଆଣ୍ଡରସନ ସୋଶାଲ ମିଡିଆରେ ସମସ୍ତଙ୍କୁ ଜଣାଇଛନ୍ତି। ଆଣ୍ଡରସନ ଏବେ ବିଶ୍ୱ ଟେଷ୍ଟ କ୍ରିକେଟର ତୃତୀୟ ସର୍ବାଧିକ ୱିକେଟ ଦଖଲକାରୀ ଖେଳାଳି। ତାଙ୍କ ଉପରେ ମୁଥିଆ ମୁରଲୀଧରନ ଓ ଶେନ ୱାର୍ଣ୍ଣ ରହିଛନ୍ତି। ଆଣ୍ଡରସନ ୨୦୦୩ରୁ ଇତିମଧ୍ୟରେ ୧୮୭ଟି ଟେଷ୍ଟ କରି ୭୦୦ଟି ୱିକେଟ ନେଇଛନ୍ତି। ୭୦୮ ୱିକେଟ ସହ ୱାର୍ଣ୍ଣ ଦ୍ୱିତୀୟ ଓ ୮୦୦ ୱିକେଟ ସହ ମୁରଲୀଧରନ ୧ନଂ ସ୍ଥାନରେ ରହିଛନ୍ତି। ଆଣ୍ଡରସନ କହିଛନ୍ତି, "ସମସ୍ତଙ୍କୁ ହାଏ। ଗୋଟିଏ କଥା କହିବାକୁ ଚାହୁଁଛି ଯେ ଲର୍ଡସରେ ମୁଁ ମୋର ଶେଷ ଟେଷ୍ଟ ଖେଳିବାକୁ ଯାଉଛି। ଦେଶକୁ ୨୦ ବର୍ଷ ଧରି ପ୍ରତିନିଧିତ୍ୱ କରିବା ଗୋଟିଏ ଅଭୂତପୂର୍ବ ଘଟଣା। ପିଲା ବେଳୁ ଯେଉଁ ଖେଳକୁ ଭଲ ପାଉଥିଲି, ସେଥିରେ ମୁଁ ରହିଥିଲି। ଇଂଲଣ୍ଡ ପାଇଁ ଖେଳିବା ଦିନକୁ ମିସ କରିବି। କିନ୍ତୁ ବାହାରେ ପାଦ ରଖିବାକୁ ଏହା ଉପଯୁକ୍ତ ସମୟ। ମୁଁ ଯେମିତି ମୋର ସ୍ୱପ୍ନ ପୂରଣ କରିଛି, ଅନ୍ୟମାନେ ମଧ୍ୟ ଏହାର ସୁଯୋଗ ପାଇବା ଉଚିତ। କାରଣ ଏହା ଠାରୁ ବଡ଼ ଅନୁଭବ କିଛି ହୋଇ ନପାରେ।ମୋତେ ଦୀର୍ଘ ବର୍ଷ ହେଲା ସହଯୋଗ ଓ ସମର୍ଥନ କରି ଆସିଥିବା ସମସ୍ତଙ୍କୁ ଧନ୍ୟବାଦନ। ସମସ୍ତ ଖେଳାଳି ଓ କୋଚମାନଙ୍କୁ ମଧ୍ୟ ଧନ୍ୟବାଦ। ଆଗକୁ ପଡ଼ିଥିବା ଚ୍ୟାଲେଞ୍ଜ ପାଇଁ ମୁଁ ବେଶ ଉତ୍ସାହିତ। ଅଧିକ ସମୟ ଗଲ୍ଫ ଖେଳି କାଟିବି। ସମସ୍ତଙ୍କୁ ଧନ୍ୟବାଦ।" ୨୦ ବର୍ଷ ଧରି ଟେଷ୍ଟ କ୍ରିକେଟ ଖେଳିଥିବା ଆଣ୍ଡରସନ ସୀମିତ ଓଭର କ୍ରିକେଟରେ ମଧ୍ୟ ନିଜର ଜଲୱା ଦେଖାଇଛନ୍ତି। ସେ ଇଂଲଣ୍ଡ ପାଇଁ ୧୯୪ଟି ଦିନିକିଆରେ ୨୬୯ ଓ ୧୯ଟି ଟି-୨୦ରେ ୧୮ଟି ୱିକେଟ ନେଇଥିଲେ।୨୦୧୫ ବିଶ୍ୱକପ ପରଠାରୁ ସେ ଆଉ ସୀମିତ ଓଭର କ୍ରିକେଟରେ ନଜର ଆସି ନଥିଲେ। ସେ କେବଳ ଟେଷ୍ଟ କ୍ରିକେଟ ଖେଳିବାରେ ଲାଗିଥିଲେ। ଷ୍ଟୁଆର୍ଟ ବ୍ରଡ ଓ ଆଣ୍ଡରସନଙ୍କ ଯୋଡ଼ି ଇଂଲଣ୍ଡ ପାଇଁ ଟେଷ୍ଟରେ ଦୀର୍ଘ ବର୍ଷ ହେଲା କମାଲ କରି ଚାଲିଥିଲେ। ପ୍ରଥମେ ବ୍ରଡ ଓ ଏବେ ଆଣ୍ଡରସନ ମଧ୍ୟ କ୍ରିକେଟକୁ ଅଲବିଦା କହିଛନ୍ତି।୨୦୦୩ ମେ' ମାସରେ ଆଣ୍ଡରସନ ଜିମ୍ବାୱେ ବିପକ୍ଷ ଟେଷ୍ଟରେ ଡେବ୍ୟୁ କରିଥିଲେ। ଦୀର୍ଘ ୨୧ ବର୍ଷ ମଧ୍ୟରେ ସେ ୧୮୭ଟି ଟେଷ୍ଟ ଖେଳି ସାରିଲେଣି। ୪୧ ବର୍ଷ ବୟସରେ ପାଦ ଥାପି ସାରିଥିବା ଆଣ୍ଡରସନ ଏବେ ବି ସମାନ ରନଅପ ଓ ସମାନ ପେସରେ ବୋଲିଂ ଜାରି ରଖିଛନ୍ତି। ଟେଷ୍ଟ କ୍ରିକେଟରେ ଦ୍ରୁତ ବୋଲର ଭାବେ ସର୍ବାଧିକ ୱିକେଟ ଦଖଲ କରିଥିବା ତାଲିକାରେ ଆଣ୍ଡରସନଙ୍କ ପଛକୁ ୬୦୪ ୱିକେଟ ସହ ଷ୍ଟୁଆର୍ଟ ବ୍ରଡ ଓ ଗ୍ଲେନ ମ୍ୟାଗ୍ରାଥ ( ୫୬୩) ରହିଛନ୍ତି। ଭାରତ ବିପକ୍ଷରେ ସେ ୧୪୯ଟି ୱିକେଟ ନେଇଛନ୍ତି। ଏହା ମଧ୍ୟରୁ ୪୪ଟି ୱିକେଟ ଭାରତରେ ଖେଳିଥିବା ୧୭ଟି ଟେଷ୍ଟରୁ ମିଳିଛି। ଆଣ୍ଡରସନ ଘରୋଇ ମାଟି ଅର୍ଥାତ ଇଂଲଣ୍ଡରେ ୪୩୪ ଓ ବିଦେଶରେ ୨୬୬ ୱିକେଟ ନେଇଛନ୍ତି। କେବଳ ଏସିଆରେ ତାଙ୍କ ୱିକେଟ ସଂଖ୍ୟା ୯୨ ରହିଛି। ଆଣ୍ଡରସନ ତାଙ୍କ ଟେଷ୍ଟ କ୍ୟାରିୟରରେ ଜିମ୍ବାୱେର ମାର୍କ ଭେରମେଉଲେନଙ୍କୁ ଆଉଟ କରି ପ୍ରଥମ ୱିକେଟ ପାଇଥିଲେ। ଏହାପରେ ଜ୍ୟାକ କ୍ୟାଲିସଙ୍କୁ ଆଉଟ କରି ୧୦୦ତମ, ଅଷ୍ଟ୍ରେଲିଆର ପିଟର ସିଡ୍ଲଙ୍କୁ ଆଉଟ କରି ୨୦୦ତମ, ନ୍ୟୁଜିଲ୍ୟାଣ୍ଡର ପିଟର ଫୁଲଟନଙ୍କୁ ଆଉଟ କରି ୩୦୦ତମ, ମାର୍ଟିନ ଗପ୍ଟିଲଙ୍କୁ ଆଉଟ କରି ୪୦୦ତମ, ୱେଷ୍ଟଇଣ୍ଡିଜର କ୍ରେଗ ବ୍ରାଥୱେଟଙ୍କୁ ଆଉଟ କରି ୫୦୦ତମ ଓ ପାକିସ୍ତାନର ଆଝାର ଅଲୀଙ୍କୁ ଆଉଟ କରି ଆଣ୍ଡରସନ ୬୦୦ତମ ୱିକେଟ ଦଖଲ କରିଥିଲେ। ସେହିପରି ନିକଟରେ ଭାରତର କୁଲଦୀପ ଯାଦବଙ୍କୁ ଆଉଟ କରି ସେ ତାଙ୍କ ଟେଷ୍ଟ କ୍ୟାରିୟରର ୭୦୦ ୱିକେଟ ପୂରଣ କରିଥିଲେ।

# ୨୦୦ ମିଟର ଫାଇନାଲ୍‌ରେ ଶ୍ରାବଣୀ




**ଭୁବନେଶ୍ୱର(ଏନ୍.ଏମ୍.):** ଚଳିତ ଫେଡେରେସନ୍ କପ୍ ଦୌଡ଼କୁଦ ପ୍ରତିଯୋଗିତାର ମହିଳା ୨୦୦ ମିଟର ଦେ?ଡ଼ ଫାଇନାଲ୍ରେ ଓଡ଼ିଆ ଝିଅ ତଥା ଅଲିମ୍ପିଆନ୍ ଶ୍ରାବଣୀ ନନ୍ଦ ପ୍ରବେଶ କରିଛନ୍ତି। ହିଟ୍-୨ରେ ଶ୍ରାବଣୀ ୨୪.୧୮ ସେକେଣ୍ଡ ସହ ପ୍ରଥମରେ ରହି ପଦକ ଦୌଡ଼ରେ ସାମିଲ ହୋଇଛନ୍ତି। ପୁରୁଷ ୨୦୦ ମିଟର ଫାଇନାଲରେ ଓଡ଼ିଶାର ଦୁଇ ଖେଳାଳି ଦଣ୍ଡପାଟି ମୃତ୍ୟମ ଜୟରାମ ଓ ଅନିମେଶ କୁଜୁର ପହଞ୍ଚିଛନ୍ତି। ସେମିଫାଇନାଲ୍ ହିଟ୍-୩ରେ ଉଭୟ ଦେ?ଡ଼ିଥିଲେ। ଅନିମେଶ (୨୦.୮୧) ପ୍ରଥମ ଏବଂ ଜୟରାମ (୨୧.୬୬) ତୃତୀୟ ସ୍ଥାନରେ ରହି ଏହି ଯୋଗ୍ୟତା ଅର୍ଜନ କରିଥିଲେ। ଶନିବାର ଠାରୁ ଆରମ୍ଭ ହୋଇଥିବା ଏହି ପ୍ରତିଯୋଗିତା ବୁଧବାର ସରିବ।

# ଆରସିବି ଦୌଡ଼ରେ ସାମିଲ



**ବେଙ୍ଗାଲୁରୁ(ଏଜେନ୍ସି):** ପ୍ରଥମ ୮ ମ୍ୟାଚରୁ ୭ଟିରେ ପରାଜୟ ବରଣ କରିଥିବା ରୟାଲ୍ ଚ୍ୟାଲେଞ୍ଜର୍ସ ବେଙ୍ଗାଲୁରୁ ପରବର୍ତ୍ତୀ ୫ରୁ ୫ ଜିତି ପ୍ଲେ ଅଫ୍ ଦୌଡ଼ରେ ସାମିଲ ହୋଇଛି। ହାତରେ ଆଉ ମାତ୍ର ଗୋଟିଏ ମ୍ୟାଚ୍ ଥିବାବେଳେ ଫ୍ଲାପ ଡୁ ପ୍ଲେସିସ୍‌ଙ୍କ ଦଳ ସପ୍ତମ ସ୍ଥାନରୁ ପଞ୍ଚମକୁ ଲମ୍ଫ ଦେଇଛି। ଗତ ରବିବାର ରାତିରେ ଖେଳାଯାଇଥିବା ମ୍ୟାଚରେ ଆରସିବି ୪୭ ରନର ବଡ଼ ବ୍ୟବଧାନରେ ଦିଲ୍ଲୀ କ୍ୟାପିଟାଲ୍ସକୁ ପରାସ୍ତ କରିଛି। ନିଜ ଅନ୍ତିମ ଲିଗ୍ ମ୍ୟାଚ୍ରେ ଆର୍ସିବି ଭେଟିବ ଚେନ୍ନାଇ ସୁପର୍ କିଙ୍ଗ୍ସକୁ। ଏହି ମ୍ୟାଚ୍ ଆସନ୍ତା ଶନିବାର ବେଙ୍ଗାଲୁରୁରେ ଖେଳାଯିବ। ୨୦୦ ରନ୍ ସଂଗ୍ରହ କରି ଅନ୍ୟୁନ ୧୮ ରନରେ ଜିତିଲେ ଆର୍ସିବି ଆଗକୁ ବଢ଼ିଯିବା ସମ୍ଭାବନା ରହିଛି। ରବିବାର ଆର୍ସିବିର ୧୮୭ ରନକୁ ପିଛା କରି ଦିଲ୍ଲୀ କ୍ୟାପିଟାଲ୍ସ ଚତୁର୍ଥ ଓଭର ବେଳକୁ ୩୦ ରନ୍ରେ ୪ ୱିକେଟ୍ ହରାଇ ଦେବା ପରେ ଆଉ ଲଢ଼ି ପାରିନଥିଲା। ଡେଭିଡ୍ ୱାର୍ଣ୍ଣର, ଜ୍ୟାକ୍ ଫ୍ରେଜର ମ୍ୟାକ୍ଗର୍କ, ଅଭିଷେକ ପୋରେଲ୍, କୁମାର କୁଶାଗ୍ରା ଶସ୍ତାରେ ପ୍ୟାଭିଲିଅନ୍ ଫେରିଯାଇଥିଲେ। ମଧ୍ୟକ୍ରମରେ ସାଇ ହୋପ୍ (୨୩ ବଲ୍ରୁ ୨୯ ରନ୍) ଏବଂ ଅକ୍ଷର ପଟେଲ୍ (୩୯ ବଲ୍ରୁ ୫୭ ରନ୍, ୫ ଚେ?କା, ୩ ଛକା) କିଛିଟା ପ୍ରତିଆକ୍ରମଣ କରିଥିଲେ ମଧ୍ୟ ଏଥିରୁ ସୁଫଳ ମିଳିନଥିଲା। ୫ ବଲ୍ ପୂର୍ବରୁ ଦିଲ୍ଲୀ କ୍ୟାପିଟାଲ୍ସ ୧୪୦ ରନ୍ରେ ସମସ୍ତ ୱିକେଟ୍ ହରାଇ ଦେଇଥିଲା। ୟାଶ ଦୟାଲ୍ (୩.୧-୦-୨୦-୩) ସଫଳ ବୋଲର ଭାବେ ଦିଲ୍ଲୀର ସର୍ବାଧିକ କ୍ଷତି ଘଟାଇଥିଲେ। ଲୋକି ଫରଗୁସନ୍, ମହମ୍ମଦ ସିରାଜ, ସ୍ୱପ୍ନୀଲ ସିଂହ, କାମେରନ୍ ଗ୍ରିନ୍ ପ୍ରମୁଖ ଅବଶିଷ୍ଟ ୫ ୱିକେଟ୍ ବାଣ୍ଟି ନେଇଥିଲେ। ମ୍ୟାକଗର୍କ ଓ ଷ୍ଟବ୍ସ ରନ୍ଆଉଟ୍ ହେବା ଦିଲ୍ଲୀକୁ ଦାବି ଦେଇଥିଲା। ଏହି ପରାଜୟ ସହ ଦିଲ୍ଲୀ କ୍ୟାପିଟାଲ୍ସର ପ୍ଲେ ଅଫ୍ ଆଶାକୁ ଶକ୍ତ ଝଟକା ଲାଗିଛି। ଋଷଭ ପନ୍ତ୍‌ଙ୍କ ଦଳ ନିଜ ଅନ୍ତିମ ଲିଗ୍ ମ୍ୟାଚରେ ଆସନ୍ତା ମଙ୍ଗଳବାର ଲକ୍ଷ୍ନୌ ସୁପର୍ ଜାଏଣ୍ଟ୍ସକୁ ଦିଲ୍ଲୀର ଅରୁଣ ଜେଟଲୀ ଷ୍ଟାଡିୟମରେ ଭେଟିବ।

# ୩୦୦ ରନ୍ ସୁଯୋଗ ପାଇଁ 'ଇମ୍ପାକ୍ଟ ପ୍ଲେୟର' ଦାୟୀ




**ନୂଆଦିଲ୍ଲୀ(ଏଜେନ୍ସି):** ଦିନ ଥିଲା ଏକଦିବସୀୟ ମ୍ୟାଚ୍ରେ ୨୦୦ ରନ୍କୁ ବହୁତ ବଡ଼ କୁହାଯାଉଥିଲା। କିନ୍ତୁ ଏବେ ଟ୍ୱେଣ୍ଟି-୨୦ରେ ୩୦୦ ରନ୍ ସାଧାରଣ ହୋଇଗଲାଣି। ଚଳିତ ଆଇପିଏଲ୍ରେ ଅନେକ ମ୍ୟାଚ୍ଗୁଡ଼ିକର ସ୍କୋର ୩୦୦ ପାଖାପାଖି ହୋଇଯାଉଛି। ହେଲେ ରନ୍ର ପାହାଡ଼ ଛିଡ଼ା ହୋଇପାରୁଥିବା ଘଟଣାଗୁଡ଼ିକର କାରଣ 'ଇମ୍ପାକ୍ଟ ପ୍ଲେୟର' ବୋଲି ଅଷ୍ଟ୍ରେଲିଆର ପୂର୍ବତନ କ୍ରିକେଟର୍ ତଥା ଦିଲ୍ଲୀ କ୍ୟାପିଟାଲ୍ସ ମୁଖ୍ୟ ପ୍ରଶିକ୍ଷକ ରିକି ପଣ୍ଟିଂ ଏକ ସାକ୍ଷାତକାରରେ କହିଛନ୍ତି। ପଣ୍ଟିଂଙ୍କ ଅନୁସାରେ, ଇମ୍ପାକ୍ଟ ପ୍ଲେୟର ନିୟମ ଆସିବା ଦ୍ୱାରା ବ୍ୟାଟର୍ମାନେ ନିର୍ଭୀକ ହୋଇଯାଇଛନ୍ତି ଏବଂ ପୂର୍ବାପେକ୍ଷା ଅଧିକ ଶକ୍ତ ପ୍ରହାର କରିପାରୁଛନ୍ତି। ପୂର୍ବରୁ ବ୍ୟାଟର୍ମାନେ ପିଚ୍ରେ ଜମିଯିବାକୁ ଅନ୍ୟୁନ ୫/୬ ବଲ୍ ଖେଳୁଥିଲେ। କିନ୍ତୁ ଏବେ ପ୍ରଥମ ବଲରୁ ପ୍ରହାର କରିବାକୁ ଯାଉଛନ୍ତି। ଯଦି ତୁମେ ୧୫ ବଲ୍ ସାମ୍ନା କରୁଛ ତାହେଲେ ୪୦ ପାଖାପାଖି ରନ୍ ସଂଗ୍ରହ କରିପାରୁଛ। ଏହା ମ୍ୟାଚ୍ର ଫଳାଫଳରେ ବଡ଼ ଭୂମିକା ନେଉଛି। ଯାହାଫଳରେ ଦଳଗୁଡ଼ିକ ତ୍ରିଶତକ ପାଖାପାଖି ରନ୍ କରୁଛନ୍ତି ଏବଂ କେତେକ କ୍ଷେତ୍ରରେ ସେଗୁଡ଼ିକ ସଫଳ ପଶ୍ଚାଦ୍ଧାବନ ମଧ୍ୟ ହୋଇଯାଉଛି ବୋଲି ପଣ୍ଟିଂ କହିଛନ୍ତି। ସେହିପରି ବ୍ୟାଟର୍ଙ୍କ ଷ୍ଟ୍ରାଇକ୍ରେଟ୍ ଉପରେ ପଣ୍ଟିଂ କହିଛନ୍ତି, ଏବେ ଆଉ ବ୍ୟାଟର୍ଙ୍କ ଷ୍ଟ୍ରାଇକ୍ରେଟ୍ ସେମାନଙ୍କ ଖେଳିବା ସ୍ଥାନ ଉପରେ ନିର୍ଭର କରୁନାହିଁ। ବରଂ ପ୍ରତ୍ୟେକ ବ୍ୟାଟରଙ୍କ ଯେକେ?ଣସି ସ୍ଥାନରେ ଖେଳିଲେ ମଧ୍ୟ କିଛି ନିର୍ଦ୍ଦିଷ୍ଟ ଷ୍ଟ୍ରାଇକରେ ରନ୍ ସଂଗ୍ରହ କରିବାକୁ ପରାମର୍ଶ ଦିଆଯାଉଛି। ପ୍ରତ୍ୟେକ ଖେଳାଳିଙ୍କ ରନ୍ ହାର ପରିବର୍ତ୍ତେ ଷ୍ଟ୍ରାଇକ୍ରେଟ୍ ବଢ଼ାଇବା ପାଇଁ ଅଧିକ ଗୁରୁତ୍ୱାରୋପ କରାଯାଉଛି। ପୂର୍ବରୁ ଟ୍ୱେଣ୍ଟି-୨୦ରେ ଯଦି ଜଣେ ଶୀର୍ଷକ୍ରମ ବ୍ୟାଟର୍ ୮୦+ରନ୍ ସଂଗ୍ରହ କରୁଥିଲେ ଓ ଅନ୍ୟ ଜଣେ ୪୦+ ରନ୍ କରୁଥିଲେ, ଏହା ସହାୟତାରେ ମ୍ୟାଚ୍ ଜିତି ହେଉଥିଲା। କିନ୍ତୁ ଏବେ ବ୍ୟାଟର୍ମାନେ କମ୍ ବଲ୍ରୁ ଅଧିକ ରନ୍ ସଂଗ୍ରହ ପାଇଁ ଚେଷ୍ଟା କରୁଛନ୍ତି। ମ୍ୟାଚ୍ରେ କେତୋଟି ବଲ୍ ଖେଳୁଛ ତାହାକୁ କେହି ଖାତିର କରନ୍ତିନି। କିନ୍ତୁ ଷ୍ଟ୍ରାଇକ୍ରେଟ୍ କେତେ ଅଧିକ ରଖିପାରୁଛ ତାହାକୁ ବିଚାର କରାଯାଉଥିବା ପଣ୍ଟିଂ କହିଛନ୍ତି।

ଆଇପିଏଲରେ ସମସ୍ତ ଦଳଙ୍କୁ ଏକ ପୂର୍ଣ୍ଣାଙ୍ଗ ଏକାଦଶ ମିଳିପାରୁନି। ଏବେ ଏହା ୧୨ ଜଣ ଖେଳାଳିଙ୍କ ଦଳ ହୋଇଗଲାଣି। ଚେନ୍ନାଇ ସୁପର କିଙ୍ଗ୍ସ ଓ ମୁମ୍ବାଇ ଇଣ୍ଡିଆନ୍ସ ଭଳି ଦଳମାନେ ବଡ଼ ସ୍କୋର ପାଇଁ ଶୀର୍ଷ କ୍ରମରେ ଜଣେ ଅଧିକ ଓଭର ପର୍ଯ୍ୟନ୍ତ ଖେଳିବା ଭଳି ଖେଳାଳିଙ୍କୁ ଛାଡୁଛନ୍ତି। କାରଣ ଜଣେ ବ୍ୟାଟର୍ ଅଧିକ ସମୟ ରହିପାରିଲେ ହାର୍ଡ ହିଟର୍ଙ୍କ ପାଇଁ ବଳକା କାମ କରିବା ସହଜ ହୋଇଯାଇଥାଏ। ଚେନ୍ନାଇର ଯଦି ଶୀର୍ଷକ୍ରମ ବିଫଳ ହୋଇଯାଉଛି, ପଛରେ ଜାଡ଼େଜା ଓ ଧୋନି ବଡ ସଟ୍ ଖେଳି ସ୍କୋର ବଦଳାଇପାରୁଛନ୍ତି। କିନ୍ତୁ ସନରାଇଜର୍ସ ହାଇଦ୍ରାବାଦର ଖେଳାଳିମାନେ ପ୍ରଥମ ବଲ୍ରୁ ହିଁ ଆକ୍ରମଣ କରିବାକୁ ଯାଉଛନ୍ତି। କାରଣ ଷ୍ଟ୍ରାଇକ୍ରେଟ୍ ଉପରେ ସମସ୍ତଙ୍କ ଧ୍ୟାନ ରହୁଛି। ଯଦି ପ୍ରତ୍ୟେକ ଖେଳାଳି ଅଧିକ ଷ୍ଟ୍ରାଇକ୍ରେଟ୍ରେ ଖେଳିବାକୁ ଯିବେ, ସେହି ଦଳ ବଡ଼ ସ୍କୋର ଠିଆ କରିପାରିବ ବୋଲି ପଣ୍ଟିଂ କହିଛନ୍ତି।

ନିଷ୍କର୍ଷର ୨୪ଘଣ୍ଟିଆ ଟିଭି ଚାନେଲ ପାଇଁ ସମସ୍ତ ବ୍ଲକ ଓ ଜିଲ୍ଲାରେ ସାମ୍ବାଦିକ ଆବଶ୍ୟକ ଆଶାୟୀ ବ୍ୟକ୍ତିମାନେ ଯୋଗାଯୋଗ କରନ୍ତୁ
nishkarsha.editor@gmail.com

ନିୟମିତ ନିଷ୍କର୍ଷ ମିଡିଆର ୟୁଟ୍ୟୁବ୍ ଚ୍ୟାନେଲ୍ ଦେଖନ୍ତୁ




ଯଦି ସବସ୍କ୍ରାଇବ୍ କରିନାହାନ୍ତି ଆଜି ହିଁ ମୋବାଇଲରେ ସବସ୍କ୍ରାଇବ୍ କରନ୍ତୁ
Nishkarsha Media
ଲାଇକ୍, କମେଣ୍ଟ୍ ଓ ସେୟାର କରନ୍ତୁ
ପ୍ରତିଦିନ ସର୍ଚ୍ଚ କରନ୍ତୁ ଆଉ ତୁରନ୍ତ ଅପଡେଟ ଖବର ପାଆନ୍ତୁ ...
ନିଜ ମୋବାଇଲ, ଟାବଲେଟ୍, ଲାପଟପ କିମ୍ବା ଡେସ୍କଟପରେ ଘରେ ବସି ଜାଣନ୍ତୁ ଦେଶ ବିଦେଶର ଖବର...
nishkarsha.com

# ରୌପ୍ୟରେ ସନ୍ତୁଷ୍ଟ ନୁହନ୍ତି ନୀରଜ




**ନୂଆଦିଲ୍ଲୀ(ଏଜେନ୍ସି):** ଦୋହା ଡାଏମଣ୍ଡ ଲିଗ୍ରେ ରେ?ପ୍ୟ ପଦକ ଜିତିଥିଲେ ମଧ୍ୟ ଏଥିରେ ସନ୍ତୁଷ୍ଟ ହୋଇନାହାନ୍ତି ଭାରତର ତାରକା ଜାଭଲିନ୍ ଫିଙ୍ଗାଳି ଅଲିମ୍ପିଆନ୍ ନୀରଜ ଚୋପ୍ରା। ମାତ୍ର ୨ ସେଣ୍ଟିମିଟର ପାଇଁ ସେ ସ୍ୱର୍ଣ୍ଣ ପଦକ ହରାଇଥିଲେ। ତଥାପି ନିଜ ପ୍ରଦର୍ଶନରେ ଆହୁରି ଉନ୍ନତି ଆଣିପାରିଥାନ୍ତେ ବୋଲି କହିଛନ୍ତି ଏହି ଅଲିମ୍ପିକ୍ ଓ ବିଶ୍ୱ ବିଜେତା। ୱାର୍ମଅପ୍ ଥ୍ରୋ ବହୁତ ଭଲ ହୋଇଥିଲା ବେଳେ ପ୍ରଥମ ଥ୍ରୋ ଖରାପ ହେଲା। ଶେଷ ଥ୍ରୋରେ ଆହୁରି ଅଧିକ ବାଟ ପକାଇ ପାରିଥାନ୍ତି। କିନ୍ତୁ ଏହା ଚଳିତ ଋତୁର ପ୍ରଥମ ପ୍ରତିଯୋଗିତା, ତେଣୁ ହାତରେ ସମୟ ଥିବାରୁ ଅଧିକ ଚାପ ନେବାକୁ ଚାହିଁନଥିଲି। ଏବେ ଆଗକୁ କ'ଣ କରିବାକୁ ହେବ ତାହା ଜାଣିପାରିଛି ଓ ସେହି ଅନୁସାରେ ପ୍ରସ୍ତୁତ ହେବି ବୋଲି ନୀରଜ କହିଛନ୍ତି। ଏଠାରେ ନୀରଜ ପ୍ରଥମ ସ୍ଥାନ ଅଧିକାର କରିଥିବା ଚେକ୍ଗଣରାଜ୍ୟର ଜ୍ୟାକବ ଭାଡଲେଚ୍ (୮୮.୩୮)ଙ୍କଠାରୁ ମାତ୍ର ୨ ସେଣ୍ଟିମିଟର ପଛରେ ପଡ଼ିଯାଇଥିଲେ। ନୀରଜଙ୍କ ପ୍ରଥମ ପ୍ରୟାସ ନିଷ୍ଫଳ ଯାଇଥିଲା ବେଳେ ଦ୍ୱିତୀୟରେ ୮୪.୯୩ ମିଟର, ତୃତୀୟରେ ୮୬.୨୪ ମିଟର, ଚତୁର୍ଥରେ ୮୬.୧୮ମିଟର, ପଞ୍ଚମରେ ୮୨.୨୮ ମିଟର, ଷଷ୍ଠରେ ୮୮.୩୬ ମିଟର୍ ଜାଭ୍ଲିନ୍ ଫିଙ୍ଗିଥିଲେ। ସେ କହିଛନ୍ତି, ଏହି ଇଭେଣ୍ଟ ପାଇଁ ଶରୀର ସଂପୂର୍ଣ୍ଣ ଭାବେ ପ୍ରସ୍ତୁତ ନଥିବା ପରି ମନେ ହେଉଥିଲା। ହେଲେ କ'ଣ ପାଇଁ ଏମିତି ହେଉଥିଲା ସେ ଜାଣି ନଥିଲେ। ଏହା ସତ୍ତ୍ୱେ ୮୮ ମିଟର ଅତିକ୍ରମ କରିପାରିଥିଲେ ବୋଲି କହିଛନ୍ତି। ଆଗକୁ ହେବାକୁ ଥିବା ପ୍ରତିଯୋଗିତା ଗୁଡ଼ିକ ପାଇଁ ଆହୁରି ଭଲ ପ୍ରସ୍ତୁତି କରିବାକୁ ହେବ। ଯଦି ଅସୁସ୍ଥ ଅନୁଭବ ସତ୍ତ୍ୱେ ୮୮ ମିଟର ଫିଙ୍ଗି ପାରିଲି, ତାହେଲେ ଆଗକୁ କେତେ ଦୂର ପର୍ଯ୍ୟନ୍ତ ପକାଇପାରିବି ତାହା ପରୀକ୍ଷା କରିବାକୁ ହେବ। ପ୍ୟାରିସ୍ ଅଲିମ୍ପିକ୍ସ ପୂର୍ବରୁ ୩-୪ଟି ପ୍ରତିଯୋଗିତା ବାକି ଅଛି। ସେଠାରେ ଭଲ କରିବାକୁ ଚେଷ୍ଟା କରିବି ବୋଲି ନୀରଜ କହିଛନ୍ତି।

Printed and Published by Smt. Manasi Sahoo on behalf of Nishkarsha Media Entertainment & Publication. Published at Badachanchoo, Po- Nakhara, Via- Choudwar, Dist.Cuttack, PIN- 754025 (ODISHA).
Printed at Durga Madhav Printers, At- Bajrakbati Road, Po- Buxi Bazar, Dist-Cuttack (Odisha). Mob- 8895134289, 9938725879. Email : nishkarsha.media@gmail.com.
Our Website: nishkarsha.com
Editor : TAPAN KUMAR SAHOO
Email for Admin.: nishkarshamedia.admn@gmail.com, Email for Editor: nishkarsha.editor@gmail.com, Email for Advertisement: nishkarsha.advt@gmail.com
ସମ୍ପାଦକ : ତପନ କୁମାର ସାହୁ